

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୫ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 DECEMBER 2021
Vol.No. 32 ■ No. 320 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚାଷୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ହୋଇଥିଲା ଯୋଜନାବଦ୍ଧ ଷଡ଼ଯନ୍ତ୍ର : ଏସ୍ଆଇଟି



ନୂଆଦିଲ୍ଲୀ,୧୪/୧୨: ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ଚାଷୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରିବା ପାଇଁ ହୋଇଥିଲା ଯୋଜନାବଦ୍ଧ ଷଡ଼ଯନ୍ତ୍ର । ଏହା ଏକ ଦୁର୍ଘଟଣା କିମ୍ବା ବେପରୁଆ ଗାଡ଼ି ମାଡ଼ି ଯିବା ଭଳି ଘଟଣା ନୁହେଁ । ଯୋଜନା ମୁତାବକ ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇ ସେମାନଙ୍କୁ ହତ୍ୟା କରାଯାଇଛି ବୋଲି ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ(ଏସ୍ଆଇଟି) କହିଛି । ଏଥିସହ ଏସଆଇଟି ଘଟଣାରେ ଗିରଫ ହୋଇଥିବା କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରାଙ୍କ ସମେତ ୧୩ ଅଭିଯୁକ୍ତଙ୍କ ବିରୋଧରେ ଲାଗିଥିବା ଦଫାକୁ ବଦଳାଇବାକୁ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ(ଜେଏମସି)ଙ୍କ ନିକଟରେ ଆବେଦନ କରିଛି । ଏସ୍ଆଇଟିର ତଦନ୍ତକାରୀ ଅଧିକାରୀ ବିଦ୍ୟାରାମ ଦିବାକର ଗତ ସପ୍ତାହରେ ଜେଏମସି କୋର୍ଟରେ ନିଜର ଆବେଦନ ପତ୍ର ଦାଖଲ କରିଥିଲେ । ଏଥିରେ ସେ ଅଭିଯୁକ୍ତଙ୍କ ବିରୋଧରେ ଲାଗୁ ହୋଇଥିବା ଧାରା ୨୭୯, ୩୩୮ ଓ ୩୦୪ଏକୁ ବଦଳାଇ ଅନ୍ୟ କଠୋର ଦଫା ଲଗାଇବାକୁ କହିଛନ୍ତି । ଆବେଦନରେ ଅଧିକାରୀ ଜଣଙ୍କ କହିଛନ୍ତି, ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇବା ଘଟଣା ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଗୋଟିଏ ଅଂଶ । ଜାଣିଶୁଣି ସେମାନଙ୍କ ଉପରେ ଗାଡ଼ି ଚଢ଼ାଇ ଦିଆଯାଇଥିଲା । ଏହା ଆଦୌ ଦ୍ରୁତଗାଡ଼ି ଚାଳନା କିମ୍ବା କୌଣସି ଅଜଣା ଭୁଲ ନୁହେଁ । ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ ୩୦୭(ହତ୍ୟା ଉଦ୍ୟମ), ୩୨୬(ଇଚ୍ଛାକୃତ ଭାବେ ବିପଦଜନକ ଅସ୍ତ୍ରରେ ଅନ୍ୟକୁ ଆଘାତ ପହଞ୍ଚାଇବା) ଓ ୩୪ (ଗୋଟିଏ ଉଦ୍ଦେଶ୍ୟରେ ଏକାଧିକ ଲୋକ ଅପରାଧ ଘଟାଇବା) ଭଳି ଦଫା ଲାଗିବା ଦରକାର । ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ଲାଗୁ ହୋଇଥିବା ଧାରା ୨୭୯(ଖରାପ ଗାଡ଼ି ଚାଳନା), ୩୩୮(ଅଜାଣତରେ ବା ବେପରୁଆ ଢଙ୍ଗରେ ଅନ୍ୟକୁ ଆଘାତ ଦେବା) ଓ ୩୦୪ଏ(ଅବହେଳା ଜରିଆରେ ମୃତ୍ୟୁର କାରଣ ହେବା)କୁ ହଟାଯିବା ଦରକାର । ଅଭିଯୁକ୍ତଙ୍କ ବିଚାର ହତ୍ୟା ଉଦ୍ୟମ ଓ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଭଳି ଦଫାରେ କରାଯିବା ଉଚିତ ବୋଲି ସେ କହିଛନ୍ତି । ଅକ୍ଟୋବର ୩ରେ ଶତାଧିକ ଚାଷୀ ଲଖିମପୁର ଖେରିରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ବିରୋଧରେ ବିକ୍ଷୋଭ କରୁଥିଲେ । ଏହି ସମୟରେ ହଠାତ୍ ଗୋଟିଏ ମହିନ୍ଦ୍ରା ଥର ଆନ୍ଦୋଳନରତ ଚାଷୀଙ୍କ ଉପରେ ପଛ ପଟୁ ମାଡ଼ି ଯାଇଥିଲା । ଏଥିରେ ୪ ଜଣ ଚାଷୀଙ୍କ ଜୀବନ ଯାଇଥିଲା । ଏହାପରେ ଦେଖାଯାଇଥିବା ହିଂସାରେ ଗାଡ଼ିରେ ଥିବା ୩ ଜଣ ପ୍ରାଣ ହରାଇଥିଲେ । ସେହିପରି ଜଣେ ସାମ୍ବାଦିକଙ୍କର ମଧ ଜୀବନ ଯାଇଥିଲା । ଗାଡ଼ି ମାଡ଼ି ଯିବା ବେଳର ▶▶ପୃଷ୍ଠା ୭

# ଓମିକ୍ରନରେ ବିଶ୍ୱବ୍ୟାପୀ ବଢ଼ିପାରେ ମୃତ୍ୟୁସଂଖ୍ୟା : ହୁ




ନୂଆଦିଲ୍ଲୀ,୧୪/୧୨: ଓମିକ୍ରନକୁ ନେଇ ଚାରିଆଡେ ଚର୍ଚ୍ଚା ଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସାଂଘାତିକ କଥା କହିଛି । ସଙ୍ଗଠନ କହିଛି, ଆଗକୁ ବଢ଼ିପାରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ଏବଂ ଏହା କାରଣରୁ ମୃତ୍ୟୁ ମଧ ଚିନ୍ତା ବଢାଇପାରେ । ଓମିକ୍ରନ ସଂକ୍ରମଣ ସଂଖ୍ୟା ବଢ଼ିବ ଏବଂ ହସ୍ପିଟାଲରେ ଅଧିକ ଆକ୍ରାନ୍ତ ଭର୍ତ୍ତି ହେବେ ବୋଲି ପୂର୍ବାନୁମାନ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ବ୍ରିଟେନରୁ ଓମିକ୍ରନରେ ପ୍ରଥମ ମୃତ୍ୟୁ ଖବର ଆସିବା ପରେ ଏହି ଭାରିଏଣ୍ଟକୁ ନେଇ ଭୟ ଓ ସତର୍କତା ବଢ଼ିଛି । ଏତିକି ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯେଉଁ ପୂର୍ବାନୁମାନ କରିଛି, ତାହା ସତର୍କ ଘଣ୍ଟି ପାଲଟିଛି । ଡବ୍ଲୁଏଚଓ ପକ୍ଷରୁ କୁହାଯାଇଛି, ଓମିକ୍ରନ କେସ୍ ବଢ଼ିବ, ହସ୍ପିଟାଲରେ ଆକ୍ରାନ୍ତ ଭର୍ତ୍ତି ହେବେ, ଏହି ଭାରିଏଣ୍ଟରେ ମୃତ୍ୟୁ ସଂଖ୍ୟା ମଧ ବଢ଼ିପାରେ, ଓମିକ୍ରନକୁ ଠିକ୍ ଭାବେ ବୁଝିବାକୁ ଅଧିକ ତଥ୍ୟ ଆବଶ୍ୟକ, ଆକ୍ରାନ୍ତଙ୍କ ବିଷୟରେ ଅଧିକ ତଥ୍ୟ ଦେବାକୁ ଡବ୍ଲୁଏଚଓର ପରାମର୍ଶ, କରୋନାର ଆଗାମୀ ରୂପରେଖ ଓମିକ୍ରନ ଉପରେ ନିର୍ଭର କରୁଛି, ଅନୁଧ୍ୟାନ କରାଯାଉଛି, ଆଗକୁ ଅଧିକ ତଥ୍ୟ ପରେ ଚିତ୍ର ସ୍ପଷ୍ଟ ହେବ । ଓମିକ୍ରନକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସତର୍କ ଥିବା ବେଳେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ସମସ୍ତେ ଯଥାଶୀଘ୍ର ଟୀକା ନେବାକୁ ଅନୁରୋଧ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଟୀକା ନେଲେ ଗୁରୁତର ହେବା, ହସ୍ପିଟାଲାଇଜ୍ ହେବା ଏବଂ ମୃତ୍ୟୁମୁଖରେ ପଡିବାର ଆଶଙ୍କା କମ୍ ରହିଥିବା କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସମସ୍ତ ଜିଲ୍ଲାରେ ଏନେଇ ଟାସ୍କଫୋର୍ସ ଗଠନ ହୋଇଛି । କେଉଁ ବ୍ଲକରେ ଲୋକେ ଟୀକା ନେଇନାହାନ୍ତି ସେନେଇ ଅନୁଧ୍ୟାନ କରିବ ଟାସ୍କ ଫୋର୍ସ । ସିଡିଏମଓଙ୍କୁ ମଧ ଗାଁ ଗୁଡିକରେ ଟୀକା ନେଇନଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଶ୍ୱର ୬୦ରୁ ଅଧିକ ଦେଶରେ ଓମିକ୍ରନ ଚିହ୍ନଟ ହୋଇସାରିଲାଣି । ବ୍ରିଟେନରେ ୨୫୦ରୁ ଅଧିକ ଓମିକ୍ରନ ମାମଲା ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଦେଶରେ ମଧ ନୂଆ ମାମଲା ସାମ୍ନାକୁ ଆସୁଛି । ଚୀନରେ ମଧରେ ଓମିକ୍ରନ ଆକ୍ରାନ୍ତଙ୍କୁ ଠାବ କରାଯାଇଛି ।

## ଦେହ ଖରାପ ଥିବା ଦର୍ଶାଇ ପୁଣି ଛୁଟି ବଢାଇଲେ ସୁମିତ୍

ଭୁବନେଶ୍ୱର,୧୪/୧୨(ନି.ପ୍ର): କିଏ ଯୋଡିଦେବ ଭଙ୍ଗା ଘରକୁ ଏବେ ଏଭଳି ସ୍ଥିତିରେ ପହଞ୍ଚିଛି ବ୍ରହ୍ମପୁରର ବହୁଚର୍ଚ୍ଚିତ ତପସ୍ୱିନୀ-ସୁମିତଙ୍କ ସମ୍ପର୍କ । ୧୧ ଦିନ ଘର ଆଗରେ ଧାରଣାରେ ବସିବା ପରେ ତପସ୍ୱିନୀ-ସୁମିତଙ୍କୁ ଏକାଠି ରହିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆସିକାରେ ଉଭୟେ ସାତ ଦିନ ଏକାଠି ରହିବା ପରେ ଘଟଣା ଏବେ ପ୍ରତିଦିନ ଭିନ୍ନ ମୋଡ ନେଉଛି । ୫ ଦିନର ଛୁଟି ସରିଲା ପରେ ବି ଚାକିରିରେ ଯୋଗଦେଲେନି ସୁମିତ । ଅସୁସ୍ଥତା ଦର୍ଶାଇ ସେ ପୁଣି ୫ ଦିନ ଛୁଟି ପାଇଁ ବାଲିଶିରା ମେଡିକାଲ ଅଧିକାରୀଙ୍କୁ ମେଲ କରିଛନ୍ତି । ପୂର୍ବରୁ ସେ ୧୦ରୁ ୧୪ ତାରିଖ ଯାଏଁ ଛୁଟିରେ ଥିଲେ । ତେବେ ସୁମିତଙ୍କ ଓକିଲ କହିଛନ୍ତି, ଏହା କୋର୍ଟଙ୍କ ଆଦେଶର ଅବମାନନା ନୁହେଁ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ । ସେ ଏବେ ତାଙ୍କ ବନ୍ଧୁଙ୍କ ଘରେ ରହୁଛନ୍ତି । କୋର୍ଟ ନିର୍ଦ୍ଦେଶ ଅନୁସାରେ ଘର ଖୋଜା ଚାଲିଛି । ଏବେ ୫ ଦିନ ବିତିଗଲାଣି । ହେଲେ ସୁମିତ କୌଣସି ପ୍ରକାର ଯୋଗାଯୋଗ କରିନଥିବା ଅଭିଯୋଗ କରିଛନ୍ତି ତପସ୍ୱିନୀ ଦାସ । ସେ ଏବେ ନିଜ ଜୀବନକୁ ବିପଦ ଥିବା ଦର୍ଶାଇ ପୁଲିସଠୁ ସୁରକ୍ଷା ମାଗିଛନ୍ତି । ଏବେ ସ୍ୱାମୀଙ୍କ ବାଟକୁ ଅନାଇ ବସିଛନ୍ତି ସ୍ତ୍ରୀ ତପସ୍ୱିନୀ । କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗରେ କରିଛନ୍ତି ସାନି ପିଟିସନ । ଶେଷ ପର୍ଯ୍ୟନ୍ତ ନିଜ ସିନ୍ଦୁର ପାଇଁ ଲଢେଇ କରିବେ ବୋଲି ଦୃଢୋକ୍ତି ଦେଖାଇଛନ୍ତି । ଆଇନ ବ୍ୟବସ୍ଥା, କୋର୍ଟ କଚେରୀର ପରିଧି ଭିତରେ ଦୁଇ ମନକୁ ମିଶାଇବା ପାଇଁ କରାଯାଇଥିବା ଉଦ୍ୟମ ଯେତେବେଳେ ବିଫଳ ହେଉଛି, ଠିକ ସେତିକି ବେଳେ ଆଗାମୀ ଦିନରେ ଉଭୟଙ୍କ ଆଭିମୁଖ୍ୟ କଣ ରହିବ, ତା ଉପରେ ନଜର ରହିଛି ।

# ବିରୋଧୀଙ୍କ ବୈଠକରେ ତୃଣମୂଳ କଂଗ୍ରେସକୁ ନିମନ୍ତ୍ରଣ କଲେନି ସୋନିଆ



ନୂଆଦିଲ୍ଲୀ,୧୪/୧୨: ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରମାନେ ଗୋଟିଏ ଷ୍ଟେଜରେ ଅନେକ ବିରୋଧୀ ଦଳର ନେତାଙ୍କୁ ଦେଖିଥିଲେ । ମମତା ଓ ସୋନିଆ ଗୋଟିଏ ମଞ୍ଚରେ ଥାଇ ଶକ୍ତି ପ୍ରଦର୍ଶନ କରିଥିଲେ । ପରେ ଭାରତୀୟ ଜନତା ପାର୍ଟିର ବିଜୟ ପରେ ମମତା ଓ ସୋନିଆ ଉଭୟ ବାରମ୍ବାର ମୋଦୀ ସରକାରକୁ ମିଶି ଘେରିଥିଲେ । ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଓ ପରେ ମଧ ଅନେକ ବାର ସୋନିଆ ଓ ମମତା ଭେଟିଛନ୍ତି । ଏହି ଭେଟାଭେଟି ପରେ ବିରୋଧୀଙ୍କୁ ଏକଜୁଟ ହୋଇ କାମ କରିବାର ଆବଶ୍ୟକତା ରହିଛି ବୋଲି ମମତା ମତ ମଧ ଦେଇଥିଲେ । କିନ୍ତୁ ଏବେ ଏମିତି କଣ ହେଲା ଯେ ମମତା ଓ ସୋନିଆ ଗୋଟିଏ ନଇରେ ଦୁଇଟି ଭିନ୍ନ ନୌକା ନେଇ ଚାଲୁଛନ୍ତି ? ଶୀତକାଳିନ ଅଧିବେଶନରୁ ରାଜ୍ୟସଭାରୁ ନିଲମ୍ବିତ ସାଂସଦଙ୍କୁ ଭେଟିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପରେ ▶▶ପୃଷ୍ଠା ୭

# କେମିତି ହେଲା ଚିତ୍ତରଞ୍ଜନଙ୍କ ମୃତ୍ୟୁ ?



ଭୁବନେଶ୍ୱର,୧୪/୧୨(ନି.ପ୍ର): ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସହଯୋଗୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି । ଆଜି ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ଛାନଭିନ କରିଛନ୍ତି । କୁହାଯାଉଛି, ପୋଲିସର ଏହି ଛାନଭିନରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅପରାଧ ଘଟିଥିବା ସ୍ଥାନ ଓ ପାରିପାର୍ଶ୍ୱିକ ସ୍ଥିତିର ଭିଡିଓ ରେକର୍ଡିଂ ଓ ଅନୁସନ୍ଧାନୀ କୁକୁର ଲଗାଇ ଯାଞ୍ଚ କରାଯାଉଛି । ସବୁଠାରୁ ବଡ ପ୍ରଶ୍ନ ହେଉଛି, ଦୁର୍ଘଟଣା ଘଟିଛି ବୋଲି କୁହାଯାଉଥିବା ସ୍ଥାନରୁ ଅଧ କିଲୋମିଟର ଦୂରରେ ମୃତଦେହ କେମିତି ପଡିଲା । ଏହାଛଡା ଭୋଜି ସରିବା ପରେ ସେମାନେ ଏହି ନିକାଞ୍ଚନ ସ୍ଥାନକୁ କାହିଁକି ଯାଉଥିଲେ ? ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ

# ଓମିକ୍ରନରୁ ସୁରକ୍ଷା ଦେବ କୋଭିଡ୍ ଟିକା

ଭୁବନେଶ୍ୱର, ୧୪/୧୨ (ନି.ପ୍ର): କୋଭିଡ୍ ଟିକା ଓମିକ୍ରନରୁ ସୁରକ୍ଷା ଦେବ । ଏଣୁ ସମସ୍ତଙ୍କୁ ଯଥାଶୀଘ୍ର ଟିକା ନେବାକୁ ଅନୁରୋଧ କରିଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ । ସେ କହିଛନ୍ତି, କୋଭିଡ୍ ଟିକା ଶତ ପ୍ରତିଶତ ନ ହେଲେ ବି ଓମିକ୍ରନରୁ କିଛିଟା ସୁରକ୍ଷା ଦେବ । ଟିକା ନେଲେ ଗୁରୁତର ହେବା, ହସ୍ପିଟାଲାଇଜ ହେବା ଏବଂ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା କମ ରହିବ । ଲୋକଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବାକୁ ପ୍ରତି ଗାଁରେ ଥିବା ସାମାଜିକ କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି । ଅନ୍ୟ ରାଜ୍ୟରେ ଓମିକ୍ରନ ଚିହ୍ନଟ ହେବା ସହ ସଂକ୍ରମଣ ବଢୁଛି । ତେଣୁ ଯଥାଶୀଘ୍ର ଟିକା ନେବାକୁ ପଡ଼ିବ । ସମସ୍ତ ଜିଲ୍ଲାରେ ଟାସ୍କ ଫୋର୍ସ ଅଛି । କେଉଁ ବ୍ଲକରେ ଲୋକ ଟିକା ନେଇନାହାନ୍ତି ସେମାନେ ଅନୁଧ୍ୟାନ କରୁଛନ୍ତି । ସିଡିଏମଓମାନଙ୍କୁ ମଧ ଗାଁଗୁଡ଼ିକରେ ଟିକା ନେଇନଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି କୌଣସି ଗାଁରେ କିଛି ଲୋକ ଟିକା ନେଇ ନାହାନ୍ତି, ତାହେଲେ ସେମାନେ ସଂକ୍ରମିତ ହେବେ ।

## ରାଜ୍ୟରେ ଖୋଲିବ ୧୧ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ସାଇବର ଅପରାଧ ତଥା ତଦ୍ ଜନିତ ଆର୍ଥିକ ଅପରାଧକୁ ରୋକିବା ତଥା ଏଭଳି ଅପରାଧର ଶିକାର ହୋଇଥିବା ଲୋକମାନେ ଯେପରି ଉପଯୁକ୍ତ ନ୍ୟାୟ ପାଇପାରିବେ, ତାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଅଂଚଳରେ ଏଥିପାଇଁ ୧୧ଟି ସ୍ୱତନ୍ତ୍ର ଥାନା ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ବର୍ତ୍ତମାନ ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ରେ କାର୍ଯ୍ୟ କରୁଥିବା ତିନୋଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ର ଏହି ନୂଆ ବ୍ୟବସ୍ଥା ସହ ମିଶିଯିବ । ଏହା ଦ୍ୱାରା ଏହି ଥାନର ସଖ୍ୟା ୧୪ରେ ପହଂଚିଛି । ଏହି ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ୧୪ଟି ସ୍ଥାନରେ ପ୍ରତିଷ୍ଠା କରାଯିବ । ରାଜ୍ୟ ସଇବର ତଥା ଆର୍ଥିକ ଅପରାଧ ରୋକିବାରେ ଏହା ସହାୟକ ହେବା ସହିତ ଲୋକଙ୍କୁ ଶୀଘ୍ର ନ୍ୟାୟ ଦେବା ଦିଗରେ ଫଳପ୍ରଦ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ପିଲାଙ୍କ କରୋନା ଟିକା ଛଅ ମାସ ମଧ୍ୟରେ ହେବ ଉପଲବ୍ଧ




ନୂଆଦିଲ୍ଲୀ,୧୪/୧୨: ଆସନ୍ତା ୬ ମାସ ଭିତରେ କୁନି ପିଲାଙ୍କ ପାଇଁ ଉପଲବ୍ଧ ହେବ କୋଭିଡ୍ ଭ୍ୟାକ୍ସିନ୍ । ଯାହାକୁ ୩ ବର୍ଷରୁ କମ ବୟସର ଶିଶୁ ମଧ ନେଇପାରିବେ । କୋଭାଭାକ୍ସ ଏନେଇ ଜୋରସୋରରେ ନିଜ କାମ ଜାରି ରଖିଛି ବୋଲି କହିଛନ୍ତି ସିରମ୍ ଇନିଷ୍ଟିଚ୍ୟୁଟର ସିଇଓ ଅଦର ପୁନାୱାଲା । ସେ କହିଛନ୍ତି, ଆମର ଭ୍ୟାକ୍ସିନ୍ ଆସନ୍ତା ୬ ମାସ ଭିତରେ ପ୍ରସ୍ତୁତ ହୋଇଯିବ ଏବଂ ଲଞ୍ଚ ହେବ । କୋଭାଭାକ୍ସର ଏବେ ଟ୍ରାଏଲ ଚାଲିଛି । ଖୁବଶୀଘ୍ର ଏହା ପିଲାଙ୍କ ସୁରକ୍ଷା ପାଇଁ ବ୍ୟବହୃତ ହେବ । ତେବେ ସ୍ୱତନ୍ତ୍ର ଭାବେ ନିର୍ମାଣ ହେଉଥିବା ଏହି ଭ୍ୟାକ୍ସିନକୁ ୩ ବର୍ଷରୁ କମ ବୟସର ଶିଶୁମାନେ ମଧ ନେଇପାରିବେ ବୋଲି ପୁନାୱାଲା କହିଛନ୍ତି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା କୋଭିଡ୍ ଭ୍ୟାକ୍ସିନକୁ କେବଳ ୧୮ ବର୍ଷରୁ ଅଧିକ ବୟସର ଲୋକମାନେ ନେଇପାରୁଛନ୍ତି । ହେଲେ ପିଲାମାନଙ୍କ ପାଖରେ ସଂକ୍ରମଣ ଦେଖିବା ପରେ ଏନେଇ କାମ ଆରମ୍ଭ କରିଛନ୍ତି ଅନେକ ଟିକା ନିର୍ମାତା କମ୍ପାନୀ । ତେବେ ପୁନାୱାଲାଙ୍କ କହିବା କଥା, ପିଲାଙ୍କ ପାଖରେ କୋଭିଡର ସେତେଟା ଗୁରୁତର ଲକ୍ଷଣ ଦେଖିବାକୁ ମିଳିନି । ତେଣୁ ଚିନ୍ତା କରିବାର କୌଣସି କାରଣ ନାହିଁ । ଆସନ୍ତା ୬ ମାସ ଭିତରେ କୁନି ଶିଶୁଙ୍କ ପାଇଁ ମଧ ଟିକା ଉପଲବ୍ଧ ହେବ । ଯାହାକୁ ୩ ବର୍ଷରୁ କମ ବୟସର ଶିଶୁ ନେଇପାରିବେ ।

# ଡିଜେ ବାଜିଲେ, ବାଣ ଫୁଟିଲେ ଜଣାଅ : ଡିସିପି

ଭୁବନେଶ୍ୱର,୧୪/୧୨ (ନି.ପ୍ର): ବିବାହ ସମୟରେ କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ହେଉଛି । କୋଭିଡ୍ ନିୟମ ନମାନି ବିବାହ ପ୍ରସେସନରେ ଡିଜେ ବାଜୁଛି ଓ ବାଣ ଫୁଟୁଛି । ପ୍ରସେସନ ସମୟରେ ଏହା କରିବାକୁ ଅନୁମତି ଦିଆଯାଇନାହିଁ । ଏଭଳି ନିୟମ ଉଲ୍ଲଂଘନ କରାଯାଉଥିବାର ଅଭିଯୋଗ ଆସୁଛି । ଏହି ନିୟମ ଉଲ୍ଲଂଘନ ହେଉଥିବାର ଦେଖିଲେ ପୁଲିସକୁ ତୁରନ୍ତ ଜଣାଇବାକୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ଡିସିପି ଉମା ଶଙ୍କର ଦାସ । ସେ କହିଛନ୍ତି, ୦୬୭୪-୨୫୪୦୨୯୪ ଟେଲିଫୋନ୍ ନମ୍ବରକୁ ଫୋନ କରି ଜଣାନ୍ତୁ । ଆଇନ ଉଲ୍ଲଂଘନ କଲେ ଅର୍ବାନ ପୁଲିସ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ଡିସିପି ।

# କଂଗ୍ରେସ ଭବନରେ ପଶି ପୋଲିସର ମାଡ ପ୍ରତିବାଦରେ ଭୁବନେଶ୍ୱର ଓ କଟକ ଡିସିପି କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ମମିତା ମେହେର ମାମଲାରେ ଆନ୍ଦୋଳନ ବେଳେ କଂଗ୍ରେସଭବନ ମଧରେ ପ୍ରବେଶ କରି ପୋଲିସ ମାଡ ମାରିବା ପ୍ରତିବାଦରେ ଆଜି ଭୁବନେଶ୍ୱର ଓ କଟକ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି । ଭୁବନେଶ୍ୱରରେ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଛାତ୍ର କଂଗ୍ରେସ ସଭାପତି ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ସେହିପରି ରାଜ୍ୟର ସମସ୍ତ ଏସପି ଅଫିସ ସାମନାରେ ମଧ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିବା ନେଇ ପିସିସି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଧାରଣାରେ ଯୋଗଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଆନ୍ଦୋଳନର ଛାତ୍ର କଂଗ୍ରେସ କର୍ମୀଙ୍କୁ କଂଗ୍ରେସ ଭବନ ପରିସରରେ ପୋଲିସ୍‌ର ଅମାନୁଷିକ ଓ ବର୍ବରୋଚିତ ଆକ୍ରମଣ ନିନ୍ଦନୀୟ ଏବଂ ଡିସିପି ଏହି ବିଷୟରେ ଅବଗତ ନୁହଁନ୍ତି ବୋଲି ମନ୍ତବ୍ୟ ଦେବା ଲଜ୍ଜାଜନକ ବିଷୟ । ସେହିପରି ଧାରଣାରେ ଯୋଗ ଦେଇଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଉପସଭାପତି ଶିବାନନ୍ଦ ରାୟ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ୍, ସାଧାରଣ ସମ୍ପାଦକ କିଶୋର ଜେନା, ମନୋରଞ୍ଜନ ଦାଶ, ମନୋଜ ବିଶ୍ୱାଳ, ରଶ୍ମି ମହାପାତ୍ର, ନିହାର ରଞ୍ଜନ ବେହେରା, ପ୍ରଭାବତୀ ପଟ୍ଟନାୟକ ପ୍ରମୁଖ ତାଙ୍କ ଭାଷଣରେ ବିଜେଡି ସରକାର ଓ ପୋଲିସ୍ ପ୍ରଶାସନକୁ ଦୃଢ଼ ନିନ୍ଦା ଓ ଭର୍ତ୍ସନା କରିଥିଲେ । ଏହି ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ମଧାହ୍ନ ୧ଟାରେ ▶▶ପୃଷ୍ଠା ୭

# ସେବାସ୍ତମ୍ଭର ବାର୍ଷିକ ସମ୍ମିଳନୀ

ରାଇରଙ୍ଗପୁର,୧୪/୧୨ (ନି.ପ୍ର): ଅଖିଳ ଭାରତୀୟ ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ (ସେବାସ୍ତମ୍ଭ)ର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଡାକବଙ୍ଗଳାରେ ସାମାଜିକ ଦୂରତ୍ୱ ସହିତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଜଗତ ମାଝିଙ୍କ ଅନୁପସ୍ଥିତିରେ ଉପସଭାପତି ପ୍ରତାପ ହେମ୍ବ୍ରମ ଏଥିରେ ସଭାପତିତ୍ୱ କରିଥିଲେ । ଉପଦେଷ୍ଟା ମୋଚିରାମ ମାଝୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୋଅର ହୁସେନ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସମ୍ପାଦକ ବିଜୟ ରାମ ଯୋଗଦେଇ ସଂରକ୍ଷଣ ର ସଂରକ୍ଷଣ ଉପରେ ଚର୍ଚ୍ଚା କରିଥିଲେ । ମୁଖ୍ୟବକ୍ତା ଭାବେ କୁସୁମି ବିଡିଓ ଲକ୍ଷ୍ମଣ ସୋରେନ ଏବଂ ସାବିତ୍ରୀ ହାଁସଦା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ହୃଦୟ ନନ୍ଦନ ଟୁଡୁ, ପ୍ରତାପ ଚନ୍ଦ୍ର ହେମ୍ବ୍ରମ ଏବଂ ରାଜେନ୍ଦ୍ର ହେମ୍ବ୍ରମଙ୍କୁ ତାଙ୍କ କୃତିତ୍ୱ ପାଇଁ ମହାସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. ସାଗରାମ ଟୁଡୁ, ବିଭୂତିଭୂଷଣ ପାତ୍ର, ଗୋପାଳକୃଷ୍ଣ ମହାନ୍ତି, ଧନଞ୍ଜୟ ମାରାଣ୍ଡି, ଡା. ରମେଶ ଚନ୍ଦ୍ର ମାରାଣ୍ଡି, ଦୁଖିଶ୍ୟାମ ମାଝି, ଡା. ମୋଚିରାମ ହେମ୍ବ୍ରମ, ଗଙ୍ଗାମଣି ମାଝି, ଦୁର୍ଗା ଚରଣ ବେଶ୍ରା, ଲକ୍ଷ୍ମଣ ମାରାଣ୍ଡି, ଶ୍ୟାମ ଚରଣ ମାଝି, କିରତୁ ମୁର୍ମୁ, ଭକ୍ତୁ ହେମ୍ବ୍ରମ ଓ ଅନ୍ୟ କର୍ମଚାରୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାଶେଷରେ ରାଜେଶ କୁମାର ରାମ ତାଙ୍କର ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ ।

# କଣାସ ପଚାଂୟତ ସମିତି କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରି ସର୍ବଦଳ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ

କଣାସ,୧୪/୧୨ (ନି.ପ୍ର): ଗତ ନଭେମ୍ବର ୧୦ ତାରିଖ ଦିନ କଣାସ ପଚାଂୟତ ସମିତିର ବୈଠକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କଣାସ ପଚାଂୟତ କାର୍ଯ୍ୟାଳୟରେ ସ୍ଥାନ ଅଭାବରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇ ସ୍ଥାନାନ୍ତରିତ କରିବା ପାଇଁ ଏକ ପ୍ରସ୍ତାବ ଆଗତ ହୋଇଥିଲା । ଏହାକୁ ବିରୋଧ କରି ବିଜେପି, କଂଗ୍ରେସ, ସିପିଆଇଏମଏଲ ଓ କଣାସ ଅଂଚଳର ବୁଦ୍ଧିଜୀବିମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେବା ସହ ବାରମ୍ବାର ବୈଠକ ଅନୁଷ୍ଠିତ ହୋଇଆସୁଥିଲା । ଆଜି ସର୍ବଦଳ ପକ୍ଷରୁ କଣାସ ପଚାଂୟତ ସମିତି କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧକରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମେ ଦୋକନ୍ଦା ମେଳଣ ପଡିଆ ଠାରୁ ଏକ ବିରାଟ ଶୋଭାଯାତ୍ରା ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ, ବ୍ଲକ ବଜାର ଦେଇ ପଚାଂୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ସହିଦ ପଡିଆରେ ପହଂଚିଥିଲା । ସେଠାରେ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଗଣବିକ୍ଷୋଭରେ ଯୋଗଦେଇଥିବା ଅତିଥିମାନେ ବ୍ଲକର ପ୍ରତିଷ୍ଠାତା ସତ୍ୟବାଦୀ ତ୍ରିପାଠୀ, ସ୍ୱାଧିନତା ସଂଗ୍ରାମୀ ବିଶ୍ୱନାଥ ପରିଡା, ଗୋପବନ୍ଧୁ ଏବଂ ସହିଦ ପ୍ରମୋଦ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ରାମଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେପିର ବରିଷ୍ଠନେତା କୃଷ୍ଣଚନ୍ଦ୍ର ଜଗଦେବ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ଅଶୋକ ପ୍ରଧାନ, ବିଜେପି ଯୁବନେତା ଓମ ପ୍ରକାଶ ମିଶ୍ର, କାମାକ୍ଷା ପ୍ରଧାନ, କଣାସ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶିଳକାନ୍ତ ରାଉତ, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ଭଗବାନ ସୁବୁଦ୍ଧି, ଜନ୍ମେଶ୍ୱର ସାମନ୍ତରାୟ, ଲକ୍ଷ୍ମୀଧର ଜଗଦେବ, ଯୁଧିଷ୍ଠୀର ମହାପାତ୍ର, ବିଶ୍ୱଜିତ୍ ବଡଜେନା ପ୍ରମୁଖ ଯୋଗଦେଇ କଣାସ ପଚାଂୟତ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବକୁ ଦୃଢ ବିରୋଧ କରିବା ସହିତ ବ୍ଲକ କାର୍ଯ୍ୟାଳୟକୁ ଲାଗି ସହନାଗ୍ରାମର ବ୍ରଜ ସାମନ୍ତରାୟଙ୍କ ଜମି ଥିବାରୁ ତାଙ୍କଠାରୁ ଜମିକ୍ରୟକରି ବ୍ଲକ କାର୍ଯ୍ୟାଳୟ ସମ୍ପ୍ରସାରଣ କରିବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ । କିଛି କୁଚକ୍ରି ଗୋଷ୍ଠୀ ବ୍ଲକ ସ୍ଥାନାନ୍ତରିତ କରିବାପାଇଁ ଚେଷ୍ଟା କରୁଥିବାରୁ ତାହାକୁ ସଫଳ କରାଇ ଦିଆଯିବ ନାହିଁ ବୋଲି ଆଜି ଗଣବିକ୍ଷୋଭ ପ୍ରତିବାଦ ସଭାରେ ମତ ପ୍ରକାଶ ପାଇଥିଲା ।

# ମୃତ୍ୟୁସହ ସଂଗ୍ରାମ କରୁଛି ୧୧ ବର୍ଷର ଝିଅ ହିଷିତା : ସହାୟତା ପାଇଁ ନିବେଦନ

ଖୋର୍ଦ୍ଧା,୧୪/୧୨ (ନି.ପ୍ର): କୋମଳମତି ଝିଅ ବୟସ ହେବ ପାଖାପାଖି ୧୧ । ଆଖିରେ ଆଖିଏ ସ୍ୱପ୍ନ । ବଡ଼ହେଲେ ଡାକ୍ତର ହେବି । ଗରିବଙ୍କ ସେବା କରିବି । କିନ୍ତୁ, ଝିଅଟି ଉପରେ ଦାଉ ସାଧିଲା ଦଇବ । ଅଧାରୁ ପାଠ ପଢା ଛାଡିବାକୁ ପଡ଼ିଲା । କାରଣ ଝିଅଟିର ଉଭୟ କିଡ଼ନୀ ନଷ୍ଟ ହୋଇଯାଇଛି । ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି । ଅତି ଗରିବ ପରିବାରର ଝିଅ ହୋଇଥିବାରୁ ବର୍ତମାନ ପରିସ୍ଥିତିରେ ଝିଅଟିର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରିବାର ପକ୍ଷେ ସମ୍ଭବ ନୁହେଁ । ପିତାଙ୍କ ପରିସ୍ଥିତି ଏପରି ଯେ, ଖାଇବା ପାଇଁ ପାଖରେ ପଇସା ନଥିବାରୁ ବାଧହୋଇ ଘର ଛାଡି ସୁଦୂର କୋଲକାତାରେ ଏକ ଘରୋଇ ହୋଟେଲରେ କ୍ଲିନର ଭାବେ କାମ କରନ୍ତି । ଏଭଳି ଦାରୁଣ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ କୁଲେଇ ପଚାଂୟତ ଅନ୍ତର୍ଗତ ବିଂଝଳା ଗ୍ରାମର ଛୋଟ ଝିଅ ହିଷିତା ନାୟକଙ୍କ ପକ୍ଷେ । ବାପା ମଦନ ନାୟକ କୋଲକାତାରେ ମୂଲ ଲାଗନ୍ତି । ପରିବାର କହିଲେ ଗୋଟେ ଛୋଟ ଭାଇ, ମା' ଏବଂ ବାପା । ତେବେ ୨୦୧୫ ରେ ହିଷିତା ବିଂଝଳା ଗ୍ରାମରେ ରହୁଥିବା ବେଳେ ହଠାତ୍ ତାଙ୍କ ଦେହ ଫୁଲିବାକୁ ଲାଗିଲା । ଚିକିତ୍ସା କରାଇବାରୁ ଜଣାପଡ଼ିଲା ଯେ, ଝିଅର ଗୋଟେ କିଡ଼ନୀ ନଷ୍ଟ ହୋଇଯାଇଛି । ରୋଗଗ୍ରସ୍ତ ହେତୁ ପଚଂମ ଶ୍ରେଣୀରୁ ପାଠପଢ଼ା ଛାଡିବାକୁ ପଡ଼ିଲା ହିଷୀତାଙ୍କୁ । ଶରୀର ସୁସ୍ଥ ପାଇଁ ଘରେ ରହି ସେବେଠାରୁ ଔଷଧ ଖାଇ ଚିକିତ୍ସିତ ହୋଇ ଆସୁଛନ୍ତି । ତେବେ ଏକ ମାସ ପୂର୍ବେ ହିଷୀତାଙ୍କ ଦେହ ପୁନର୍ବାର ଗୁରୁତର ହେବାରୁ ପରିବାର ଲୋକେ କୋଲକାତାରେ ଟେଷ୍ଟ କରିବାରୁ ଜଣାପଡ଼ିଲା ତାଙ୍କର ଦ୍ୱିତୀୟ କିଡ଼ନୀ ମଧ ନଷ୍ଟ ହୋଇଯାଇଛି । ଏହା ଜାଣି ବାପା ମା' ଙ୍କ ମୁଣ୍ଡରେ ଚଡ଼କ ପଡିଯାଇଛି । କିପରି ପିଲାଟିକୁ ବଂଚାଇବେ କିଛି ବୁଦ୍ଧି ବାଟ ଦିଶୁନାହିଁ । ଡାକ୍ତର କହୁଛନ୍ତି, ଯଥାଶୀଘ୍ର ୧୫ ଦିନ ମଧ୍ୟରେ ୧୫ ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ । ଯାହାଦ୍ୱାରା ଗୋଟାଏ କିଡ଼ନୀ ଟ୍ରାନ୍ସପ୍ଲାଂଟ ହୋଇପାରିବ ଏବଂ ଝିଅଟି ବଂଚିପାରିବ । ଏବେ ଝିଅଟିର ଡ଼ାଇଲିସିସ ଚାଲିଛି । ଏପରିକି ବାପା ମଦନଙ୍କ ପାଖେ ସେହି ପରିମାଣରେ ଝିଅର ଚିକିତ୍ସା ପାଇଁ ଅର୍ଥ ନାହିଁ । ମଦନ କୋଲକାତାରେ ଦିନ ମଜୁରିଆ ଭାବେ କାମ କରି ମାସକୁ ଅନ୍ୟୁନ ୧୫ ହଜାର ପାରିଶ୍ରମିକ ପାଉଥିବା ବାପାଟି ଝିଅ ପାଇଁ ୧୫ ଲକ୍ଷ କୁଆଡୁ ଆଣିବ କହି ପାଗଳଙ୍କ ପରି କାନ୍ଦୁଥିବାର ଦେଖାଯାଇଛି । ସୁଦୂର କୋଲକାତାରୁ ଗଣମାଧ୍ୟମ ଜରିଆରେ ସେ ତାଙ୍କ ଝିଅଙ୍କୁ ବଂଚାଇବା ପାଇଁ ଆକୁଳ ନିବେଦନ କରିଛନ୍ତି । ଏଥିପାଇଁ ଓଡିଶା ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲାପାଳ, ଚିଲିକା ବିଧାୟକ ଏବଂ ଜନସାଧାରଣଙ୍କୁ ଆକୁଳ ନିବେଦନ କରିଛନ୍ତି ବାପା ମଦନ । ଝିଅଟି ବର୍ତମାନ କୋଲକାତା ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଚାଇଲଡ ହେଲଥ ନାମକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତିବିଶେଷ ଛୋଟ ଝିଅଟିର ଜୀବନ ବଂଚାଇବା ପାଇଁ ଆର୍ଥିକ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ତାଙ୍କ ପିତା ମଦନ ନାୟକଙ୍କ ବ୍ୟାଙ୍କ ଆକାଉଂଟ ଏବଂ ଫୋନ୍ ପେ ନମ୍ବରରେ ଅର୍ଥ ପଠାଇବାକୁ ମଦନ ଅଶ୍ରୁଳ ନିବେଦନ କରିଛନ୍ତି । ସେଥିପାଇଁ ମୋବାଇଲ ନମ୍ବର ୯୯୦୩୩୮୩୭୫୩ ରେ ଯୋଗାଯୋଗ କରି କିଛି ଆର୍ଥିକ ସାହାଯ୍ୟ କଲେ ପିଲାଟିର ଜୀବନ ବଂଚିଯାଇ ପାରନ୍ତା । ତେବେ ନିମ୍ନଲିଖିତ ବ୍ୟାଙ୍କ ବିବରଣୀ ମାଧ୍ୟମରେ ଆପଣମାନେ ମଧ କୁନି ଝିଅଟିକୁ ଆର୍ଥିକ ସାହାଯ୍ୟ କରିପାରି ତାର ଜୀବନ ବଂଚାଇବାରେ ସହାୟକ ହୋଇପାରିବେ ।

ବ୍ୟାଙ୍କ- ଇଣ୍ଡିଆନ ବ୍ୟାଙ୍କ,
ଆକାଉଂଟ ହୋଲଡ଼ର ନାମ- ମଦନ ନାୟକ, ଶାଖା- ଟଲିଗଞ୍ଜ, କୋଲକାତା
ଆକାଉଂଟ ନମ୍ବର- ୪୪୮୭୫୪୩୦୨,
ଆଇଏଫଏସସି କୋଡ଼- ଆଇଡିଆଇବି୦୦୦ଟି୦୫୧
ଫୋନ ପେ ନମ୍ବର- ୯୯୦୩୩୮୩୭୫୩,
ଯୋଗାଯୋଗ ନମ୍ବର- ୯୯୦୩୩୮୩୭୫୩ ରହିଛି ।

# ରାଜ୍ୟପାଳଙ୍କ ଦ୍ୱାରା ପୁସ୍ତକ ଲୋକାର୍ପିତ

ନୂଆପଡା,୧୪/୧୨ (ନି.ପ୍ର): ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ 'ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ' ର ଏକ ପ୍ରତିନିଧି ଦଳ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନ ଠାରେ ସାକ୍ଷାତ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ କରକମଳରେ ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ, ଖଡ଼ିଆଳର ତିନୋଟି ଓଡ଼ିଆ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଏହି ପୁସ୍ତକ ଗୁଡିକ ହେଲା ଲୋହିତାକ୍ଷ ଯୋଷୀ, ସାମୁଏଲ ଦାନୀ ଓ ଡ଼ଃ ସୁଶାନ୍ତ କୁମାର ବିଶିଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ପଣ୍ଡିତ ପ୍ରୟାଗଦତ୍ତ ଜୋଷୀ ରଚନା ସମଗ୍ର : ପ୍ରଥମ ଖଣ୍ଡ', ସାମୁଏଲ ଦାନୀଙ୍କ ଓଡ଼ିଆ ଉପନ୍ୟାସ 'ମରୁଡି ୧୯୬୫' ଓ ଡ଼ଃ ସୁଶାନ୍ତ କୁମାର ବିଶି ଙ୍କ ଲିଖିତ ଓଡ଼ିଆ ସମାଲୋଚନା ପୁସ୍ତକ ' ଓଡ଼ିଆ ସାହିତ୍ୟ : ବିମ୍ବ ଓ ପ୍ରତିବିମ୍ବ' । ଏହି ତିନୋଟି ଯାକ ପୁସ୍ତକ କାବ୍ୟଲୋକ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ହୋଇଛି । ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ରେଭେନ୍ସା ମହାବିଦ୍ୟାଳୟ ର ପ୍ରାକ୍ତନ ଇଂରାଜୀ ପ୍ରଫେସର ସୁଧୀର କୁମାର ଯୋଷୀ, ଅନୁଷ୍ଠାନ ର ସଭାପତି ଅଧ୍ୟାପିକା ସଂଜୀବନୀ ସୁଧା ରଥ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ଡଃ ସୁଶାନ୍ତ କୁମକ୍ଷର ବିଶି, ଇଞ୍ଜିନିଅର ସୁନୀଲ କୁମାର ଦଣ୍ଡସେନା, ପ୍ରକାଶକ ଭିକାରି ଧଳ ଓ ଶ୍ରୀମତୀ ରଶ୍ମିତା ଦଣ୍ଡସେନା ଉପସ୍ଥିତ ଥିଲେ । ଏହି ଅବସରରେ ଲୋହିତାକ୍ଷ ଯୋଷୀ ପୁସ୍ତକ ମାନଙ୍କ ସମ୍ବନ୍ଧରେ ମାନ୍ୟବର ରାଜ୍ୟପାଳଙ୍କୁ ସମ୍ୟକ ସୂଚନା ଦେଇଥିଲେ ।

# ବାସୁଦେବପୁରରେ କୁରାଳ ପଂଚମୀ ଉଦ୍‌ଯାପିତ

ଧର୍ମଶାଳା,୧୪/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ବାସୁଦେବପୁର ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କୁରାଳ ପଂଚମୀ ମହାସମାରୋହରେ ପାଳିତ ହୋଇଯାଇଛି । କୁମାର ସମ୍ପ୍ରଦାୟର ବହୁ ପୁରାତନ ଏହି ପୂଜା ଆନନ୍ଦ ଉଲ୍ଲାସର ସହ ବିଧି ରକ୍ଷା ନିମନ୍ତେ କୋଭିଡ କଟକଣା ମଧ୍ୟରେ ପାଳିତ ହୋଇଛି । ପ୍ରଥମ ଦିବସରେ ସ୍ଥାନୀୟ କେଲୁଅ ନଦୀ ଅବବାହିକାରୁ କଳସ ପୂଜା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଶିଷ୍ଟ ପଣ୍ଡିତ ନାରାୟଣ ପଣ୍ଡିତଙ୍କ ତତ୍ୱବଧାନରେ କର୍ତାଭାବେ ବିଷ୍ଣୁ ଚରଣ ସାହୁ ଓ ଉପକର୍ତାଭାବେ ରମେଶ ବେହେରାଙ୍କ ଉପସ୍ଥିତିରେ ରହି ପୂଜାକର୍ମରେ ସହଯୋଗ କରିଥିଲେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରାମର ନରେନ୍ଦ୍ର ସାହୁ, ଶରତ ସାହୁ, କୁଳମଣୀ ସାହୁ, ବୀର କିଶୋର ସାହୁ, ରବିନ୍ଦ୍ର ସାହୁ, ବିପିନ ସାହୁ,ମାୟାଧର ସାହୁ, ଶ୍ୟାମସୁନ୍ଦର ବେହେରା ଓ ଜଗତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୧୪/୧୨ (ନି.ପ୍ର): ନାବାଳିକାକୁ ଦୁଷ୍କର୍ମ ମାମଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ରେ ରାୟ ର ଶୁଣାଣି ହୋଇଛି । ଜଜ୍ ପ୍ରଦିପ କୁମାର ସାସମଲ୯ ଜଣ ସାକ୍ଷ୍ୟ ଆଧାରରେ ଅଭିଯୁକ୍ତ ନବରଙ୍ଗପୁର ଜିଲା ତେନ୍ତୁଳିଖୁଂଟିର ଭଗବାନ ଜାନୀ କୁ ଦଣ୍ଡିତ କରିଛନ୍ତି । କୋର୍ଟ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦାୟ ଅଧିକା ୬ ମାସ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟ ରେ ଶୁଣାଣି କରିଛନ୍ତି । ମାମଲା ବିବରଣୀରୁ ପ୍ରକାଶ ଯେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଂଟିର ଭଗବାନ ଜାନୀ ବିସିଂପୁର ଅଂଚଳରେ ଜଣକ ଘରେ କାମ କରିବାକୁ ଆସିଥିଲେ । ଉକ୍ତ ଅଂଚଳର ନାବଳିକା ନିଳଗିରି ଜଙ୍ଗଲକୁ ଶୌଚ ପାଇ ଯାଇଥିବା ବେଳେ ଗତ ୩.୧୨.୨୦୧୮ ତାରିଖରେ ଅଭିଯୁକ୍ତ ଜଣକ ତାଙ୍କ ସହ ଦୁଷ୍କର୍ମ କରିଥିଲେ । ନାବାଳିକାର ପାଟି ଶୁଣି ପାରିବାର ଲୋକେ ଜଙ୍ଗଲକୁ ଦୌଡି ଯିବା ସମୟରେ ଅଭିଯୁକ୍ତ ଚମ୍ପଟ ମାରିଥିଲା । ଏନେଇ ନାବାଳିକାର ପରିବାର ତରଫରୁ ବିସିଂପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତି କରି ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିଲା । କୋର୍ଟ ପିଡିତାକୁ ସରକାରଙ୍କ ତରଫରୁ ୨ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ବି ଗାୟତ୍ରୀ ଦେବି ଓ ସୁଧିର ତ୍ରିପାଠି ପରିଚାଳନା କରିଥିଲେ ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର,୧୪/୧୨ (ନି.ପ୍ର): ମହିଳାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ ରାଉରକେଲାର ପୂର୍ଣ୍ଣିମା ପଣ୍ଡା ଗତ ୧୦.୭.୨୦୧୯ ତାରିଖରେ କୋରାପୁଟ ଜିଲ୍ଲା କୋଲାବନଗରର ପ୍ରଶାନ୍ତ କୁମାର ପଣ୍ଡାକୁ ବିବାହ କରିଥିଲେ । ବିବାହର ୧ ମାସ ଠିକ ଠାକ ଚାଲିଥିବା ବେଳେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ପୂର୍ଣ୍ଣିମା କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ପୂର୍ଣ୍ଣିମା କୋର୍ଟରେ ଓାନସିସି ମାମଲା ଦାୟର କରିଥିଲେ । କୋର୍ଟ ଙ୍କ ନିର୍ଦେଶ କ୍ରମେ ଜୟପୁର ମହିଳା ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବିଷୟ ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି । ତାଙ୍କ ସ୍ୱାମୀ ମଧ ନିର୍ଯାତନା ଦେଇ କିଛି ନକହି କାମ କରୁଥିବା ବସ୍ନେ ଚାଲି ଯାଇଛନ୍ତି । ଫୋନ ମଧ ସୁଇଚ ଅଫ ରହିଥିବା ପୋଲିସ ଆଗରେ ବୟାନ ଦେଇଛନ୍ତି ପୀଡିତା ମହିଳା ।

# ଜୋତା ଗୋଦାମ ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଧ୍ୱଂସ

କେନ୍ଦ୍ରାପଡ଼ା,୧୪/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମେନରୋଡ (ବଡହାଟ)ଠାରେ ଥିବା ଏକ ଜୋତା ଗୋଦାମ ଘରେ ନିଆଁ ଲାଗିଯିବା ଫଳରେ ପ୍ରାୟ ଲକ୍ଷାଧିକ ଟଙ୍କାର ଜୋତା ପୋଡି ପାଉଁଶ ହୋଇଯାଇଛି । ସେକ୍ ଲୋକମାନଙ୍କ ଏହି ଗୋଦାମ ଘରେ ଅପରାହ୍ନ ସମୟରେ ସଟ୍ ସର୍କିଟ୍ ଦ୍ୱାରା ନିଆଁ ଲାଗି ଯାଇଥିଲା । ଫଳରେ ବହୁ ଜିନିଷପତ୍ର ପୋଡି ଯାଇଛି । ଅଗ୍ନିଶମ ବିଭାଗ ଖବରପାଇ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ ।

# କଳିଙ୍ଗ ଭାରତୀ ଫାଉଣ୍ଡେସନ ପକ୍ଷରୁ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ

ସାଲେପୁର,୧୪/୧୨ (ନି.ପ୍ର): କଳିଙ୍ଗ ଭାରତୀ ଫାଉଣ୍ଡେସନ ତରଫରୁ ନେତାଜୀ ସୁବାଷ ବୋଷଙ୍କ ୧୨୫ତମ ଜନ୍ମ ଜୟନ୍ତୀ ରାଜସ୍ଥାନର ଭିୱାଡିସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାସାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ହେଲିକ୍ୟାପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସେନାର ମୁଖ୍ୟ ମୃତ୍ୟୁବରଣ କରିଥିବା ସିଡିଏସ ବିପିନ୍ ରାୱାତ ସମେତ ଅନ୍ୟ ଜୱାନମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜରେ ଭାଗ ନେଇଥିବା ଅନେକ ସହୀଦ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ କଳିଙ୍ଗ ଭାରତୀ ଫାଉଣ୍ଡେସନର ପ୍ରତିଷ୍ଠାତା, ରାଷ୍ଟ୍ରୀୟ ଅଧ୍ୟକ୍ଷ, ବିଶିଷ୍ଟ ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ । ନେତାଜୀଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଭାରତ ସରକାରଙ୍କ ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ କମିଶନର ତଥା କଳିଙ୍ଗ ଭାରତୀ ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ଶ୍ରୀ ଏନ୍ ମିଶ୍ର ଫାଉଣ୍ଡେସନର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ସୁବାଷ ବୋଷଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବ୍ୟାଙ୍କ ଅଫ୍ ଆମେରିକାର ମାନବ ସମ୍ବଳ ବିଭାଗର ଉପସଭାପତି ତଥା କଳିଙ୍ଗ ଭାରତୀ ଫାଉଣ୍ଡେସନର ଆର୍ନ୍ତଜାତୀୟ ସଂଯୋଜକ ସଂଜୟ କୁମାର ଦାସ ନେତାଜୀଙ୍କ ବିରତ୍ୱପୂର୍ଣ୍ଣ ସଂଗ୍ରାମ ସମ୍ପର୍କରେ ସୂଚନା ଦେଇଥିଲେ । ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦୦ ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡିଆ ଯୋଗଦେଇଥିଲେ । ଏହିଭଳି କାର୍ଯ୍ୟକ୍ରମରେ ପୂର୍ବରୁ ମଧ ଭାରତୀୟ ସେନାଧକ୍ଷର ଉପମୁଖ୍ୟ ତଥା କଳିଙ୍ଗ ଭାରତୀ ଫାଉଣ୍ଡେସନର ଚିଫ୍ ମେଂଟ୍ରୋନ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ଅଧକ୍ଷତା କରିଥିଲେ । ଆଜିର କାର୍ଯ୍ୟକ୍ରମରେ ରାଜେନ୍ଦ୍ର ନାୟକ, ନବୀନ କିଶୋର ଲେଙ୍କା, ଅମୀୟ ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ଅନନ୍ତ ସାମଲ, ଅନୀଲ ଜେନା, ବିଜୟ ମିଶ୍ର, ଅକ୍ଷୟ ଓଝା, ଗୋବିନ୍ଦ ବେହେରା, ଜୟପ୍ରକାଶ ସ୍ୱାଇଁ, ସରୋଜ ନାୟକ, ସଂଗ୍ରାମ ପାଣିଗ୍ରାହୀ ପରିଚାଳନାରେ ସହଯୋଗ କରିଥିଲେ । ଆଗାମୀ ଦିନରେ ନେତାଜୀଙ୍କ ଜନ୍ମସ୍ଥଳୀ ତଥା କଟକର ସହୀଦ ଭବନରେ ହରିଆନା ରାଜ୍ୟର ଗୁଡଗାଓଁରେ ଏବଂ ନେତାଜୀଙ୍କ କର୍ମସ୍ଥଳୀ କଲିକତାରେ ସୁବାଷ ବୋଷ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କଳିଙ୍ଗ ଭାରତୀ ଫାଉଣ୍ଡେସନ ଓଡିଶା ଶାଖାର ସାଧାରଣ ସଂପାଦିକା ରଶ୍ମିତା ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଭୂମିପୂଜନ

ପାଣିକୋଇଲି,୧୪/୧୨ (ନି.ପ୍ର): ପାଣିକୋଇଲି ଠାରେ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଏକ ଗୃହ ନିର୍ମାଣ ପାଇଁ ଭୂମି ଯୋଗାଇଦେବାକୁ ଅନୁରୋଧ କରାଯାଇଥିଲା । ତଦନୁଯାୟୀ ଜିଲ୍ଲା ପ୍ରଶାସନ ବ୍ୟାସନଗର ତହସିଲଙ୍କୁ ଜମି ଯୋଗାଇବାକୁ ନିର୍ଦ୍ଦେଶ ଦେବା ପରେ ପାଣିକୋଇଲି ମୌଜାରେ (କଲ୍ୟାଣ ମଣ୍ଡପ ପଛ) ଏକ ଜମି ସରକାରୀଭାବେ ଚିହ୍ନଟ କରାଯାଇଥିଲା । ଉକ୍ତ ଜମିରେ ଘର କରିବାକୁ ୩ ନମ୍ବର ଜିଲ୍ଲା ପରିଷଦ ଧରଣୀଧର ଘଡାଇ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ । ଉକ୍ତ ଜମି ଉପରେ ଆଜି ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜନ କରାଯାଇ ଗୃହ ନିର୍ମାଣ ନିମନ୍ତେ ପରିକଳ୍ପନା ଅନୁଯାୟୀ ବିଭିନ୍ନ ଅଂଶର ବିନ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କର୍ତାଭାବେ ମଂଚର ସଭାପତି ନୃସିଂହ ଚରଣ ଦଳାଇ ଯୋଗଦାନ କରିଥିବାବେଳେ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ଘଡାଇ, ଡା. ନିର୍ମଳ ରଥ, ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉମାକାନ୍ତ ଖଣ୍ଡାଇ, ବୈଷ୍ଣବ ସାହୁ, ଲମ୍ବୋଦର ପଣ୍ଡା, ରାମଚନ୍ଦ୍ର ମଲିକ, ନାରାୟଣ ସାହୁ, ମଧୁସୂଦନ ରାୟ, କଳ୍ପତରୁ ମହାପାତ୍ର, ଉତ୍ସବ ମହାରଣା, ନିରଂଜନ ରାଉତ, ନରେନ୍ଦ୍ର ଘଡାଇ, ଅକ୍ଷୟ କୁମାର ବିହାରୀ, ରଘୁନାଥ ମାଝୀ, ପ୍ରତିମା ସେନାପତି, ରବିନ୍ଦ୍ର ସାହୁ, ଭରତ ବାରିକ, ଅଭିରାମ ସାହୁ, ଗୋକୁଳାନନ୍ଦ ମହାରଣାଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

# ଜୱାଦ କ୍ଷୟକ୍ଷତିର ଆକଳନ କଲେ କେନ୍ଦ୍ରୀୟ ଦଳ : ତୁରନ୍ତ କ୍ଷତିପୂରଣ ଦାବି କଲେ ଚାଷୀ

ଧର୍ମଶାଳା,୧୪/୧୨ (ନି.ପ୍ର): ଜୱାଦ ପରେ ଲଘୁଚାପ ବର୍ଷା ଯାଜପୁର ଜିଲାରେ ବିଭିନ୍ନ ବ୍ଲକର ଚାଷୀଙ୍କ ଉପରେ ପ୍ରଭାବ ପକାଇଥିଲା । ଫଳରେ କ୍ଷେତରେ ପାଚିଲା ଧାନ ପାଣିରେ ବୁଡି ରହିଥିଲା । ବାତ୍ୟା ବିପଦ ଟଳିବା ପୂର୍ବରୁ ମାତ୍ର ୨ ଦିନ ପରେ ଲାଗାଣ ବର୍ଷା ଆରମ୍ଭ ହୋଇଯାଇଥିଲା । ଯାହାକୁ ନେଇ ଚାଷୀ ମୁଣ୍ଡରେ ଚଡକ ପଡିଥିଲା । ପାଣି ପାଗ ବଦଳିବା ପରେ ଉଜୁଡି ଯାଇଥିବା ଧାନକୁ ଚାଷୀ ସଜାଡିବା ପାଇଁ ଉଦ୍ୟମ କରୁଥିବା ବେଳେ କୋହଲା ପାଗ ପୁଣି ସବୁ ବିଗାଡି ଦେଇଛି । ଏପରି ଅନେକ ସ୍ଥାନରେ ପାଚିଲା ଧାନ ଗଜା ହେବାକୁ ବସିଲାଣି । କିଛି ସ୍ଥାନରେ ଧାନରେ ଫିମ୍ପି ଲାଗି ଗଲାଣି । ଦୁଇ ଦିନ ହେବ ଜିଲା ପ୍ରଶାସନ ନିର୍ଦ୍ଦେଶରେ ବ୍ଲକ କୃଷି ବିଭାଗ ଓ ତହସିଲ ପ୍ରଶାସନ ପକ୍ଷରୁ ବ୍ଲକର ବିଭିନ୍ନ ପ୍ରଭାବିତ ଅଂଚଳରେ କ୍ଷୟକ୍ଷତି ଆକଳନ ଜାରି ରଖିଛି । ଆଜି କେନ୍ଦ୍ରୀୟ ଦଳ ଯାଜପୁର ଜିଲା ଗ୍ରସ୍ତ କରିଛନ୍ତି । ଜିଲାର ସର୍କିଟ ହାଉସରେ ଜିଲା ପ୍ରଶାସନ ସହିତ ଆଲୋଚନା କରିବା ପରେ ଆଜି ଅପରାହ୍ନରେ ଯାଜପୁର ଜିଲା ଧର୍ମଶାଳା ଓ ବଡଚଣା ବ୍ଲକରେ ପଂହଚି ବିଭିନ୍ନ ପ୍ରଭାବିତ ସ୍ଥାନର ସ୍ଥିତି ଅନୁଧ୍ୟାନ କରିଥିଲେ । ଧର୍ମଶାଳା ବ୍ଲକର ଅରାବଳ,ଅରେଇକଣା ଓ ପାଟପୁର ଆଦି ପଂଚାୟତର ବିଭିନ୍ନ ସ୍ଥାନରେ ପଂହଚି ସ୍ଥାନୀୟ ଲୋକପ୍ରତିନିଧି ଓ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ପରେ ଏହି ଟିମ୍ ବଡଚଣା ବ୍ଲକ ଗ୍ରସ୍ତ କରି କ୍ଷୟକ୍ଷତି ଆକଳନ କରି ଫେରି ଯାଇଥିବା ଜଣାପଡିଛି ।

# ତମାଖୁ ଆଇନ (କୋଟପା) ଉପରେ ଆଲୋଚନାଚକ୍ର

ବଲାଙ୍ଗୀର,୧୪/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରେ ଥିବା ଏନଏଚଏମ ସଭାଗୃହରେ ତମାଖୁ ଆଇନ କୋଟପା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଇନ ୨୦୦୩ କୁ ବିଷଦ୍ ବର୍ଣ୍ଣନା କରାଯାଇ ତାଲିମ୍ ପ୍ରଦାନ ସହ ଏହି ଆଇନ ଲାଗୁ କରାଯିବା ବିଷୟରେ ତାଲିମ୍ ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭୀମ ସାହୁ, ଡିଡିଏଚଓ ଦିବ୍ୟ କିଶୋର ପତି, ସଂକ୍ରମଣ ରୋଗ ବିଶେଷଜ୍ଞ ଡା. ଅର୍ଣ୍ଣପୂର୍ଣ୍ଣ ପାତ୍ର, ସହଯୋଗୀ ପରିଚାଳକ ଏନ.ସି.ପି. ସନ୍ତୋଷ କୁମାର ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।
ପୁଲିସ, ଅବକାରୀ ଶିକ୍ଷା, ସ୍ୱାସ୍ଥ୍ୟ, ମ୍ୟୁନିସିପାଲିଟି ବିଭାଗ ସମେତ ଅଣ ସରକାରୀ ସଂଗଠନର କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଟିଟିଲାଗଡ଼ରେ ରକ୍ତଦାନ ଶିବିର

ବଲାଙ୍ଗୀର,୧୪/୧୨ (ନି.ପ୍ର): ଟିଟଲାଗଡ଼ ସ୍ଥିତ ଘଂଟାସନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଯୁବାମଂଚ ମହିଳା ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଟିଟିଲାଗଡ଼ର ପରିଚିତ ସ୍ୱେଚ୍ଛାସେବୀ ବନମାଳୀ ବେହେରା ଆରମ୍ଭ କରିଥିବା ବେଳେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ପାଇଁ ପଙ୍କଜ ନାମଦେବ, ସିତମ ସାଗର ବେଦବାକ, ସନ୍ତୋଷ ମହାନ୍ତି, ଅମ୍ଳାନ ଷଡଙ୍ଗୀ, ରାଜା ବଗର୍ତି, ବିଜୟ ମେହେର, ଶିବା ସାହୁ, ବାପି ଡେବିଡ଼, ବିରବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଯୁବା ମଂଚର କେନ୍ଦ୍ରୀୟ ସଂଯୋଜକ ଅଭିଷେକ ଦାଶ ଓ ବଲାଙ୍ଗିର ଜିଲ୍ଲା ସଦସ୍ୟଙ୍କ ଉପସ୍ଥିତିରେ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସୁଚିସ୍ମିତା ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ଆଲୋକ ସାହୁ, ବିଜୟାନନ୍ଦ ମହାକୁର, ରିଙ୍କି ମେହେର, ଗଣେଶ ପଧାନ, ଖଗେଶ୍ୱର ପଧାନ, ମିହିର୍ ସେନ ଭୁଏ ଏବଂ ଡ଼ିଏଭି କଲେଜର ଏନ୍ସିସି ଛାତ୍ରଛାତ୍ରୀ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ରକ୍ତଦାତା ଏବଂ ଅତିଥି ମାନଙ୍କୁ ଚାରା ଗଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

# ଚୋରି ମାମଲାରେ ୨ ନାବାଳକଙ୍କ ସମେତ ୩ ଗିରଫ

ଜୟପୁର,୧୪/୧୨ (ନି.ପ୍ର): ଜୟପୁର ଟାଉନ ପୋଲିସ ଚୋରି ମାମଲାରେ ୨ ନାବାଳକ ଜଣେ ଅଭିଯୁକ୍ତ ପୋଲିସ କାବୁ କରିଛି । ୨ ନାବାଳକକୁ କାବୁ କରି ଜୁଭେଲାଇନ ଜଷ୍ଟିସ ବୋର୍ଡ ଙ୍କ ନିକଟରେ ହାଜର କରିବା ସହ ଅନ୍ୟ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଜୟପୁର ମେଡିକାଲ ଷ୍ଟୋର ରୁ ସଟର ଭାଙ୍ଗି ଦୁର୍ବୃତ୍ତ ମାନେ ଚୋରି କରିଥିବା ନେଇ ଟାଉନ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲା ପାରାବେଡା ଅରବିନ୍ଦନଗର ଲକ୍ଷ୍ମଣ ଖୋସଲା (୧୯) କୁ ଗିରଫ କରିଛି । ସେହିପରି ପାରାବେଡା ଶ୍ରୀରାମ ନଗରର କୈଳାଶ ଚନ୍ଦ୍ର ପଟ୍ଟନାୟକଙ୍କ ଘର ସମ୍ମୁଖରୁ ବାଇକ ଗତ ୨।୯।୨୧ ତାରିଖରେ ଚୋରି ହୋଇଯାଇଥିଲା । ଏନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଚୋରି ବାଇକ କୁ ପାରାବେଡା ରୁ ଉଦ୍ଧାର କରି ନାବାଳକକୁ କାବୁ କରି ଜୁଭେଲାଇନ୍ସ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଥିବା ଟାଉନ ଥାନା ଅଧିକାରି ସଂଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୁଣର ଉପଯୋଗିତା



ଆମ ଭାରତୀୟ ବ୍ୟଞ୍ଜନରେ ଲୁଣର ବ୍ୟବହାର ହେବା ନିଶ୍ଚିତ, ଏହା ଖାଦ୍ୟକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଦୈନନ୍ଦିନ ତରକାରିରେ ସାଧା ଲୁଣ, ଚଟପଟା ଖାଦ୍ୟରେ କଳା ଲୁଣ ଓ ବ୍ରତ - ଉପବାସରେ ସୈନ୍ଧବ ଲୁଣ ଯଥାମାତ୍ରାରେ ବ୍ୟବହାର କରାଯାଇଥାଏ । ପ୍ରତ୍ୟେକ ପ୍ରକାର ଲୁଣର ଆବଶ୍ୟକତା ଆମ ସ୍ୱାସ୍ଥ୍ୟ ନିମିତ୍ତ ଥିବାର ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ।

ସୈନ୍ଧବଲୁଣକୁ ଆୟୁର୍ବେଦରେ ସର୍ବୋତ୍ତମ ଲୁଣ ଭାବେ ବର୍ଣ୍ଣନା କରାଯାଇଛି । ଭାରତୀୟ ହିନ୍ଦୁ ପରିବାରରେ ବ୍ରତ ଓ ଉପବାସରେ ଏଇ ଲୁଣର ବ୍ୟବହାର କରାଯାଏ । ସୈନ୍ଧବ ଲୁଣରେ ଥିବା ବିଭିନ୍ନ ପ୍ରକାର ଖଣିଜ ତତ୍ତ୍ୱ ଆମ ପାଚନତନ୍ତ୍ରକୁ ଶକ୍ତିଶାଳୀ କରେ । ନିୟମିତ ଭାବେ ବିଭିନ୍ନ ତରକାରିରେ ଏଇ ସୈନ୍ଧବ ଲୁଣର ଉପଯୋଗ କଲେ, ଶରୀରରୁ କୋଲେଷ୍ଟୋରଲ, ମାନସିକ ଚାପ, ଆଣ୍ଠୁଚଗଣ୍ଠି ବିନ୍ଧା ଇତ୍ୟାଦି ରୋଗ ନିୟନ୍ତ୍ରିତ ହୋଇଥାଏ ।



ଚଟପଟା ଖାଦ୍ୟର ସୁଆଦ ପାଇଁ କଳା ଲୁଣର ଉପଯୋଗ କରାଯାଏ । ଏଥିରେ ସୋଡ଼ିୟମ କ୍ଲୋରାଇଡ୍ ସହ ସୋଡ଼ିୟମ ସଲଫେଟ୍ ଆଇରନ ସଲଫାଇଡ୍ ଇତ୍ୟାଦି ତତ୍ତ୍ୱ ମହଜୁଦ୍ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ଅମ୍ଳ ରୋଗକୁ ନିୟନ୍ତ୍ରଣ କରିବାରେ ଏଇ ଲୁଣ ସହାୟକ ହେଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ । ଉଚ୍ଚ ରକ୍ତଚାପ ରୋଗୀ ଏଇ ଲୁଣର ଅଳ୍ପ ମାତ୍ରାରେ ନିୟମିତ ସେବନ କଲେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ ।

ହିମାଲୟାନ ପିଙ୍କ ସଲ୍ଟ ହିମାଳୟ ପାହାଡ଼ରୁ ପ୍ରାଚୀନ ଶୈବାଳରୁ ଏଇ ଲୁଣ ଉତ୍ପନ୍ନ ହୋଇଥାଏ । ଗୋଲାପୀ ରଙ୍ଗର ହିମାଲୟାନ୍ ପିଙ୍କ ସଲ୍ଟ ଏବେ ବିଶ୍ୱବଜାରରେ ମଧ୍ୟ ଆଦୃତି ଲାଭ କରିଛି । ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବା ଏଇ ଲୁଣରେ ଲୌହର ପରିମାଣ ସର୍ବାଧିକ ଥିବାର ପରୀକ୍ଷାରୁ ଜଣାପଡ଼ିଛି ।



ଆୟୋଡିନ୍ ଯୁକ୍ତ ପ୍ୟାକେଟ୍ ଲୁଣର ବ୍ୟବହାର ନିୟମିତ ଭାବେ ନିଜ ଖାଦ୍ୟପାନୀୟରେ କରିବା ଉଚିତ । ଆବଶ୍ୟକ ପରିମାଣରେ ଏହି ଲୁଣ ନ ଖାଇଲେ ଥାଇରଏଡ୍ ପରି ରୋଗ ହେବାର ଆଶଙ୍କା ସର୍ବାଧିକ । ଅନ୍ୟପାଖେ ଏହି ଲୁଣକୁ ଅଧିକ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।




## ଏଣିକି ମଣିଷ ଶରୀରରେ ପଶୁ ଅଙ୍ଗ!

ବୈଜ୍ଞାନିକମାନେ ଏକ ଦୀର୍ଘକାଳୀନ ଗବେଷଣା ଜରିଆରେ ପ୍ରଦାନ କରିଥିବା ତଥ୍ୟ ସମ୍ପୂର୍ଣ୍ଣ ବିଜ୍ଞାନ ଜଗତକୁ ଆଶ୍ଚର୍ଯ୍ୟରେ ପକାଇଛି । ଏଣିକି ମଣିଷ ଶରୀରରେ ବି ପଶୁଙ୍କ ଅଙ୍ଗ ପ୍ରତିରୋପିତ ସମ୍ଭବପର ବୋଲି ସେମାନେ ଦାବି କରିଛନ୍ତି । ଅର୍ଥାତ୍ କୌଣସି ଗମ୍ଭୀର ରୋଗରେ ପୀଡ଼ିତ ଲୋକଙ୍କ ଶରୀରରେ ଅଙ୍ଗ ପାଇବାକୁ ଆଉ ଅପେକ୍ଷା କରିବାକୁ ପଡ଼ିବନି । ଏମିତିରେ ଗମ୍ଭୀର ହୃଦରୋଗରେ ପୀଡ଼ିତ ଲୋକଙ୍କ ଶରୀରରେ ଘୁଷୁରି ହୃତପିଣ୍ଡର ପ୍ରତିରୋପଣ ସଫଳ ହୋଇପାରି ବୋଲି ସମ୍ଭାବନା ବୃଦ୍ଧିପାଇଛି । ଏ ଖବର ନେଚର ଜର୍ଣ୍ଣାଲରେ ବିସ୍ତୃତ ଭାବେ ପ୍ରକାଶିତ ହୋଇଛି । ବୈଜ୍ଞାନିକମାନେ ଗବେଷଣା ସମୟରେ ବେବୁନ ଶରୀରରେ ଏଭଳି ପଦକ୍ଷେପ ଗ୍ରହଣ କରି ସଫଳ ହୋଇଛନ୍ତି । ଏଥିପାଇଁ ବୈଜ୍ଞାନିକ ଦଳ ମାଙ୍କଡ଼ ହୃତପିଣ୍ଡ ବାହାର କରି ସେଠାରେ ଘୁଷୁରିର ହୃତପିଣ୍ଡ ଲଗାଇଥିଲେ । ଏହାପରେ ଘୁଷୁରି ହୃତପିଣ୍ଡ ସହ ମାଙ୍କଡ଼ ୧୯୫ ଦିନ ଜୀବିତ ରହିଥିଲା ଅର୍ଥାତ୍ ଛଅ ମାସରୁ ଊର୍ଦ୍ଧ୍ୱ ସମୟ ।

## ଫୁଟବଲ୍ କ୍ଲବର ଛେଳି ବ୍ୟବସାୟ !

ଟର୍କି ଅନ୍ତର୍ଗତ ଏକ ଛୋଟିଆ ଫୁଟବଲ କ୍ଲବ ହେଉଛି 'ଗୁଲସ୍ପେର' । ଛୋଟିଆ କ୍ରୀଡ଼ାନୁଷ୍ଠାନ ହୋଇଥିଲେ ହୋଇଥିଲେ ହେଁ, ଜାତୀୟ ସ୍ତରରେ ଏହାର ନାଁ ଅଛି । ତେବେ, ଖେଳାଳିଙ୍କ ଆର୍ଥିକ ଲାଭ ତଥା ଖେଳର ବିକାଶ ପାଇଁ ପାଣ୍ଠିର ଅଭାବ ଯୋଗୁଁ କ୍ଲବ୍ ପକ୍ଷରୁ ବ୍ୟବସାୟିକ ଛାଗଳ ପାଳନ ଆରମ୍ଭ ହୋଇଛି । କ୍ଲବର ସଭାପତି କେନାନଙ୍କଠାରୁ ପ୍ରକାଶ ଯେ, ବହୁ ପ୍ରଚେଷ୍ଟା ସତ୍ତ୍ୱେ ସରକାରୀ ବା କର୍ପୋରେଟ୍ ଅନୁଦାନ ମିଳିଲାନାହିଁ । ତେଣୁ, ସେମାନେ ବାଧ୍ୟ ହୋଇ ଏ ଭଳି ପଦକ୍ଷେପ ନେଇଛନ୍ତି । କ୍ଲବର ଅଠର ଜଣ ଯୁବ ଖେଳାଳିଙ୍କୁ ୨୬୦୦ ଡଲାରରେ ବିକ୍ରି କରାଯାଇଛି ଏବଂ ସେହି ଅର୍ଥରେ ଦଶଟି ଛେଳି କିଣାଯାଇଛି । ଛେଳି ଖିର ଓ ମାଂସ ବିକିବା ମୁଖ୍ୟ ଉଦ୍ଦେଶ୍ୟ । ଆସନ୍ତା ବର୍ଷ ସୁଦ୍ଧା ଛେଳି ସଂଖ୍ୟା ୧୪୦କୁ ବଢ଼ାଇବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ବ୍ୟବସାୟର ଲାଭ ଖେଳ ଓ ଖେଳାଳିଙ୍କ କାର୍ଯ୍ୟରେ ଲାଗିବ ।

## କୋଲ୍ହାପୁରୀ ମାଂସ ତରକାରି

**ସାମଗ୍ରୀ-**

ମାଂସ-୫୦୦ ଗ୍ରାମ, ଆଳୁ-୩ଟି, ପିଆଜ-୨ଟି, କଟା ଟମାଟୋ-୧/୨ବାଉଲ୍, ରସୁଣ ବଟା-୧ଚାମଚ, ଶୁଖିଲା ଲଙ୍କା-୫ଟି, କଟା ନଡ଼ିଆ-ଏ୍‌ବାଉଲ୍, ଗୋଟା ଧନିଆ-୧ ଚାମଚ, ହଳଦି ଗୁଣ୍ଡ-୧/୨ ଚାମଚ, ପୋସ୍ତକ-୧ ଚାମଚ, ଲୁଣ ସ୍ୱାଦ ଅନୁସାରେ, କଟା ଧନିଆ ପତ୍ର- ୩ ଚାମଚ ।

**ପ୍ରଣାଳୀ-**



ମାଂସକୁ ଭଲଭାବେ ଧୋଇ ସେଥିରେ ହଳଦି ଗୁଣ୍ଡ, ରସୁଣ ବଟା ଓ ଲୁଣ ଦେଇ ମାଂସକୁ ମ୍ୟାରିନେଟ ପାଇଁ ରଖିଦେବେ । କରେଇରେ ତେଲ ଗରମ କରି ସେଥିରେ ଗୋଟା ଧନିଆ, ପୋସ୍ତକ, ଗୋଲମରିଚ, ଶୁଖଇଲା ଲଙ୍କାକୁ ପକାଇ କିଛି ସମୟ ପାଇଁ ଭାଜିବେ । ଆଳୁକୁ ବଡ଼ ବଡ଼ ପିସ୍ କରି କାଟି ଗୋଟିଏ ପାତ୍ରରେ ରଖିଦେବେ । ଏହାପରେ କରେଇରେ ତେଲ ଗରମ କରି ସେଥିରେ କଟା ପିଆଜ ଓ କଟା ନଡ଼ିଆକୁ ପକାଇ କିଛି ସମୟ ଭାଜିବେ ପିଆଜ ଓ ନଡ଼ିଆ ଯେପରି ଭାଜି ହୋଇ ଲାଲ ହୋଇଯିବେ । ପିଆଜ ଓ ନଡ଼ିଆ ଭାଜି ହୋଇଗଲେ ସେଥିରେ ପୂର୍ବରୁ ଭଜା ହୋଇ ରଖା ଯାଇଥିବା ଗୋଟା ମସଲା ସବୁକୁ ମିଶାଇ ତାକୁ ଗ୍ରାଇଂଣ୍ଡରରେ ବାଟି ଏକ ପେଷ୍ଟ ପ୍ରସ୍ତୁତ କରିଦେବେ । କରେଇରେ ପୁଣି ତେଲ ଗରମ କରି ସେଥିରେ ମ୍ୟାରିନେଟ ହୋଇ ରଖାଯାଇଥିବା ମାଂସ ଓ ଆଳୁକୁ ପକାଇ ଭଲଭାବେ ଭାଜି ଦେବେ ତା' ପରେ ସେଥିରେ ବଟା ମସଲା ଦେଇ କିଛଇ ସମୟ (ପ୍ରାୟ ୨୫ ମିନିଟ୍) ପାଇଁ ଢ଼ାଙ୍କୁଣୀ ଦେଇ କଷିବେ ଓ ପରେ ଢ଼ାଙ୍କୁଣୀ ଦେଇଦେବେ । ଏହାପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର କୋଲହାପୁରୀ ମାଂସ ତରକାରୀ ।

## ଲୋରି ଶୁଣି ଶୋଇଥାନ୍ତି କାହିଁକି ?

ଆମେ ପ୍ରାୟ ଦେଖିଥାଉ, ଲୋରି ଶୁଣିବାମାତ୍ରେ ଶିଶୁମାନେ ଶୋଇ ପଡ଼ିଥାନ୍ତି । ନିକଟରେ ଏହାର କାରଣକୁ ବ୍ୟାଖ୍ୟା କରିଛି ଲଣ୍ଡନରେ ଥିବା 'ଗ୍ରେଟ ଓରମୋଣ୍ଡ ଷ୍ଟ୍ରିଟ୍ ହସ୍ପିଟାଲ' । ଏହା ଏକ ଶିଶୁ ଡାକ୍ତରଖାନା । କାରଣ ଜାଣିବା ପାଇଁ ଏହି ହସ୍ପିଟାଲ ୩ ବର୍ଷ ବୟସର ୩୭ ଜଣ ଶିଶୁଙ୍କୁ ନେଇଥିଲା । ସେହି ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ଶିଶୁ ହୃଦୟ ରୋଗ ଏବଂ ଶ୍ୱାସରୋଗରେ ପୀଡ଼ିତ ଥିଲେ । ସେମାନଙ୍କୁ ତିନୋଟି ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟର ଗତିବିଧି ଅଧ୍ୟୟନ କରାଯାଇଥିଲା, ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କ ଆଗରେ ଲୋରି ଗାନ ହୋଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସେମାନଙ୍କ ଏକୁଟିଆ ଛଡ଼ା ଯାଇଥିଲା । ଏହି ତିନୋଟି ପର୍ଯ୍ୟାୟରେ ସେମାନଙ୍କ କାର୍ଯ୍ୟକୁ ଅନୁଧ୍ୟାନ କରି ଜଣାପଡ଼ିଥିଲା ଯେ, ଲୋରି ଶୁଣିବା ସମୟରେ ପିଲାମାନଙ୍କର ହୃଦୟ ସ୍ପନ୍ଦନ ଠିକ୍ ଭାବେ ଚାଲିଥିଲା । ସେମାନଙ୍କର ଯନ୍ତ୍ରଣା ଏବଂ ଚିନ୍ତା ସେହି ସମୟରେ ଶାନ୍ତ ପଡ଼ିଯାଇଥିଲା । ଏପରିକି କେତେକ ଶିଶୁ ଯନ୍ତ୍ରଣା ଭୁଲି ଶୋଇପଡ଼ିଥିଲେ । ଡାକ୍ତରଙ୍କ ଅନୁସାରେ ଯେତେବେଳେ ଶିଶୁଙ୍କୁ ମା'ମାନେ ଲୋରି ଶୁଣାଇଥାନ୍ତି, ମା'ଙ୍କ ସ୍ୱର ଶୁଣି ଶିଶୁମାନେ ଏକୁଟିଆ ଅନୁଭବ କରନ୍ତିନାହିଁ ଏବଂ ସେମାନଙ୍କର ସଙ୍ଗୀତ ଶିଶୁଙ୍କ ହୃଦୟ ପାଖରେ ପହଞ୍ଚିଥାଏ । ଫଳରେ ସେମାନେ ଶାନ୍ତ ଅନୁଭବ କରି ଶୋଇପଡ଼ିଥାନ୍ତି । ତେଣୁ ଶିଶୁମାନେ ପ୍ରଥମେ 'ମା' ଶବ୍ଦ ଉଚ୍ଚାରଣ କରିଥାନ୍ତି । ସେମାନେ ଏହି ଶବ୍ଦ ତାଙ୍କ ଭାଷାରେ ପ୍ରଥମେ କହିଥାନ୍ତି ।

## ଗୁପ୍‌ଚୁପ୍ ଖାଉଥିଲେ ସତର୍କତା ପାଳନ୍ତୁ



ଭାରତର ଯେକୌଣସି ସହରକୁ ଯାଆନ୍ତୁ ନା କାହିଁକି ଆପଣ ସେଠାରେ ଗୁପ୍‌ଚୁପ୍ ଠେଲାଗାଡ଼ି ପାଖରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଭିଡ଼ ଦେଖିବେ । ଖଟା, ମିଠା ଏବଂ ରାଗର ସ୍ୱାଦ ଥିବା ଗୁପ୍‌ଚୁପ୍‌ର ମଜା ବେଶୀ ଯୁବପିଢ଼ି ଉଠାଇଥାନ୍ତି । ହେଲେ ଆପଣ ଜାଣନ୍ତି କି ! ଗୁପ୍‌ଚୁପ୍ ଖାଇଥିବା ସମୟରେ ଅସାବଧାନତା ଫଳରେ ଗୁପ୍‌ଚୁପ୍‌ର ରାଗ ପାଣି ଆମ ମୁଣ୍ଡକୁ ଉଠିଯାଇଥାଏ । ଯାହା ଫଳରେ କାଶ ହେବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଦେଖାଯାଇଥାଏ । ଏହି କାରଣରୁ ବ୍ୟକ୍ତିଙ୍କ ହୃଦ୍‌ଘାତ ମଧ୍ୟ ହୋଇପାରେ । ତେଣୁ ଗୁପ୍‌ଚୁପ୍ ଖାଇବା ସମୟରେ ତରତର ନହୋଇ ଧୀରେ ଧୀରେ ଗୁପ୍‌ଚୁପ୍ ଛୋବାଇ ଖାଆନ୍ତୁ । କେତେକ ଲୋକ ଥାଆନ୍ତି, ଗୁପ୍‌ଚୁପ୍ ପାଣି ବାରମ୍ବାର ମଗାଇ ପିଇଥାନ୍ତି । ଏହି କାରଣରୁ ପେଟ ଯନ୍ତ୍ରଣା, ବାନ୍ତି କିମ୍ବା ତରଳ ଝାଡ଼ା ହୋଇଥାଏ । ତରତର ହୋଇ ଗୁପ୍‌ଚୁପ୍ ଖାଇଲେ ଖାଦ୍ୟନଳୀ ଉପରେ କୁପ୍ରଭାବ ପଡ଼ିଥାଏ । ଏଥିରୁ ଖାଦ୍ୟନଳୀ ସଂକ୍ରମଣ ହେବାର ଆଶଙ୍କା ବୃଦ୍ଧି ରହିଥାଏ । ତେଣୁ ଗୁପ୍‌ଚୁପ୍ ଖାଇବା ସମୟରେ କଥା ନକହି ଧୀରେ ଧୀରେ ଖାଆନ୍ତୁ ।

## ମୋବାଇଲ ନମ୍ବରରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ମୋବାଇଲ ନମ୍ବରରେ ୧୦ଟାରୁ ୯ପର୍ଯ୍ୟନ୍ତ ଅଙ୍କର ଉପସ୍ଥିତି ଓ ଅନୁପସ୍ଥିତି ଆମ ଜୀବନ, ସ୍ୱାଭାବ ଓ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । କେଉଁ ଅଙ୍କ ସକାରାତ୍ମକ ଓ କେଉଁ ଅଙ୍କ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ନେଇ ଜାଣିବାର ଆଗ୍ରହ ମନ ମଧ୍ୟରେ ଜାଗି ଉଠିବଣି । ତାହେଲେ ଏ ସମ୍ପର୍କରେ ଜଣାଶୁଣା ନ୍ୟୁମରୋଲୋଜିଷ୍ଟ ଶ୍ୱେତା ଜୁମାନି କଣ କୁହନ୍ତି ଆସନ୍ତୁ ଜାଣିବା ।**

*ନମ୍ବର୧:* ନେତୃତ୍ୱକୁ ଦର୍ଶାଏ ୧୧ଅଙ୍କ । ଯେଉଁମାନଙ୍କର ମୋବାଇଲ ନମ୍ବରରେ ଏହି ଅଙ୍କ ରହିଛି ସେମାନଙ୍କର ନେତୃତ୍ୱ ନେବାର ଗୁଣ ରହିଛି ଓ ସେମାନେ ଜୀବନରେ ବହୁତ ଅଗ୍ରଗତି କରିଥାନ୍ତି । ଯଦି କାହାର ମୋବାଇଲ ନମ୍ବରରେ ୧ଅଙ୍କ ନଥାଏ, ତାହେଲେ ଏହି ଲୋକଙ୍କର ନେତୃତ୍ୱ ନେବାର କ୍ଷମତା କମ ବୋଲି ଧରିବାକୁ ହେବ । ଯାହାଙ୍କ ନମ୍ବରରେ ୧ଅଙ୍କ ବାରମ୍ବାର ଆସିଥାଏ ସେମାନେ ସ୍ୱାର୍ଥକୈନ୍ଦ୍ରିତ ଅର୍ଥାତ ସ୍ୱାର୍ଥୀ ହୋଇଥାନ୍ତି । ସେମାନେ କେବଳ ନିଜ ସମ୍ପର୍କରେ ଚିନ୍ତା କରିଥାନ୍ତି ।

*ନମ୍ବର୨-* ଏହି ଅଙ୍କ ସମ୍ପର୍କ, ସମ୍ବେଦନଶୀଳତା, ଭାବୁକତା ଓ ସୃଜନାତ୍ମକତାକୁ ବ୍ୟକ୍ତ କରିଥାଏ । ମୋବାଇଲ ନମ୍ବରରେ ୨ଅଙ୍କର ଉପସ୍ଥିତି ଜଣାଇଦିଏ ଏହି ଲୋକ ଜଣକ ସମ୍ବେଦନଶୀଳ ଓ ଭାବୁକ ପ୍ରକୃତିର । ସେମାନେ ସମ୍ପର୍କକୁ ଜୀବନ୍ତ ରଖିବାରେ ବିଶ୍ୱାସ କରନ୍ତି । ଯାହାଙ୍କର ମୋବାଇଲ ନମ୍ବରରେ ୨ଅଙ୍କ ନଥାଏ, ସେ ନିଜ ପରିବାର ଅନ୍ୟ ସମ୍ପର୍କ ପ୍ରତି ସମ୍ବେଦନଶୀଳ ହୋଇନଥାଏ । ଯାହାଙ୍କ ୨ଅଙ୍କ ବାରମ୍ବାର ଆସିଥାଏସେ ଜୀବନରେ ସମ୍ପର୍କକୁ ଅଧିକ ଗୁରୁତ୍ୱଦେବା ସହିତ ବଂଧୁ ଓ ସମ୍ପର୍କୀୟଙ୍କ ଠାରୁ ବହୁତ କିଛି ଆଶା କରିଥାନ୍ତି । ଆଶା ପୂରଣ ନହେଲେ ସମ୍ପର୍କକୁ ଅଣଦେଖା କରିଥାନ୍ତି । ଏଣୁ ସମ୍ପର୍କରେ ସମତା ରକ୍ଷା କରିବା ଜରୁରୀ ।

*ନମ୍ବର-୩:* ଏହି ଅଙ୍କ ଆର୍ଥିକ ସମ୍ପନ୍ନତାକୁ ଦଶାଏ । ଯାହା ସେଲଫରେ ୩ଅଙ୍କ ଥାଏ ତାର ଆର୍ଥିକ ସ୍ଥିତି ମଜବୁତ ହୋଇଥାଏ । ସ୍କରଣାକ୍ତି ଶକ୍ତିଶାଳୀ ହେବା ସହିତ ଜନସମ୍ପର୍କରେ ଆଗୁଆ ଥାନ୍ତି । ଅନ୍ୟ ସହିତ ସମ୍ପର୍କ ଯୋଡ଼ିବାରେ ଏମାନଙ୍କୁ ବେଶି ସମୟ ଲାଗେନାହିଁ । ୩ଅଙ୍କ ବାରମ୍ବାର ଆସୁଥିବା ବ୍ୟକ୍ତି ସର୍ବଦା ଅର୍ଥ ପଛରେ ଗୋଡ଼ାଇଥାଏ । ସ୍ୱାଭାବରେ ସେମାନେ କଂଜୁସ୍ ହୋଇଥାନ୍ତି । ୩ ଅଙ୍କ ନଥିବା ମୋବାଇଲଧାରୀଙ୍କ ଆର୍ଥିକ ଅବସ୍ଥା ଭଲ ନଥାଏ ।

*ନମ୍ବର-୪:* ଅଙ୍କ ୪ ଅନୁଶାସନ ଓ ମେହନତକୁ ଦର୍ଶାଏ । ଯେଉଁମାନଙ୍କ ସେଇ ନମ୍ବରରେ ୪ଅଙ୍କ ରହିଛି ସେମାନେ ପରିଶ୍ରମୀ, ସଂଗଠିତ ଓ ଶୃଙ୍ଖଳିତ ହୋଇଥାନ୍ତି । ନିଜ ଲକ୍ଷ୍ୟ ପ୍ରତି ପୂର୍ଣ୍ଣ ସମର୍ପିତ ଓ ଏକାଗ୍ରଚିତ୍ତ ହୋଇଥାନ୍ତି । ସେଲଫରେ ୪ଅଙ୍କ ନଥିବା ବ୍ୟକ୍ତି ଆଳସ୍ୟପରାୟଣ ଓ ବେଖାତିର ସ୍ୱାଭାବର ହୋଇଥାନ୍ତି । ଯେଉଁମାନଙ୍କ ସେଲଫରେ ୪ଅଙ୍କ ବାରମ୍ବାର ଆସିଥାଏ ସେମାନେ ଅନ୍ୟମାନଙ୍କୁ ସର୍ବଦା ଭୁଲ ବୁଝିଥାନ୍ତି । ସେମାନେ ସୌଖୀନ ସ୍ୱାଭାବର ଓ ଯୁକ୍ତି କରିବାକୁ ଭଲ ପାଇଥାନ୍ତି ।

*ନମ୍ବର-୫:* ଯେଉଁମାନଙ୍କ ମୋବାଇଲ ନମ୍ବରରେ ୫ଅଙ୍କ ଥାଏ ।ସେମାନଙ୍କ ଜୀବନ ସନ୍ତୁଳିତ ଓ ସ୍ଥିର ହୋଇଥାଏ । ଏମାନଙ୍କର ପ୍ରକାଶ ଓ ଯୋଗାଯୋଗ କ୍ଷମତା ଅଧିକ । ସ୍ୱାଭାବରେ ଏମାନେ ଚଞ୍ଚଳ ହୋଇଥାନ୍ତି । ଲୋକମାନଙ୍କୁ ନିଜର କରି ଜାଣନ୍ତି । ଯାହାଙ୍କ ନମ୍ବରରେ ୪ଅଙ୍କ ବାରମ୍ବାର ଆସିଥାଏ ସେମାନେ କୌଣସି କାମକୁ ଅଧିକ ସମୟ କରିପାରନ୍ତି ନାହିଁ । ଯଦିବା କରନ୍ତି ତାହେଲେ ଅଧାରୁ ଛାଡ଼ି ଦିଅନ୍ତି । ସେମାନଙ୍କ ଏକାଗ୍ରତାର ଅଭାବ ଥାଏ ।

*ନମ୍ବର-୬:* ଏହି ଅଙ୍କ ଥିବା ବ୍ୟକ୍ତି ସୌଭାଗ୍ୟଶାଳୀ, ଅବସରବାଦୀ ଓ ରସିକ ସ୍ୱାଭାବର ହୋଇଥାନ୍ତି । ପରିଶ୍ରମରୁ ଭରପୂର ଲାଭ ଉଠାଇ ନିଜ ଯୋଗ୍ୟତା ମାପିଥାନ୍ତି । ସମାଜରେ ସମ୍ମାନ ପାଇ ଲୋକପ୍ରିୟ ହୋଇଥାନ୍ତି । ସୁଖ ସୁବିଧା ଓ ଅୟସରେ ଜୀବନଯାପନ ସହ ଖାଇବା ପିଇବା ଓ ବ୍ରାଣ୍ଡେଡ ସାମଗ୍ରୀ ପ୍ରିୟ ହୋଇଥାନ୍ତି । ନୃତ୍ୟ, ଗୀତ ଓ ସଂଗୀତ ସହିତ ସମ୍ପର୍କ ରଖିଲେ ଲାଭବାନ ହୋଇଥାନ୍ତି । ୬ଅଙ୍କ ନଥିବା ଲୋକଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ ।

*ନମ୍ବର-୭:* ଶାନ୍ତି ଓ ପବିତ୍ରତାକୁ ଦର୍ଶାଇଥାଏ ଅଙ୍କ ୭ । ଯାହାଙ୍କ ମୋବାଇଲରେ ୭ଅଙ୍କ ରହିଥାଏ ସେ ମାନସିକସ୍ତରରେ ଶାନ୍ତ, ସାଧାସିଧା ଜୀବନଯାପନ ସହିତ ସନ୍ତୁଷ୍ଟ ସ୍ୱାଭାବର ହୋଇଥାନ୍ତି । ଆଧାତ୍ମିକ ଦିଗ ଆଡ଼କୁ ବେଶୀ ଆକର୍ଷିତ ହୋଇଥାନ୍ତି ।




ସେମାନଙ୍କ ଚେହେରାରେ ଚମକ ରହିଥାଏ ।

*ନମ୍ବର -୮:* ଏହି ଅଙ୍କ ଧୈର୍ଯ୍ୟକୁ ଦର୍ଶାଇଥାଏ । ଏହି ଅଙ୍କ ଥିବା ମୋବାଇଲ ଧାରକମାନେ ସବୁ କାମକୁ ମନଧ୍ୟାନ ଦେଇ କରିବା ସହିତ ସଫଳତାର ଶୀର୍ଷ ଛୁଇଁଥାନ୍ତି । ଯାହା ମୋବାଇଲରେ ୮ଅଙ୍କ ବାରମ୍ବାର ଆସିଥାଏ ସେମାନଙ୍କ ଜୀବନରେ ସମସ୍ୟା ବାରମ୍ବାର ଆସିଥାଏ ।

*ନମ୍ବର -୯:* ଯାହାଙ୍କର ମୋବାଇଲ ନମ୍ବରରେ ୯ଅଙ୍କ ଆସିଥାଏ ସେମାନେ ଗର୍ବୀ ତଥା ଧୌର୍ଯ୍ୟଶୀଳ ହୋଇଥାନ୍ତି । ବୁଝି ବିଚାରି କାମ କରନ୍ତି । ଖୁବ୍ ଶୀଘ୍ର ରାଗି ଯାଆନ୍ତି । ଯାହାଙ୍କର ମୋବାଇଲରେ ୯ ଅଙ୍କ ବାରମ୍ବାର ଆସିଥାଏ ସେ ଖୁବ୍ ଜିଦିଆ ଓ ଅହଂକାରୀ ହୋଇଥାନ୍ତି ।

ମୋବାଇଲ ନମ୍ବରର ସବୁ ଅଙ୍କକୁ ଯୋଡ଼ିବା ପରେ ଯେଉଁ ଅଙ୍କ ଆସିଥାଏ ତାହାର ମଧ୍ୟ ଗୁରୁତ୍ୱ ରହିଛି । ସେହି ଅଙ୍କ ଯଦି ୧, ୩ ବା ୫ହୁଏ ତାହେଲେ ତାହା ଲକି ନମ୍ବର ବୋଲି ମାନିବାକୁ ହେବ ।

## ଏକା ବୁଲନ୍ତୁ....

ବ୍ୟସ୍ତ ଜୀବନଶୈଳୀ ଭିତରେ ଟିକେ ଫାଙ୍କା ପାଇଲେ ବୁଲି ଆସିବାକୁ ନିଶ୍ଚୟ ଇଚ୍ଛା ହୁଏ । ଅନେକ ସମୟରେ ସାଙ୍ଗସାଥୀଙ୍କୁ ଧରି ଦଳବଦ୍ଧ ହୋଇ ବୁଲିବାକୁ ଯିବାର ଯୋଜନା କରନ୍ତି, ହେଲେ କୌଣସି କାରଣରୁ ଏହା ସଫଳ ହୋଇପାରେନି । ନିଜ ମନରେ ଥିବା ଭ୍ରମଣ ଯୋଜନାକୁ ସ୍ଥଗିତ ରଖିବା ବି ଭାରି କଷ୍ଟକର । ଏପରି ସ୍ଥିତିରେ ଏକାକୀ ବାହାରି ପଡ଼ନ୍ତୁ । ଏମିତି କେତେକ ସୁନ୍ଦର ସ୍ଥାନ ସମ୍ପର୍କରେ ଜାଣନ୍ତୁ ଯେଉଁଠାକୁ ଏକା ଗଲେ ବି କିଛି ସମସ୍ୟା ହୁଏନାହିଁ । ବରଂ, ଏହି ଯାତ୍ରା ଆପଣ ଖୁବ୍ ଉପଭୋଗ କରିପାରିବେ ।

### ମଥୁରା-ବୃନ୍ଦାବନ



କେବଳ ଯେ ଧାର୍ମିକ ଚିନ୍ତାଧାରାର ବ୍ୟକ୍ତି ବା ବୟସ୍କମାନେ ମଥୁରା-ବୃନ୍ଦାବନ ଯିବେ ବୋଲି ମାନେ ନାହିଁ । ଯୁବପିଢ଼ିଙ୍କ ପାଇଁ ବି ସେଠାରେ ଏକାଧିକ ଦର୍ଶନୀୟ ସ୍ଥାନ ରହିଛି ସବୁବେଳେ ଗହଳି ରହୁଥିବା ଏହି ସ୍ଥାନକୁ ଏକାକୀ ଯାଇ ସେହି ଗହଳିରେ ନିଜକୁ ହଜାଇଦେବା ବି ଏକ ନିଆରା ଅନୁଭୂତି । ଏଠାରେ ସୁନ୍ଦର କଳାକୃତି ଥିବା ମନ୍ଦିର ସହିତ ନିଧିବନ, ପ୍ରେମ ମନ୍ଦିର, ଶ୍ରୀକୃଷ୍ଣ ଜନ୍ମଭୂମି ପରି ଦର୍ଶନୀୟ ସ୍ଥାନ ରହିଛି ।

### କସୋଲ

ହିମାଚଳ ପ୍ରଦେଶରେ ଥିବା କସୋଲ ଦେଶର ଅନ୍ୟତମ ଶାନ୍ତ ଏବଂ ସୁନ୍ଦର ସ୍ଥାନ । ବର୍ଷା ଭିତରେ ଏହାର ରୂପ ଆହୁରି ସୁନ୍ଦର ହୋଇଯାଏ । ଟ୍ରେକିଂ କରିବାକୁ ପସନ୍ଦ କରୁଥିଲେ, ଏହି ସୁବିଧା ବି ଏଠାରେ ଉପଲବ୍ଧ । ପାର୍ବତୀ ନଦୀ କୂଳରେ ଘାଟି ମଧ୍ୟରେ ଥିବା ଏକ ଛୋଟ ଗାଁରେ ଟ୍ରେକିଂ କରିବାର ସୁଯୋଗ ପାଇବେ ।



### ପଣ୍ଡିଚେରୀ



ଏହାକୁ 'ମିନି ଫ୍ରାନ୍ସ' ବୋଲି କୁହାଯାଏ । ପଣ୍ଡିଚେରୀ ବା ପୁଡୁଚେରୀ ଛୋଟ ସହରଟିଏ ହେଲେ ସୁଦ୍ଧା ପର୍ଯ୍ୟଟନ ଏବଂ ଆଧାତ୍ମିକତାର ମିଳନସ୍ଥଳ । ଶାନ୍ତ ପରିବେଶ ମଧ୍ୟରେ ଏଠାରେ କିଛିଦିନ ବିତାଇବାରେ ମଜା ଅନନ୍ୟ । ଏପରିକି ସମୁଦ୍ର କୂଳ ବି ଖୁବ୍ ଶାନ୍ତ ଏବଂ ଭିଡ଼ମୁକ୍ତ । ଇଚ୍ଛାକଲେ ସାଇକେଲ ଭଡ଼ାରେ ନେଇ ଫରାସୀ ଶୈଳୀରେ ନିର୍ମିତ ଏହି ସହରକୁ ଆରାମରେ ବୁଲିପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବଢ଼ିବ ଆତ୍ମବିଶ୍ୱାସ ଜମାକାରୀଙ୍କର...

ସମ୍ପ୍ରତି କରୋନା ସଂକ୍ରମଣର ଗୋଟିକ ପରେ ଗୋଟିଏ ଲହର ଚାଲିଥିବା ହେତୁ ଜନସାଧାରଣଙ୍କ ଜୀବନ ରକ୍ଷା ଯେମିତି ବିଡ଼ମ୍ବନାର ସମ୍ମୁଖୀନ ହୋଇଛି, ତାହା ଅଭୂତପୂର୍ବ । ମାନବ ଇତିହାସରେ ଅଦୃଶ୍ୟ ଭୁତାଣୁ ସଂକ୍ରମଣର ବିପଦ ଏତେ ଅଧିକ, ତାହା କାହାରି କଳ୍ପନାର ଭିତରେ ଆସିନପାରେ । ସଭ୍ୟତାର ସ୍ଥିତି କିଭଳି ସଙ୍କଟର ସମ୍ମୁଖୀନ ହୋଇଛି, ତାହା ଯୁଗ ଯୁଗକୁ ବିକଳ ଇତିହାସ ହୋଇ ରହିଯିବ। ଏବେସୁଦ୍ଧା ପୃଥିବୀର ଜନସଂଖ୍ୟା ମଧ୍ୟରୁ ୫୪ଲକ୍ଷରୁ ଅଧିକ ଲୋକ କରୋନାର କରାଳ ଗର୍ଭରେ ଲୀନ ହୋଇସାରିଲେଣି । ଆଉ କେତେ କାଳ ଲହର ପରେ ଲିହର ଚାଲିବ, ତାହା କେହି ନିଧାର୍ଯ୍ୟ ରୂପେ କହିପାରିବେ ନାହିଁ । ବିଦେଶରେ ତୃତୀୟ ଲହର କରୋନାର ନୂତନ ପ୍ରଜାତିର ଅବତାର ହୋଇ ଉଦ୍ଦଣ୍ଡ ନୃତ୍ୟ ଚଳାଇଛି, ତାହା ସମସ୍ତେ ଦେଖିଛନ୍ତି । ଆମ ଦେଶରେ ମଧ ଓମିକ୍ରନର ସଂକ୍ରମଣ ଦ୍ରୁତଗତିରେ ମାଡ଼ିଚାଲିଛି । ତାହା ପୂର୍ବ ଅବତାରଠାରୁ ବେଶୀ ବିପଜନକ ହେବନାହିଁ ବୋଲି କହି ଆତଙ୍କିତଙ୍କ ମନବୋଧ କରାଯାଉଛି ସିନା, ବାସ୍ତବତା ସମ୍ପର୍କରେ କାହାରି ପାଖରେ ଠୋସ୍ ସୂଚନା ନାହିଁ । ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ବିଦେଶାଗତ ନାଗରିକଙ୍କଠାରେ ଓମିକ୍ରନ୍ ଲକ୍ଷଣ ପରିଲକ୍ଷିତ ହେବାପରେ ସବୁଠି ଆତଙ୍କର ଲହର ଖେଳିଯାଇଛି । ସୋମବାର ସୁଦ୍ଧା ସରକାରୀ ହିସାବରେ ପାଖାପାଖି ଚାଳିଶି ଜଣଙ୍କଠାରେ ଏଭଳି ଲକ୍ଷଣ ଦେଖାଯାଇଥିବା କୁହାଯାଉଛି । ଦୁଇଥର ଟିକା ନେବା ପରେ ସୁଦ୍ଧା ବୁଷ୍ଟର ଡୋଜ୍ ନେବାକୁ ସୁନିଶ୍ଚିତ କରିବା ସକାଶେ ଗୁରୁତ୍ୱ ସହକାରେ ଚିନ୍ତା କରାଯାଉଛି । ବିଦେଶରେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେବା ପରେ ଆମ ଦେଶରେ ସେ ନେଇ ପଦକ୍ଷେପ ନିଆଯାଇପାରେ ବୋଲି ସୂଚିତ ହୋଇଛି । କରୋନା କାଳରେ ଅର୍ଥନୀତି ଉପରେ ଲାଗିଛି ଶକ୍ତ ଆଘାତ । ଦୁଃସ୍ଥିତି ସୁଧାରିବା ଦିଗରେ ଯେତେ ଯାହା ପଦକ୍ଷେପ ନିଆଯାଇଛି କିମ୍ବା ନିଆଯାଉଛି, ତାହାର ସୁଫଳକୁ ଧୂମା କରିସାରିଛି ସଂକ୍ରମଣଜନିତ ଆତଙ୍କ । ବର୍ଷାଧିକ କାଳ 'ୱାର୍କ ଫ୍ରମ୍ ହୋମ୍'ରେ ଅଭ୍ୟସ୍ତ ଆଇଟି କୁଶଳୀମାନେ ଧୀରେ ଧୀରେ କର୍ମସ୍ଥଳକୁ ଫେରିବା ସମୟକୁ ଓମିକ୍ରନ୍ ଚୋଟ ଆସିଗଲାଣି । ଚିକିତ୍ସକମାନେ ଏହି ପର୍ଯ୍ୟାୟ ସେତେବେଶୀ ଘାତକ ହେବନାହିଁ କହୁଥିଲେ ସୁଦ୍ଧା, କମ୍ପାନି ଓ ବିଭିନ୍ନ ସଂସ୍ଥା ଆଉ ଝୁଙ୍କୁ ନେବାକୁ ସାହସ କରିପାରୁନାହାଁନ୍ତି । ତାହାଦ୍ୱାରା ଆର୍ଥିକ ତଥା ସାମାଜିକ ଗତିବିଧି ବାଧାପ୍ରାପ୍ତ ହେବା ସ୍ୱାଭାବିକ । ବ୍ୟାଙ୍କିଙ୍ଗ ସେକ୍ଟର କିଭଳି ପ୍ରଭାବିତ ହୋଇଛି ଏବଂ ତାହାର ପ୍ରତ୍ୟକ୍ଷ ପ୍ରତିକୂଳ ପରିଣତି ସମସ୍ତଙ୍କୁ ଭୋଗିବାକୁ ପଡୁଛି, ତାହା ଜମାକାରୀ ଏବଂ ନିବେଶକଙ୍କ ଅଙ୍ଗେନିଭା କଥା। ଜମାକାରୀମାନଙ୍କ ଭିତରେ ଆତ୍ମବିଶ୍ୱାସର ସଙ୍କଟ ଦେଖାଦେଇଥିବାରୁ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଗ୍ରାହକଙ୍କୁ କିଛି ଭରସା ଦେଇପାରୁନାହାଁନ୍ତି । ସେହି କ୍ରମରେ କେତେକ ବ୍ୟାଙ୍କର କାର୍ଯ୍ୟକଳାପ ଅଧୋମୁଖୀ ହୋଇଯାଇଥିବାର ଦେଖାଯାଇଛି । କିଛି ଘରୋଇ ବ୍ୟାଙ୍କ ରୀତିମତ ବୁଡିବା ଏବଂ ଗ୍ରାହକଙ୍କ ସ୍ୱାର୍ଥରକ୍ଷା ଦିଗରେ ପଦକ୍ଷେପ ନିଆନଯିବା ହେତୁ ଲୋକମାନେ ମୁହଁ ମୋଡୁଛନ୍ତି । ସମଗ୍ର ପ୍ରକରଣକୁ ଦେଖିବା ପରେ କେନ୍ଦ୍ର ସରକାର ଏବେ ଜମା ଉପରେ ଥିବା ବୀମା ପରିମାଣ ପାଞ୍ଚଗୁଣା ବୃଦ୍ଧି କରିଛନ୍ତି । ବ୍ୟାଙ୍କ ବୁଡିଗଲେ ବି ଜମାକାରୀମାନେ ରାସ୍ତାକୁ ଚାଲିଯିବା ଅବସ୍ଥା ସୃଷ୍ଟି ହେବନାହିଁ । ପୂର୍ବଦିନରେ ଜମାକାରୀମାନଙ୍କୁ ଅସ୍ୱାଭାବିକ ସ୍ଥିତି ଉପୁଜିଲେ ମାତ୍ର ଲକ୍ଷେ ଟଙ୍କାର ବୀମାର ପ୍ରାବଧାନ ଥିଲା । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପ୍ରକାରେ ତାହା ପାଞ୍ଚ ଲକ୍ଷକୁ ବଢ଼ାଇ ଦିଆଗଲା । ଜମାକାରୀମାନେ ତିନି ମାସରେ ଅର୍ଥରାଶି ପାଇବେ ଏବଂ ଏହାଦ୍ୱାରା ଜମାକାରୀମାନଙ୍କର ଆତ୍ମବିଶ୍ୱାସ ବଢ଼ିବାର ଆଶା କରାଯାଏ। ସୂଚନା ମୁତାବକ, ଭାରତରେ ବର୍ତ୍ତମାନ ୨୫୨କୋଟି ଷାଠିଏ ଲକ୍ଷ ଜମା ଆକାଉଣ୍ଟ ଅଛି । ଏକାଧିକ ବ୍ୟାଙ୍କରେ ଲୋକମାନଙ୍କର ଜମାଖାତା ରହୁଛି । ୨୪୭କୋଟିରୁ ଅଧିକ ଜମାଖାତାରେ ହାରାହାରି ଜମାରାଶି ପରିମାଣ ହେଉଛି। ପାଞ୍ଚଲକ୍ଷ ଟଙ୍କାରୁ କମ୍ । ସେ କ୍ଷେତ୍ରରେ ଯଦି କିଛି ସମସ୍ୟା ଦେଖାଦିଏ, ତେବେ ବ୍ୟାଙ୍କ ଦେବାଳିଆ ହେବାର ଆଶଙ୍କା ଥିଲେ ଅତି କମ୍‌ରେ ୯୦% ଜମାକାରୀ ସେମାନଙ୍କ ଜମାରାଶି ଫେରିପାଇବେ । ସେହି ପ୍ରତିଶ୍ରୁତି ଦୃଷ୍ଟିରୁ ପୂର୍ବଦିନରୁ ଗଡ଼ିଆସୁଥିବା କଚ୍ଛପ ସଂସ୍କାର ଅଧିକ ବେଗ ପାଇବ ବୋଲି ଆଶା କରାଯାଉଛି । ଗ୍ରାହକମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଲକ୍ଷ୍ୟରେ ସରକାର ଯେଉଁ ପଦକ୍ଷେପ ନେଇଥିବାର କହୁଛନ୍ତି, ତାହାର ଦୂରଗାମୀ ସୁଫଳ ରହିବ ବୋଲି ଦେଶବାସୀ ଆଶା କରନ୍ତି ।

## ଭ୍ରଷ୍ଟାଚାର, ଭ୍ରଷ୍ଟାଚାରୀ ଓ ପ୍ରତାରିତ



**ପଙ୍କଜ କୁମାର ପାଣିଗ୍ରାହୀ**

ଅମାନବୀୟ, ଦୁର୍ବଳ ମାନସର ଏକ ଦୁଷ୍କର୍ମ ବିର ଭ୍ରଷ୍ଟାର ଯାହା ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ସହିତ ସାମ୍ପ୍ରତିକ ଅବକ୍ଷୟକାରଣରୁ ରାଷ୍ଟ୍ରକୁ ନିମ୍ନ ମୁଖି କରି ନିଜସ୍ୱ ଚେତନାକୁ କଳୁଷିତ କରିଥାଏ ! ସେଇଥିରେ ଭାଗିଦାରୀତା କରୁଥିବା ମଣିଷ ସମାଜର ଏକ କଳଙ୍କ ।

ଯାହା ଦ୍ୱାରା ସାଧାରଣ ପ୍ରଚଳିତ ବ୍ୟବସ୍ଥାର ସଦସ୍ୟ ବୃନ୍ଦ ପ୍ରତାରିତ!!

ସାଧାରଣତଃ ସାମାଜିକ କ୍ଷେତ୍ରରେ ଅନୈତିକ କାର୍ଯ୍ୟ କରି ନିର୍ଦ୍ଧାରିତ ସଂଖ୍ୟା ବହିର୍ଭୁତ ଅର୍ଥ କରାୟତ କରାଯିବା ଭ୍ରଷ୍ଟାର ଭାବେ ସର୍ବ ଗ୍ରହୀତ ହୋଇଥିବା ବେଳେ ସେହି କୁକର୍ମରେ ଲିପ୍ତ ମଣିଷଙ୍କୁ ଭ୍ରଷ୍ଟାରୀ ବୋଲି କୁହାଯାଇ ଥାଏ । ସାମାଜିକ ଭ୍ରଷ୍ଟାର ଜନିତ କ୍ଷତି ସହି ନିର୍ବୋଧ ପ୍ରତାରିତ ହୋଇଥା'ନ୍ତି ଯାହା ସେମାନଙ୍କ ବୁଝିବା କ୍ଷମତା ବହିର୍ଭୁତ । ଅତ୍ୟନ୍ତ ଦୁଃଖର ବିଷୟ ଏହାକି ଯେଉଁମାନେ ସାମାଜିକ ପରିଳନା ହେତୁ ଅର୍ଥ ଉପ୍ତାଦନ କରିଥା'ନ୍ତି, ସେହିମାନେ ଭ୍ରଷ୍ଟାରୀଙ୍କୁ ସମାଜର ଶୀର୍ଷ କ୍ଷେତ୍ରରେ ଅବସ୍ଥାପନ କରି ସେମାନଙ୍କୁ ପ୍ରଭୁତୁଲ୍ୟ ମାନ୍ୟତା ଦେଇ ସେମାନଙ୍କ ଦ୍ୱାରା ଭ୍ରଷ୍ଟାରରେ ପୀଡିତ ପ୍ରତାରିତ ବ୍ୟବସ୍ଥାକୁ ଅନୁଶୀଳ କରିବା କ୍ଷମତା ବହିର୍ଭୁତ ମଣିଷଙ୍କୁ ସାମାଜିକ ଦାରିଦ୍ର୍ୟ ସୀମାରେଖା ନୀଚରେ ରହିଥିବା ଦର୍ଶାଯାଇ ଥାଏ। ବାସ୍ତବ କ୍ଷେତ୍ରରେ ସେହିମାନେ ନିଶ୍ଚିତ ଭାବେ ଅତ୍ୟନ୍ତ ଧନଶାଳୀ ଯେଉଁମାନେ ସାଧାରଣ ଲୋକଙ୍କୁ ଖାଦ୍ୟ, ବସ୍ତ୍ର ଯୋଗାଇ ଥା'ନ୍ତି । କିନ୍ତୁ ମଧ୍ୟବିତ୍ତ ଏବଂ ଉଚ୍ଚାସନ ଅଭିଷିକ୍ତ ମଣିଷ କେବେ କୌଣସି ବାସ୍ତବବାଦୀ ପ୍ରାକୃତିକ କର୍ମ କରୁନଥିବା ବେଳେ ସେହି ନିମ୍ନରେ ରହିଥିବା ମଣିଷ ମାନଙ୍କୁ ଅଲୌକିକ ଭାବେ ଶିକ୍ଷାର କରାଳତା ସୃଷ୍ଟି କରି ଯେଉଁ କାର୍ଯ୍ୟ କରିଥା'ନ୍ତି ସେଗୁଡିକୁ ନିର୍ବୋଧ ବୁଝି ନପାରି ସେମାନଙ୍କୁ ପ୍ରଭୁତୁଲ୍ୟ ମାନିଥା'ନ୍ତି । ଏହି ଭାବଧାରା ସମାଜରେ ଅନେକ ବର୍ଷ ପୂର୍ବେ ଆରମ୍ଭ ହୋଇ ଅଦ୍ୟାବଧି ଏକ ସାମାଜିକ ନିୟମରେ ପରିଣତ ହୋଇଛି । ସତ୍ୟକୁ ଆଢୁଆଳରେ ରଖି ମିଥ୍ୟାବାଦୀ ଏମିତି ସାମାଜିକ ସ୍ଥିତିରେ ସାଧାରଣ ଲୋକଙ୍କୁ ନିମଜ୍ଜିତ କରି ରଖିଛନ୍ତି ଯେ ସମାଜର ସମସ୍ତ ବର୍ଗର ମଣିଷ ଗୁଡିକ ଅଦ୍ୟାବଧି କେବଳ ମିଥ୍ୟରୀ ଭଳି ଜୀବନ ଧାରଣ କରୁଥିବା ଦେଖିବାକୁ ମିଳୁଛି । ଭ୍ରଷ୍ଟାର କେବଳ ସୀମିତ ବର୍ଗର ମଣିଷଙ୍କ ଦ୍ୱାରା ପରିଳିତ ଏକ ସାମାଜିକ ଗ୍ରହଣୀୟ ପ୍ରଥାରେ ପରିଣତ ଆଜି ସମୟର କରାଳତାର ବ୍ୟାଖ୍ୟା କରିବାକୁ ଗଲେ ଭ୍ରଷ୍ଟାର ବିରୋଦ୍ଧିଙ୍କୁ ଦେଶଦ୍ରୋହୀ ବୋଲି କହିବା ପାଇଁ ମଧ ପଛାଉନାହିଁ ସମାଜ । କି ମର୍ମାହତ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ, ସମୀକ୍ଷା କରି ଦେଖିବା.......

ସତ୍ୟ କେବେ ଲୁଚି ରହେନା ବୋଲି ରହିଥବା କିମ୍ବଦନ୍ତୀ ମଣିଷ ଦ୍ୱାରା ଘୋଷିତ କରାଯାଇଥିବା ବେଳେ ମଣିଷ ହିଁ ସତ୍ୟକୁ ଲୁଇ ରଖି ପାରୁଥିବା ପ୍ରତିଭାବାନ କ୍ଷମତାଶାଳୀ ଭାରତୀୟଙ୍କ ମହାନତାର ଦୃଷ୍ଟିଭଙ୍ଗୀ ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳୁଛି ଆମ ସମାଜରେ । କହିବାକୁ ଗଲେ ସତ୍ୟକୁ ମିଥ୍ୟା ଓ ମିଥ୍ୟକୁ ସତ୍ୟ ସାବ୍ୟସ୍ତ କରି ଜନମାନସରେ ଗ୍ରହଣୀୟତା ସୃଷ୍ଟି କରାଯାଇ ସାମାଜିକ ବ୍ୟବସ୍ଥାରେ ବ୍ୟାପକ ଅମାନବୀୟ ଚରିତ୍ର ପ୍ରବାହ କରାଯାଉଥିବା ଘଟଣାବଳୀ ସମୂହରେ ପ୍ରତ୍ୟକ୍ଷ ଭାଗିଦାରୀତା କରୁଥିବା ସାମ୍ବିଧାନିକ, ନ୍ୟାୟିକ ବ୍ୟବସ୍ଥା ଆମ ଦେଶରେ ସ୍ୱୟଂ ସମ୍ପର୍ଣ୍ଣା ସର୍ବୋଚ୍ଚ କ୍ଷମତାଧାରୀ କଳର ସ୍ଥାନ ଏକ ଉଲ୍ଲେଖନୀୟ ସ୍ତରରେ ରହିଥିବା ବୁଝି ହୁଏ । ଇତି ମଧରେ ଦେଶକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ଅତ୍ୟନ୍ତ ସୌଖିନ ଜିନିଷ ହେଉକି ଜୀବନ ରକ୍ଷକ ଔଷଧ ପର୍ଯ୍ୟନ୍ତ ମୂଳ ପ୍ରସ୍ତୁତ ଏବଂ ବ୍ୟାପ୍ତ ବିତରଣ କରିବାରେ ବାସ୍ତବ, ସତ୍ୟ ଉପରେ ଆଧାରିତ କର୍ମ କରୁଥିବା କୃଷକ, ଶ୍ରମିକ ଏବଂ ବହନ ଳକ ସମୁହଙ୍କୁ ସମାଜର ସର୍ବ ନିମ୍ନରେ ସ୍ଥାପନ କରି ଅପ୍ରାକୃତିକ ମନୁଷ୍ୟକୃତ ନିମ୍ନ ଆବଶ୍ୟକ ସାମାଜିକ କର୍ମରେ ଲିପ୍ତ ମଧ୍ୟବର୍ତ୍ତୀ, ଧନଶାଳୀ ମଣିଷ ସମୁହଙ୍କୁ ସାମାଜିକ ଶୀର୍ଷ ସ୍ଥାନିତ କରିବାରେ କେବଳ ସାମ୍ବିଧାନିକ, ନ୍ୟାୟିକ ବ୍ୟବସ୍ଥା ହିଁ ଆଇନ ପ୍ରଣୟନ କରି ରଖିଥିବା ମର୍ମସ୍ପର୍ଶୀ ବିଷୟର କୌଣସି ବିସ୍ତୃତ ବାସ୍ତବବାଦୀ ସମୀକ୍ଷା ହେଉନାହିଁ । ସାମାଜିକ ସ୍ତରରେ ରହିଥିବା ସମସ୍ତ ଇଂରେଜ ବ୍ୟବସ୍ଥିତ କାର୍ଯ୍ୟାଳୟ ସମେତ ମଧ୍ୟବିତ୍ତ ପରିବାର ଲିପ୍ତ ରହିଥିବା ବ୍ୟବସାୟ ହେଉକି ଉଚ୍ଚ ସ୍ତରରେ ଆର୍ଥିକ ଖେଳ କରି ଲୋକଙ୍କ ଅର୍ଜିତ ଧନକୁ ଲୁଟି ବୋଲାଉଥିବା ଧନୀକ ପରିବାର ଗୁଡିକ ସମାଜରେ ନରହିଲେ ମଧ ସମାଜ ଚଳିବାରେ କୌଣସି ବାଧକତା ରହିବ ନାହିଁ ଯେପର୍ଯ୍ୟନ୍ତ ରାଷ୍ଟ୍ରର କୃଷକ, ଶ୍ରମିକ, ବାହାନ ଳକ ସକ୍ରିୟ ଅଛନ୍ତି । ଅର୍ଥାତ ଗମ୍ଭୀର ଭାବେ ଆଲୋକପାତ କରି ବିଶ୍ଳେଷଣ କଲେ ଜାଣି ହେବଯେ କେବଳ ଶ୍ରମିକ ଭଳି କାର୍ଯ୍ୟ କରୁଥିବା କ୍ଷେତ୍ର ସ୍ଥଳର ଶ୍ରମିକ ମାନଙ୍କ ଯୋଗୁହିଁ ସାମାଜିକ ବ୍ୟବସ୍ଥା ଲୁଛି ଯେଉଁମାନେ ପ୍ରକୃତ ଅର୍ଥ ଆଦାୟ କରୁଛନ୍ତି । ସେହିମାନଙ୍କ ଆଦାୟ ଅର୍ଥକୁ ବାଟମାରଣା କରି ଅନୈତିକ ଉପାୟରେ ଅଲୌକିକ ଭାବେ ଅଧିଗ୍ରହଣ କରି ନିଜକୁ ସାମାଜିକ ଉଚ୍ଚ ସ୍ଥାନିତ କରୁଥିବା ସାଧାରଣ ଶିକ୍ଷିତଙ୍କ ଆବଶ୍ୟକତା ଅପେକ୍ଷା ସେମାନଙ୍କ ବ୍ୟାପକ ଆବଶ୍ୟକତା ରହିଥବା ବେଳେ ସେମାନେ ସମାଜର ସବୁଠାରୁ ନିମ୍ନରେ ରହିଥିବା ଏକ ଦୁଃଖଦ ପରିସ୍ଥିତିକୁ କେହି ବୁଝନ୍ତି ନାହିଁ ।

ବାସ୍ତବ ଆର୍ଥିକ ଆଦାୟ କରି ସମସ୍ତ ମଣିଷଙ୍କ ଜୀବନ ବଞ୍ଚାଉଥିବା କୃଷକ, ଶ୍ରମିକଙ୍କ ଆଦାୟ ଅର୍ଥରୁ କେମିତି ବାଟମାରଣା କରି ସମାଜରେ ଧନୀକ ସମାଜ ସୃଷ୍ଟି ହୋଇଛି ତାହାର ଭରପୁର ଜ୍ଞାନ ସେମାନଙ୍କ ପାଖରେ ନଥିବା ବେଳେ ସେମାନଙ୍କ ଆଦାୟକୁ ହଡପ କରି ନିଜ ଜୀବନ ବଂଚାଉଥିବା ଏବଂ ତାହାଠାରୁ ଶତଗୁଣରେ ଭ୍ରଷ୍ଟାର କରି ଆତ୍ମସାତ କରୁଥିବା ଭ୍ରଷ୍ଟାରୀଙ୍କ କୌଣସି ସମୀକ୍ଷା ନାହିଁ କି ଦଣ୍ଡ ବିଧାନ ବିହୀନ ସମାଜରେ ନିର୍ବୋଧ, ଆଜିବନ ପ୍ରତାରିତ ହୋଇ ରହୁଥବା ଅତ୍ୟନ୍ତ ଦୁଃଖ, କ୍ଷୋଭର ବିଷୟ ପ୍ରତି କାହାର ନଜର ନାହିଁ । ସାଧାରଣ ଅଜ୍ଞାନ, ନିର୍ବୋଧ ନିଜକୁ ଜୀବନ ସାରା ଜାଳି ଜାଳି ସେହି ତଥାକଥିତ ମଧ୍ୟବିତ୍ତ, ଧନୀକ ଶ୍ରେଣୀର ଲୋକଙ୍କ ଝୋଲିରେ ଭିକ୍ଷା ପ୍ରଦାନ କରି ସେମାନଙ୍କୁ ଭିକ୍ଷୁକ ସ୍ତରରେ ରଖି ତାହାର ବିପରୀତେ ନିଜେହିଁ ଭିକାରୀର ପରିଚୟ ସୃଷ୍ଟି କରିଥା'ନ୍ତି କେତେବେଳେ କାହାଠାରୁ କିଞ୍ଚିତ ଦାନ, ସାହାଯ୍ୟ ଆକାରରେ ଗ୍ରହଣ କରି । ସେମାନଙ୍କୁ ସଚେତନ କରାଯିବା କିମ୍ବା ସତ୍ୟକୁ ପ୍ରକଟ କରି ସେମାନଙ୍କ ପ୍ରକୃତ ସାମାଜିକ ସ୍ଥିତି ବିଷୟରେ ଜ୍ଞାତ କରିବା ସମାଜ ସେବକ, ସୁଧାରକ ନାହାନ୍ତି ଆମ ସମାଜରେ । କାରଣ ଏହି ବ୍ରିଟିଶ ବ୍ୟବସ୍ଥାକୁ ବୁଝି ବାସ୍ତବ ସତ୍ୟର ଅନୁଶୀଳନ କରିବା କ୍ଷମତା ବିହୀନ ନିର୍ବୋଧ ସମାଜରେ କେଳେଙ୍କାରୀ ଚତୁରଙ୍କ ଦୌରାତ୍ମ୍ୟ ଯାହା ହେବା କଥା ହୋଇ ଲିଛି, ଲିବ ମଧ ଯେତେବେଳ ପର୍ଯ୍ୟନ୍ତ ସାଧାରଣ ଲୋକେ ନିଜେ ସଚେତନ ହେବା ଶିକ୍ଷା କରି ନାହାନ୍ତି । ଯେତେଦିନ ପର୍ଯ୍ୟନ୍ତ ସେହି ପ୍ରକୃତ ମଣିଷ ସମାଜ ଏହି ଅପ୍ରାକୃତିକ ମଣିଷ ରଚିତ ଶିକ୍ଷିତଙ୍କୁ ଗୁରୁତୁଲ୍ୟ ମାନ୍ୟତା ଦେଇ ଲିଥିବ ସେତେ ଦିନ ପର୍ଯ୍ୟନ୍ତ ବ୍ରିଟିଶ ରାଜ୍‌ର ଅନ୍ତ ହେବ ନାହିଁ ବରଂ ସେମାନେ ଭ୍ରଷ୍ଟାରୀଙ୍କ ଦ୍ୱାରା ନିଷ୍ପେସିତ ହୋଇ ପ୍ରତାରିତ ହୋଇ ଲିଥିବେ ।

ତେଣୁ ଏକ ସଭ୍ୟ, ବିକଶିତ ସମାଜର ପରିଚୟ ପ୍ରଦାନ କରି ବିଶ୍ୱ ଦରବାରରେ ଆମର ପ୍ରତିଷ୍ଠା ସ୍ଥାପନ କରିବାକୁ ହେଲେ ପ୍ରଥମେ ସାମାଜିକ କ୍ଷେତ୍ରର କୃଷକ, ଶ୍ରମିକ ସ୍ତରର ଲୋକଙ୍କୁ ସମ୍ମାନ ଦେବା ସହିତ ସାମାଜିକ କୃତିମ କ୍ଷେତ୍ରର ଲୋକଙ୍କୁ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ପରିଳିତ କରାଗଲେ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ରାଷ୍ଟ୍ରର ବିକାଶ ହୋଇ ପାରିବ । ଅଥବା ମଧ୍ୟବର୍ତ୍ତୀ ସୋପାନର ଶିକ୍ଷିତ କର୍ମରୀଙ୍କୁ ବ୍ରିଟିଶ ଦ୍ୱାରା ଦିଆଯାଇଥିବା ମାନ୍ୟତା ଅନୁଯାୟୀ ଅଖଣ୍ଡ କ୍ଷମତା ପ୍ରଦାନ ପୂର୍ବକ ବ୍ୟବସ୍ଥାରେ ସେମାନଙ୍କ ସ୍ୱେଚ୍ଛାରିତା ଭାବ ପୋଷଣ କରି ସାମାଜିକ ଭ୍ରଷ୍ଟାର ଜାରି ରଖିବା ସୁନିଶ୍ଚିତ । ସେଇଥିରେ ଅସନ୍ତୁଳିତ ସାମାଜିକ କର୍ମୀ ତଥା କୃଷକ, ଶ୍ରମିକ ପ୍ରତାରିତ ହୋଇ ରାଷ୍ଟ୍ରର ଅଧୋଗତି ଛଡା କୌଣସି ଉନ୍ନତ୍ତି ସମ୍ଭବ ହେବନାହିଁ ବୋଲି ଆମ ବିରରେ ଆପଣଙ୍କ ଅନୁଭବ କ'ଣ...??

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
(ମୋ)୯୪୩୭୩୨୪୯୧୭

## ସଫଳତାକୁ ସହି ପାରୁନଥିବା ମଣିଷମାନଙ୍କ ପାଇଁ ପଦେ



**ଡ଼ି ଶୁଭମ୍**

ଜୀବନ ଓ ମୃତ୍ୟୁର ଏହି ଚିରନ୍ତନ ସତ ମଧରେ ମଣିଷ ନିୟତିଙ୍କ ସର୍ଜନାରେ ଏକ ବିଚିତ୍ର ସୃଷ୍ଟି ବୋଲି ପରିଗଣିତ ହୁଏ। କାରଣ ମଣିଷର ହିତାହିତଜ୍ଞାନ ଠାରୁ ଆରମ୍ଭ କରି ବୁଦ୍ଧି, ବିବେକ ଓ ବିଚାର ଯାଏଁ ସବୁଥିରେ ଏହା ସମସ୍ତଙ୍କଠାରୁ ବେଶ ସ୍ୱତନ୍ତ୍ର। ସେ କଷ୍ଟକୁ ଅନୁଭବ କରିପାରେ, ଦେ ସଫଳତା ପାଇବାକୁ ସଂଘର୍ଷ ବି କରିପାରେ। ସେଥିପାଇଁ ଏକ ସାମଜିକ ପାଣୀ ଭାବେ ବିଦିତ ଏ ମନୁଷ୍ୟ ସମାଜ। କିନ୍ତୁ ମଣିଷର ହାତର ପାଂଚଟି ଆଙ୍ଗୁଳି ସମାନ ନଥିବା ପରି ସବୁ ମଣିଷଙ୍କ ବ୍ୟବହାର, ଆଚାର ବିଚାର ବି ସମାନ ନଥାଏ। କିଏ ସଫଳତା ପାଇ ଅନ୍ୟକୁ ସଫଳ କରିବାକୁ ଖୋରାକ ଯୋଗାଉଥାଏ ତ ଆଉ କେବେ ସେହି ସଫଳ ମଣିଷ ଆଉ କିଏ ଯେମିତି ସଫଳତା ନପାଉ ସେଥିପାଇଁ ଅନବରତ ଲାଗି ରହିଥାଏ। ଏସବୁ ବର୍ତ୍ତମାନ ସମୟର ଏକ ନିତିଦିନିଆ ଘଟଣା। ଜଣେ ପରିପକ୍ୱ ଅନୁଭବୀ ମଣିଷ ଏସବୁ କଥାକୁ ସହଜରେ ପରଖି ପାରେ। କାରଣ ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମନେ ଅନ୍ୟର ସଫଳତାକୁ ସହଜରେ ହଜମ କରିପାରନ୍ତିନି। ସେମାନଙ୍କ ଦେହରେ ସଫଳତାର ଶଦ୍ଦ ଯେମିତି କାକ୍‌ଟସର କଣ୍ଟା ପରି ଫୋଡ଼ି ହୋଇଯାଏ। ସେଥିପାଇଁ ଈର୍ଷାରେ ଜଳିଜଳି ସେମାନେ କାପୁରଷତାର ପରିଚୟ ଦିଅନ୍ତି। ଏମାନଙ୍କର ଏମିତି ଅଭ୍ୟାସକୁ ନିରିଖେଇଲେ ଏମାନଙ୍କୁ ମଣିଷ ପଦବାଚ୍ୟ ବୋଲି କହିବାକୁ ବି ନିଜକୁ ଖରାପ ଲାଗେ। କେବଳ ମୁଁ ନୁହଁ ମୋ ପରି ଅନେକ ଏମିତି ମଣିଷ ମାନଙ୍କ ସଂସ୍ପର୍ଶରେ ଆସିଥିବେ ବୋଲି ମୋର ବିଶ୍ୱାସ। ଏମିତି ମଣିଷଙ୍କ ଠାରୁ ଦୂରରେ ରହିବା ଏବଂ ଏମାନଙ୍କ କଥାକୁ ଗୋଟିଏ ସେକେଣ୍ଡ ଯାଏଁ ନଭାବିବା ଆଉ ଏମାନଙ୍କ କାଯ୍ୟକୁ ଆଖି ବୁଲେଇ ନ ଦେଖିବା ହିଁ ମୋ ଲେଖିବାର ଅଭିପ୍ରାୟ ।

କଥାରେ ଅଛି ବିଦ୍ୟା ଦଦାତି ବନିୟମ୍ । ଅର୍ଥାତ ବିଦ୍ୟା ବିନୟ ପ୍ରଦାନ କରେ। କହୁଯାଏ ଜ୍ଞାନ ବାଣ୍ଟିଲେ ବଢ଼େ। ପରନ୍ତୁ ବର୍ତ୍ତମାନ ସମୟରେ ଜ୍ଞାନ ବାଣ୍ଟିବା ତ ଦୂରର କଥା, ଜ୍ଞାନ ନଥିବା ବ୍ୟକ୍ତି ଏବେ ନିଜକୁ ମହାପୁରଷ ବନେଇବା ପାଇଁ ପ୍ରାଣପ୍ରଣେ ଉଦ୍ୟମ କରୁଛନ୍ତି। ସେମାନଙ୍କ ଏପରି ଉଦ୍ୟମକୁ ଆମେ ସମ୍ମାନ ଦେବା ଆବଶ୍ୟକ। ଯାହା ହେଉ ଧାଡ଼ିଏ ଲେଖିବା ଅବା ପଦିଏ କହିବାର ଯୋଗ୍ୟତା ନଥିବା ବ୍ୟକ୍ତି ବିଶେଷ ନିଜକୁ ମହନୀୟତାର ପରିଚୟ ପ୍ରଦାନ କରିବାକୁ ସତଚେଷ୍ଟିତ। ସା ବିଦ୍ୟା ଯା ବିମୁକ୍ତୟେ। ଅର୍ଥାତ ବିଦ୍ୟା ତାହା ଯିଏ ମୁକ୍ତି ପ୍ରଦାନ କରେ। ଜଣେ ଜ୍ଞାନୀ ଆଉ ଗୁଣି ବ୍ୟକ୍ତି କେବେ ଅହଂକାରର ବଶବର୍ତ୍ତୀ ହୁଅନ୍ତିନି। କାରଣ ତାଙ୍କ ପାଖରେ ଏ ଦୁନିଆର ସବୁଠାରୁ ବଡ଼ ଆଉ ଦୁର୍ଲଭ ଜିନିଷ -ବିଦ୍ୟା ଅଛି। ସେ ଯେକୌଣସି ସ୍ଥାନକୁ ଗଲେ ନିଜକୁ ଖାପଖୁଆଇ ଚଳିପାରିବ। କିନ୍ତୁ ସେମାନଙ୍କର ସଫଳତାକୁ କିଛିଟା ଲୋକ ହଜମ କରିପାରନ୍ତିନି। ଏହି ହଜମ କରିପାରୁନଥିବା ମଣିଷ ଗୁଡ଼ିକର ଆମ ସମାଜରେ ଅଭାବ ନାହି। ଆପଣ ଏମାନଙ୍କୁ ପ୍ରତି ଘରେ, ପ୍ରତି କ୍ଳାସରୁମରେ ନିଜ ସାଙ୍ଗସାଥୀ ଭିତରେ ବି ସହଜରେ ଖୋଜି ପାଇପାରିବେ। ଏମାନଙ୍କୁ ଖୋଜିବା ପାଇଁ ସମୟ ଆବଶ୍ୟକ ପଡ଼େନି। ଏମାନଙ୍କ ରଙ୍ଗ, ଢ଼ଙ୍ଗ ହିଁ ଏମାନଙ୍କୁ ସ୍ୱତଃ ପରିଚିତି କରିଦିଏ। କିଏ ଟିକେ ଆଗକୁ ଗଲେ ତା ଗୋଡ ଟାଣିବା ଏମାନଙ୍କ ପ୍ରବୃତ୍ତି। କାରଣ ସେମାନେ ଜାଣିଥାନ୍ତି କି କେବେ ହେଲେ ଆଗକୁ ଯାଇ ପାରିବେନି। ଏମିତି ମଣିଷମାନେ ଏବେ ଶହ ଶହ, ହଜାର ହଜାର ସଂଖ୍ୟାରେ ଦୃଶ୍ୟମାନ।

ପ୍ରଦୀପର ଶିଖା ଆମକୁ ଆଲୋକ ପ୍ରଦାନ କରେ। କିନ୍ତୁ ସେ ଶିଖାକୁ ସହି ପାରୁନଥିବା କିଛିଟା ଅସହିଷ୍ଣୁ ପୋକ ତାହାକୁ ଲିଭେଇବା ପାଇଁ ବାରମ୍ବାର ଚେଷ୍ଟା କରନ୍ତି। କିନ୍ତୁ ଫଳ ଓଲଟା ହୁଏ। ସେ ଜାଜ୍ୱଲ୍ୟମାନ ଶିଖାରେ ପୋଡ଼ି ହୋଇ ମରିବା ହି ସାର ହୁଏ। ସେମିତି ସଫଳତାକୁ ସହିପାରୁନଥିବା ବ୍ୟକ୍ତି ବିଶେଷ ଜଣଙ୍କୁ ଫସାଇବା ହେଉ କି ଗୋଡ଼ ଟାଣିବା ହେଉ ଯାହା ବି କଲେ ଫଳ ଓଲଟା ହୁଏ। ସଫଳତା କାହା ଘରର ସମ୍ପତ୍ତି ନୁହେଁ। ଏହା କଷ୍ଟ ଅର୍ଜିତ ତଥା ସଂଗ୍ରାମ ଆଉ ସଂଘର୍ଷର ପରିଭାଷା। ଜଣେ କେବେ ହେଲେ ସହଜରେ ଶୀର୍ଷ ଛୁଇଁପାରେ ନାହିଁ। ଏଥିପାଇଁ ଆବଶ୍ୟକ ନିରନ୍ତର ଉଦ୍ୟମ। ଆଉ ଜଣେ ସଫଳ ମଣିଷର ସଫଳତାକୁ ଭାଙ୍ଗିବାଟା ଏତେ ସହଜ କଥା ନୁହେଁ। ଯିଏ ମାସ ମାସ ବର୍ଷ ବର୍ଷ ନିଜ ପରିଶ୍ରମକୁ ସାଥି କରି ଏହାକୁ ହାସଲ କରିଛି, ଏମିତି ଲକ୍ଷେ ଅସହିଷ୍ଣୁ ମଣିଷ ଆସିଲେ ବି ସେମାନଙ୍କୁ ହରେଇ ପାରିବେ ନାହିଁ।

ଶିକ୍ଷା ତଥା ଜ୍ଞାନ ଏକ ସୃଜନ ପ୍ରତିବେଦନ। ଜଣେ ଶିକ୍ଷିତ ମଣିଷ ପାଖରେ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସାମୁହିକ ସ୍ୱାର୍ଥ ଅଧିକ ଥାଏ। ସମାଜର କଲ୍ୟାଣ ପାଇଁ ଯେଉଁ କାର୍ଯ୍ୟ ହୁଏ ସବୁବେଳେ ଏମିତି ଅସହିଷ୍ଣୁ ମଣିଷ ମାନେ ସମାଲୋଚନା କରିବାକୁ ପଛାନ୍ତିନାହିଁ। ସେମାନଙ୍କ କାମ ହିଁ ଜଣଙ୍କ ସଫଳତାକୁ ସହି ନପାରିବା। ଏମିତି ଅସହିଷ୍ଣୁ ମାନେ ଯେତେ ଚେଷ୍ଟା କଲେ ବି ସଫଳ ହୋଇପାରନ୍ତିନି। ଶିଖାକୁ ଲିଭେଇବା ପାଇଁ ପ୍ରାଣପ୍ରଣେ ଉଦ୍ୟମ କରି ଶେଷରେ ଜଳିଯାଆନ୍ତି। କଥାରେ ଅଛି ଯେ ପାଂଚେ ପରମନ୍ଦ, ତା ମନ୍ଦ ପାଂଚନ୍ତି ଗୋବିନ୍ଦ। ଭଗବାନ ଏ ସୃଷ୍ଟିର ବାହକ। ତାଙ୍କ ପାଇଁ ଏ ଜୀବଜଗତର ଅୟମାରମ୍ଭ। ପରର ମନ୍ଦ ଚିନ୍ତା କରିବା ଅର୍ଥ ନିଜକୁ ବିପଦ ମୁହଁକୁ ଟାଣିବା। ଏସବୁ କଥା ଜାଣି ବି ଅସହିଷ୍ଣୁ ମାନେ ଅସହିଷ୍ଣୁତାର ସବୁସୀମା ଟପି ଯାଇ ନିଜକୁ ଶ୍ରେଷ୍ଠ ତଥା ଶୀର୍ଷରେ ପହଁଚିବାକୁ ଯଥାଚେଷ୍ଟା କରିଶେଷରେ ହାର ମାନନ୍ତି। ସେମାନଙ୍କ ପାଇଁ ମୋର ପଦେ କଥା- ହେ ଅସହିଷ୍ଣୁ ମଣିଷ ଗଣ, ନିଜକୁ ସୁଧାର, ପରକୁ ହାତ ଦେଖାଇବା ଆଗରୁ ନିଜକୁ ବଦଳାଅ। ସଫଳତା ଭିତରେ ବିଫଳତା ନୁହେଁ ବରଂ ସଫଳ ହେବା ପାଇଁ ସଫଳ ମଣିଷଙ୍କର ନୀତିକୁ ଅନୁସରଣ କର। ତାହେଲେ ଯାଇ ଏ ମାନବ ଜନ୍ମର ସାର୍ଥକତା ପ୍ରତିପାଦିତ ହାଇପାରିବ। ସମୟ ଅଛି ନିଜକୁ ପରିବର୍ତ୍ତନର ମାର୍ଗରେ ପରିଚାଳିତ କଲେ ହିଁ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

♥ କୃଷି ସ୍ନାତକୋତ୍ତର,
ମୃତ୍ତିକା ବିଜ୍ଞାନ, ସୋଆ,
ଭୁବନେଶ୍ୱର
ମୋ-୯୪୩୮୪୬୭୦୭୯

କବିତା କୋଣାର୍କ

## ଆଇ



**ପୂର୍ଣ୍ଣିମା ଲେଙ୍କା**

ବୟସ ଛ କୋଡ଼ି ଡେଇଁଲାଣି
ଗଲା ସନ ମାଘରୁ......
ଅଣ୍ଟା ବି ବଂକୁଲି ବାଡ଼ି ପରି ନଇଁ ଲାଣି
ଅନେକ ଦିନ ଆଗରୁ।

ପୁଅ, ଗୋସିଆଁ ହାତ ଛାଡିଲେ ଅଧା ବାଟରୁ
ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ ବି ଚାଲି ଗଲେଣି
କେଉଁ କାଳରୁ....
ତା ଆଗେ ଜନ୍ମ ହେଇଥିବା ଛୁଆ ଆଜି ବୁଢା!!
କିନ୍ତୁ ଆଶ୍ଚର୍ଯ୍ୟ!!!
ଲୋଚ କୋଚ ଚର୍ମ
କଅଁଳିଆ ହାଡ ଭିତରେ
ଶକ୍ତ ଯବାନ ପରି ସିଏ ହେଇଚି ଛିଡା ।

ଅଦ୍ଭୁତ!!!
ଭୟ ନାହିଁ, ଡର ନାହିଁ, ଅଳସ୍ୟ ବି ନାହିଁ
ହାତ ବୁଲେଇ କରି ଦିଏ
ଅନେକ କିଛି
ନ ପାରିଲା କାମକୁ ବି ହଁ କୁହେ
ସତେ ଯେମିତି କୁହୁକ ମୁଣିଟେ ରଖି ଥାଏ

ଅସମ୍ଭବ ବୋଲି ତା ପାଖେ କିଛି ନାହିଁ
ନାଁ କହିବା ଜାଣି ନାହିଁ!!
ପେଟରୁ ମୁଣ୍ଡ ଯାଏ ସବୁ ବେମରିର ଉଅପଚାର ଜଣା
ରାଜା ଘର କାହାଣୀରୁ ପରି ରାଇଜ କାହାଣୀ....
ସବୁ ତା' ମୁଣିରେ ବଣା
ଅନବରତ ଗପୁ ଥାଏ
ଥକିବା ବୋଧେ ତା' ଶବ୍ଦକୋଷରେ ନଥାଏ।

ତା' ବୟସର ଟଙ୍କା ବି ଆଜି ବହୁ ମୂଲ୍ୟ
ଯତ୍ନ ଆଉ ସମ୍ମାନ ସହ ମ୍ୟୁଜିୟମରେ ଥାଏ
ହେଲେ ଚଳ ଚଞ୍ଚଳ ଦେହଟା ଅଲୋଡ଼ା!!!
ସ୍ନେହ ଆଉ ସମ୍ମାନ ତ ବଡ କଥା
ତା' କଥା ଶୁଣିବାକୁ ବି ସମୟ ପଡେ ଲୋଡ଼ା।

ଭାରି ଅସହାୟ ଲାଗେ ତା କଥା ଭାବିଲି
କିନ୍ତୁ ବିସ୍ମିତ ହେଇଯାଏ
ତା' ସମୟ ଚିହ୍ନିବାର କଳା ଦେଖିଲେ
ତା' ଜୀବନ ଦର୍ଶନ ଶୁଣିଲେ
ଜୀବନ ଯେ ପରୀକ୍ଷା ତାକୁ ଦେଖିଲେ ଲାଗେ
ଘନ ଅନ୍ଧକାର ପରେ ସୁନେଲି ସକାଳ ଆସେ
ଏ ବିଶ୍ୱାସ ତା' ନିରୀହ ଆଖିକୁ ଦେଖିଲେ ଲାଗେ।

କିଏ ଜାଣେ କେତେ ଖାଏ କେତେ ରଖେ
କିନ୍ତୁ ସବୁ ଥର ଗଲାବେଳେ
କଉଡ଼ି ଟେ ହାତରେ ରଖେ।

♥ କେଉଁଝର
(ମୋ) ୭୦୦୮୨୦୭୮୪୪

## ଜୀବନ ଲୋଭ

**ବିନୟ କୁମାର ମିଶ୍ର**

ଜୀବନର ପଥେ ଉଠାଣି ଗଡାଣି
ଖାଲ ଖମା କେତେ ଅଛି,
ପଡି ଉଠି ଯିବା ଜୀବର ଧରମ
ନିଜ କର୍ମ ବଳେ କିଛି,
ସମୟ ଦିଅଇ ବାଛି,
ଖଣ୍ଡିଆ ଖାବରା ହୋଇ
ଲୋଭ ବଳେ ଜୀବ ବିକଳେ ଧାଉଁଛି

ଚାଲିବାକୁ ହେବ ଆଗକୁ ଆଗକୁ
କାଳ ସ୍ରୋତେ ଧୀରେ ଧୀରେ,
ପ୍ରତାରଣା ବାଧା ଅବଶ କରଇ
ଦୁଃଖ ଆଣେ ଥରେ ଥରେ,
ତଥାପି ମଣିଷ ଚାଲେ,
ମଣିଷର ବାକ୍ୟ କର୍ମେ ପରିଣତ
ହୋଇ
ଭାଗ୍ୟ ହୁଏ ଭଲେ ।

ଚେଷ୍ଟା କରି ଭାଗ୍ୟ ପଲଟାଇ ଦେଇ
କିଏ ହୁଏ ଭାଗ୍ୟବାନ,
ଭାଗ୍ୟବାଦୀ ହୋଇ କିଏ ବା ଭୁଞ୍ଜୁଛି
ନିଜ କଲା କର୍ମମାନ,
ଅଛି କିଏ ପାରିବାର,
ଆଶା ବୈତରଣୀ ପହଁରି ମରୁଛି
ଭୁଲି ଜୀବନର ସାର ।

ଅର୍ଥ ନୁହେଁ ଖାଲି ଜୀବନେ ସର୍ବସ୍ୱ
ମିଛସୁଖ ପାଇଁ ଲୋଡ଼ା,
ଜୀବନର ସୁଖ ଦାମ୍ପତ୍ୟ
ଅପତ୍ୟ ପାଇଁ ହୋଇଥାଏ ଘୋଡା,
ଯେତେବେଳେ ଯାହା ଲୋଡ଼ା,
ତାହା ମିଳେନାହିଁ ଅବଶୋଶେ
ମରେ ପୋଡ଼ା ହୁଏ ହୋଇ ମଡ଼ା ।

ଯେତିକି ଜୀବନେ ବଞ୍ଚିବାକୁ ଲୋଡ଼ା
ସେତିକି କରିବା ପାଇଁ,
ସରିଲା ଜୀବନ ଦୀପରୁ ବଳିତା
ବଳ ଆଉ ପାଉନାହିଁ,
ଯାହା କରିଅଛୁ ତୁହି,
ଅନ୍ୟମାନେ ଭୁଞ୍ଜି ନିନ୍ଦା ଗାଉଥିବେ
କଣ ଗଲୁ ଅବା ଥୋଇ ।

କଲୁନାହିଁ ବୋଲି ତାଲିକା
ଥୋଇବେ ମଲା ବାସିଦିନ ପିଲେ,
ଶୀତଳାଇ ରାଇ ମନ ଶିତଳିବେ
ଭୁଲିବାକୁ ଅବହେଳେ,
କଲେ କି ନ କଲେ ତିଳେ,
ଆସିବୁକି ଆଉ ପାଉଁଶ ଗଦାରୁ
ଦେଖିବାକୁ କେବେ ହେଲେ ।

♥ ନିଆଳ, ଖୋର୍ଦ୍ଧା

## କାନ୍ତକବି ଲକ୍ଷ୍ମୀକାନ୍ତ

**ରୋହିତ ସେଠୀ**



ଉତ୍କଳ ସାହିତ୍ୟାକାଶେ ଉଜ୍ଜ୍ୱଳ ନକ୍ଷତ୍ର
ଶୋଭା ପାଆନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ର ।
କାନ୍ତକବି ସମ୍ମାନରେ ବିଭୂଷିତ ଯିଏ
ସାରସ୍ୱତ ଜଗତର ଶ୍ରେଷ୍ଠ ହୀରାଟିଏ ।।

ପିତା ଭାଗବତ ଚଉଧୁରୀ ଔରସରୁ
ଜନମ ହୋଇଲ ରାଧାମଣୀଙ୍କ ଗର୍ଭରୁ ।
ପବିତ୍ର ପାର୍ବଣ ମାଣବସା ଗୁରୁବାରେ
ଭୂମିଷ୍ଠ ହୋଇଲ ତୁମେ ଉତ୍କଳ ମାଟିରେ।

ଦେଶାତ୍ମବୋଧକ ବ୍ୟଙ୍ଗ ରଚନା ଶୈଳୀରେ
ଶତାଧିକ ଲେଖା ମିଳେ ବାଣୀ ଭଣ୍ଡାରରେ।
ଲେଖକ-ଔପନ୍ୟାସିକ-କବି-ଗଳ୍ପକାର
ସଂଗ୍ରାମୀ,ବିଶିଷ୍ଟ ସ୍ରଷ୍ଟା ନାଟ୍ୟ ଜଗତର ।

ଯୁଗର ମଜା, କଣାମାମୁଁ, ଶୋକ ଗୀତ
'ବନ୍ଦେ-ଉତ୍କଳ-ଜନନୀ' ଉତ୍କଳ ସଂଗୀତ।
ବୁଢ଼ା ଶଙ୍ଖାରୀ, ପ୍ରଳୟ ଦୁନ୍ଦୁଭି,ଏ ଦେଶ
ରଚିତ ଅନେକ ଗଳ୍ପ କାବ୍ୟ ଉପନ୍ୟାସ ।।

ଚଟକ ଚନ୍ଦ୍ର ହାସ ଚମ୍ପୁ, ଜାତୀୟ ପତାକା
ଆର୍ଯ୍ୟ ବାହିନୀ,
ଉନ୍ମାଦ କେତେକ ଲାଳିକା।
ଅଲଣା ପୁରାଣ ଭଳି ପୌରାଣିକ ଗାଥା
'ଡଗର' ମାସିକ ପତ୍ରିକାର ପ୍ରତିଷ୍ଠାତା।
ତୁମ କାବ୍ୟ କବିତାର ଅକ୍ଷୟ କୀରତି
ଜାଗରଣ କରେ ଜାତୀୟତା ଭାଷା ପ୍ରୀତି।
ପ୍ରତି ଓଡ଼ିଆଙ୍କ ହୃଦେ ଚିର ସ୍ମରଣୀୟ
ହେ ସାହିତ୍ୟ ବିଧାଣି ! ତୁମର ହେଉଜୟ।

♥ ଶିକ୍ଷକ
ଖଜୁରୀପଡ଼ା, କନ୍ଧମାଳ
(ମୋ)୭୭୩୫୨୧୪୩୭୯

# ଜୈତ୍ର

## ଭାରତ- ପାକିସ୍ତାନ ଯୁଦ୍ଧ ଅବଶ୍ୟମ୍ଭାବୀ



ଡକ୍ଟର ଲକ୍ଷ୍ମଣ ସାହୁ

ଭାରତ-ପାକିସ୍ତାନ କ୍ରିକେଟର ଅର୍ଥ ହେଉଛି ଦୁଇ ଦେଶ ମଧ୍ୟରେ ତିକ୍ତତା ସର୍ବଦା ସୃଷ୍ଟି ହେବା । ଭାରତ ବିଭାଜନ ପରେ ଉପମହାଦେଶରେ ପ୍ରତିକ୍ରିୟା ଦୁଇ ଦେଶ ଦୃଷ୍ଟି ଦେଇନଥିଲେ । ଏହା କେବେ ଆଜିର ଶତ୍ରୁତା ନୁହେଁ । ତେଣୁ ପରସ୍ପର ସହିତ ପ୍ରତିଯୋଗିତା ଅର୍ଥ ସବୁକିଛି ଟ୍ୟାକ୍ସ କରିବା ଭଳି ମନେହୁଏ । ଚଳିତ ଶତାବ୍ଦୀରେ ଯଦି ଯୁଦ୍ଧ ହୁଏ, ତେବେ ଏହା ଏତେ ଭୟାବହ ହେବ ଯାହାକୁ ପୂର୍ବାନୁମାନ କରିବା ସହଜ ନୁହେଁ ।

୧୯୪୭ ପରଠାରୁ ଏହା ସାତଥର ହୋଇ ସାରିଛି, ଦୁଇ ଦେଶ ବହୁ କ୍ଷତି ସହିଛନ୍ତି । ଉତ୍ତମ ଫଳାଫଳ ଅପେକ୍ଷା କ୍ଷତି ଅଧିକ ଖରାପ ହୋଇଛି । ଆର୍ଥିକ ପରିସ୍ଥିତିରେ ବିପର୍ଯ୍ୟୟ ଘଟିଛି, ଜୀବନ ଯନ୍ତ୍ରଣାଦାୟକ ପାଲଟିଛି । ତଥାପି ଶକ୍ତିର କୌଣସି ଚିହ୍ନ ନାହିଁ । ଏହି ଦ୍ୱନ୍ଦ୍ୱରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଶ ହେଉଛି ପାକିସ୍ତାନ । ସ୍ୱାଧୀନତା ପରେ ମଧ୍ୟ ଭାରତ ଅଧିକ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଦେଖିବା ବେଳକୁ ପାକିସ୍ତାନ ଓ ଚୀନ୍ ସହିତ ଯୁଦ୍ଧ କରି ବହୁ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛି ଓ ଧୀରେ ଧୀରେ ତାକୁ ସୁଧାରି ପାରିଛି । ବିଶ୍ୱରେ ପାକିସ୍ତାନ ଡଲାର ଋଣ ରହିଛି । ଦେଶ ବିକ୍ରି ହେଲେ ପାକିସ୍ତାନର ଯିବ । ସମୟ ଆସିଲେ ପାକିସ୍ତାନ ତିନୋଟି ଖଣ୍ଡ ହେବ ।

ଯଦି ତାଲିବାନ ଅଧିଷ୍ଠିତ ଅଞ୍ଚଳରୁ ଗଣଦୁଷ୍କର୍ମ ହଟିଯିବ ବୋଲି ଭାରତ ଥଟ୍ଟାରେ ଭାବନ୍ତି ତେବେ ବାଲୁଚିସ୍ତାନ ସ୍ୱାଧୀନ ହେବ । ଏହା ଉପରେ ଭୟ ଅଛି ବୋଲି ଆମେରିକାର ଗୁପ୍ତଚର ରିପୋର୍ଟରେ କୁହାଯାଇଛି । ସେ ଆଶା କରୁଛନ୍ତି ଯେ ପାକିସ୍ତାନରେ ଯୁଦ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ଏଥି ସହିତ ପାକିସ୍ତାନୀ ତାଲିବାନ ବହୁତ ସକ୍ରିୟ ହେବ । ସେମାନଙ୍କର ପ୍ରଭାବ ପୂର୍ବ ଅପେକ୍ଷା ବହୁତ ବୃଦ୍ଧି ପାଇଛି । ଇମ୍ରାନ ଖାଁ ସରକାର ଏତେ ହଲଚଲ ହୋଇଯାଇଛି ଯେ କୌଣସି ମୂଲ୍ୟରେ ବଞ୍ଚିବା ପାଇଁ ଆତଙ୍କବାଦୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ମୌଲିକବାଦୀଙ୍କ ପ୍ରାଧାନ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସେମାନେ ତାଲିବାନ ଆଇନକୁ ଆଇନରେ ପରିଣତ କରିଛନ୍ତି । ସେମାନେ ବିଭିନ୍ନ ସହରରେ ବ୍ୟାଙ୍ଗ୍ ଫେସେଡ୍ ବିସ୍ତାର କରିଛନ୍ତି । କୌଣସି ଦେଶ ଆଉ ପାକିସ୍ତାନକୁ ଋଣ ଦେବାକୁ ଚାହାଁନ୍ତି ନାହିଁ । ସାଉଦି ଆରବ ସେମାନଙ୍କ ସମ୍ପତ୍ତି ପରିଶୋଧ କରିବାକୁ ଭରଣା କରିବାକୁ ଚେତାବନୀ ଦେଉଛି । ଯଦିଓ ଋଣ ନେଇଛନ୍ତି କିମ୍ବା ବହୁତ ବିକ୍ରି କରିଛନ୍ତି, ତାହା ପରିଶୋଧ ହେବ ନାହିଁ ।

ଏସଂପର୍କରେ ଧ୍ୟାନ ଦେଇଛି ଇମ୍ରାନ ଖାଁ । ସେମାନେ ଋଣରୁ କିପରି ମୁକ୍ତି ପାଇବେ ସେନେଇ ସରକାର କିପରି ଯୋଜନା ପ୍ରସ୍ତୁତ କରିବେ ତାହା ସେମାନେ ଲିଖିତ ଭାବରେ ଜାଣିବାକୁ ଚାହୁଁଥିଲେ । ବିଶେଷ ସୂତ୍ରରୁ ପ୍ରକାଶ ଯେ ଦେଶର ଏପରି ଅସମ୍ମାନ ମଧ୍ୟ ଦେଶର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଛି । ପାକିସ୍ଥାନକୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଅର୍ଥ ପ୍ରଦାନ କରିବ ନାହିଁ, କାରଣ ଏହା ଏପର୍ଯ୍ୟନ୍ତ ତାଲିକାଭୁକ୍ତରେ ନାହିଁ । ଅଯଥା ଇମ୍ରାନଙ୍କ ସମର୍ଥକମାନେ ଭାରତକୁ ଭୂତ ଦେଖାଇ ଲୋକମାନଙ୍କୁ କିଛି ସମ୍ମାନ ପ୍ରଦର୍ଶନ କରୁଛନ୍ତି । ପାକିସ୍ତାନରେ ଚିନି ଦର ବୃଦ୍ଧି ଭଳି ଏବେ ପ୍ରତ୍ୟେକ ଦ୍ରବ୍ୟର ଦର ବୃଦ୍ଧି ଘଟିବା ସାଧାରଣ କଥା ନୁହେଁ । ଫଳତଃ ଅଧା ଭୋକିଲା ପାକିସ୍ତାନୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଉଛି । ସାଧାରଣ ଲୋକ ବାଟ ହରାଇବାକୁ ବସିଲେଣି । ଏହି ପରିସ୍ଥିତିରେ ପାକିସ୍ତାନ ସରକାର ତିଷ୍ଠି ପାରିବେ କି ନାହିଁ ବୋଲି ଇମ୍ରାନଙ୍କ ଦଳ ଚିନ୍ତାରେ ପଡିଛି । ପରବର୍ତ୍ତୀ ସମୟରେ କ'ଣ ହେବ ତାହା କେହି ଜାଣନ୍ତି ନାହିଁ । ଇମ୍ରାନଙ୍କ ଜନପ୍ରିୟତା ସର୍ବଦା ତଳେ ରହିଥାଏ ଏବଂ ତାଙ୍କ ଭାବମୂର୍ତ୍ତିକୁ ବଜାୟ ରଖିବା ପାଇଁ ଲୋକଙ୍କ ସହ ତା'ଙ୍କୁ ସର୍ବଦା ସଂଘର୍ଷ କରିବାକୁ ପଡ଼ିଥାଏ, ଏବେ ଏକଥା କାହାରିକୁ ଅଛପା ନାହିଁ । ଯଦି ତାଙ୍କ ସରକାର ଭାରତ ବିରୁଦ୍ଧରେ କେବେ ଯୁଦ୍ଧ କରି ଦେଶର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛନ୍ତି, ତେବେ ପାକିସ୍ତାନ ଯୁଦ୍ଧକୁ ଯିବା ଅସମ୍ଭବ ବୋଲି ସେନା ପକ୍ଷରୁ କୁହାଯାଇଛ ।

ପାକିସ୍ତାନ ଭାରତର ଉନ୍ନତ ଅସ୍ତ୍ର ଉପକରଣ ସହିତ ମୁକାବିଲା କରିବା କଷ୍ଟକର । ତେଣୁ ପାକିସ୍ତାନ ଜେନେରାଲମାନେ ଏଥିରେ ସହମତ ହେବାକୁ ଚାହାଁନ୍ତି ନାହିଁ । ଇର୍ମା ଖାଁ କହୁଥିବା- ଆପଣ ଚାହିଁଲେ ଆକ୍ରମଣ ଆରମ୍ଭ ହେବ, ସେମାନେ ଏକମତ ହୋଇ ପାରିନାହାନ୍ତି । ଅନ୍ୟପକ୍ଷରେ ପାକିସ୍ଥାନକୁ ଚୀନ୍ ଆଉ ଋଣ ଦେଉନାହିଁ । ଅପରପକ୍ଷରେ ଟଙ୍କା ଫେରସ୍ତ ପାଇଁ ପାକିସ୍ତାନ ଉପରେ ଚାପ ପକାଉଛନ୍ତି । କହିବାକୁ ଗଲେ ଚୀନର ଅଙ୍ଗୁଳିରେ ପାକିସ୍ତାନ ଅଛି । ଭାରତ ଧୀରେ ଧୀରେ ଉନ୍ନତ ଅସ୍ତ୍ରଶସ୍ତ୍ର ତିଆରି କରୁଥିବାର ଦେଖି ଚୀନ୍ ମଧ୍ୟ ଭୟଭୀତ ହୋଇଛି । ତେଜସ୍ ଯୁଦ୍ଧ ବିମାନ, ବ୍ରାହ୍ମୋସ୍ କ୍ଷେପଣାସ୍ତ୍ର ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଭାରତ ବର୍ତ୍ତମାନ ଅସ୍ତ୍ର ବିକ୍ରେତା ଭାବରେ ତାଲିକାଭୁକ୍ତ ହୋଇଛି । ପୂର୍ବରୁ ମଧ୍ୟ ଏହି ଦୁଇଟି ଅସ୍ତ୍ରଶସ୍ତ୍ରର ଚାହିଦା ବହୁତ ଅଧିକ ରହିଛି । ଏବେ ଚୀନ୍ ଭଳି ଅନ୍ୟ ଦେଶଗୁଡିକର ବଜାରକୁ ଭାରତ ପ୍ରବେଶ କରିଛି । ଫଳସ୍ୱରୂପ, ପାକିସ୍ତାନର ଉତ୍ତେଜନା ପଛରେ ଚୀନ୍ ମଧ୍ୟ ରହିଛି । ଏଥିପ୍ରତି ଭାରତ ସର୍ବଦା ବହୁ ଯତ୍ନଶୀଳ ଓ ସତର୍କତା ଅବଲମ୍ବନ କରୁଅଛି । ଯେକୌଣସି ପ୍ରକାରର ଆକ୍ରମଣର ମୁକାବିଲା କରିବାକୁ ଭାରତ ପ୍ରସ୍ତୁତ ଅଛି ।

+ଅଧକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫

## ଲବଙ୍ଗଲତା



***ଆବଶ୍ୟକ ସାମଗ୍ରୀ:*** ମଇଦା, ଚିନି, ଘିଅ, ଲବଙ୍ଗ, ଲୁଣ, ଖୁଆ, ସୁଜି, ଡ୍ରାଏ ଫ୍ରୁଟ୍, ତେଲ ଓ ପାଣି ।

***ପ୍ରସ୍ତୁତି ପ୍ରଣାଳୀ:*** ଲବଙ୍ଗଲତା ତିଆରି କରିବା ପାଇଁ ପ୍ରଥମେ ଶିରା ପ୍ରସ୍ତୁତ କରି ତାକୁ ଏକ ପାତ୍ରରେ ରଖନ୍ତୁ । ପରେ ଅନ୍ୟ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ । ସେଥିରେ ଅଳ୍ପ ଲୁଣ ଓ ଗୁଆ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ । ପରେ ସେଥିରେ ଅଳ୍ପ ପାଣି ଦେଇ ଅଟା ପରି ଚକଟି ତାକୁ ୧୦ରୁ ୧୫ ମିନିଟ ପାଇଁ ଢାଙ୍କି ରଖି ଦିଅନ୍ତୁ । ଏବେ ଲବଙ୍ଗଲତା ପାଇଁ ପୁର ପ୍ରସ୍ତତ କରନ୍ତୁ । ସେଥିପାଇଁ ପ୍ରଥମେ କରେଇରେ ଘିଅ ପକାଇ ଗରମ କରନ୍ତୁ । ସେଥିରେ କିଛି ସୁଜି ଓ ଡ୍ରାଏ ଫ୍ରୁଟ୍ ପକାଇ ଭାଜନ୍ତୁ । ତା'ପରେ ସେଥିରେ ଅଳ୍ପ ଚିନି ଓ ଖୁଆ ପକାଇ କିଛି ସମୟ ପାଇଁ ଗୋଳାନ୍ତୁ । ପୁର ପ୍ରସ୍ତୁତ ହେବାପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଏ କାମ ସରିବା ପରେ ପୂର୍ବରୁ ଘୋଡ଼ାଇ ରଖିଥିବା ମଇଦାକୁ ଛୋଟ ଛୋଟ ଗୁଟୁଳା କରି ତାକୁ ପୁରି ଆକାରରେ ବେଲନ୍ତୁ । ତାର ଚାରିପାଖେ ପାଣି ମାରନ୍ତୁ । ଯେପରି ଫୋଲ୍ଡ୍ କରିବା ବେଳେ ନ ଖୋଲିବ । ପାଣି ମାରି ସାରିବା ପରେ ତା' ମଝିରେ ପୁରକୁ ଦେଇ ଚାରି କୋଣିଆ ଆକାରରେ ଭାଙ୍ଗି ଦିଅନ୍ତୁ । ପରେ ତା' ମଝିରେ ଏକ ଲବଙ୍ଗ ଲଗାଇ ଦିଅନ୍ତୁ । ଏହା ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ଲବଙ୍ଗଲତାକୁ ପକାଇ ଛାଣନ୍ତୁ । ଲବଙ୍ଗଲତାର ରଙ୍ଗ ବାଦାମି ହୋଇଆସିଲା ପରେ ତାକୁ ଛାଣି ଶିରାରେ କିଛି ସମୟ ପାଇଁ ପକାଇ ଦିଅନ୍ତୁ । ପ୍ରସ୍ତୁତ ହେଇଗଲା ଲବଙ୍ଗଲତା ।

## କେଶରେ ଚମକ ଆଣିବ 'ବ୍ଲାକ୍ ଟି'



ରୁକ୍ଷ ଏବଂ ମଳିନ ଦେଖାଯାଉଥିବା କେଶରେ ପୁଣି ଚମକିବ । ସେଥିପାଇଁ ସାଲୁନକୁ ବାରମ୍ବାର ଯାଇ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଘରୋଇ ଭାବେ କେଶ ପାଇଁ ଆପଣାନ୍ତୁ ବ୍ଲାକ୍ ଟି । ପ୍ରଥମେ ଏକ କପ୍ ବ୍ଲାକ ଟି ବିନା ଚିନିରେ ପ୍ରସ୍ତୁତ କରି ଥଣ୍ଡା କରନ୍ତୁ । କେଶକୁ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ । ତାହାପରେ ବ୍ଲାକ ଟିକୁ କେଶରେ ଲଗାଇ ସେହିଭଳି ତାକୁ ୫ରୁ ୧୦ମିନିଟ ଛାଡ଼ି ଦିଅନ୍ତୁ । ତାପରେ ପୁଣି ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଅଧ ଚାମଚ ହେନା ପାଉଡର ଏବଂ କଫି, ୨ରୁ ୩ଚାମଚ ବ୍ଲାକ ଟି ନେଇ ତାହାକୁ ଭଲ ଭାବରେ ପେଷ୍ଟ କରିଦିଅନ୍ତୁ । ଉକ୍ତ ପେଷ୍ଟକୁ ଖପୁରୀ ଏବଂ କେଶର ଶେଷ ଭାଗରେ ଭଲଭାବରେ ଲଗାନ୍ତୁ । ସେଭଳି ଅବସ୍ଥାରେ ୩୦ମିନିଟ୍ ଛାଡ଼ି ଦିଅନ୍ତୁ । ତାପରେ ସାମ୍ପୁ କରିଦିଅନ୍ତୁ । ଏକ ଚାମଚ ବ୍ଲାକ ଟି, ଦୁଇ ଚାମଚ ନଡ଼ିଆ ତେଲ ପକାଇ ତାହାକୁ ଭଲ ଭାବରେ ଫେଣ୍ଟି ଦିଅନ୍ତୁ । ସେହି ମିଶ୍ରଣକୁ ନେଇ ଖପୁରୀ ଏବଂ କେଶର ଅଗ୍ରଭାଗ ପର୍ଯ୍ୟନ୍ତ ଭଲଭାବରେ ଘଷନ୍ତୁ । ଘଣ୍ଟାଏ ପରେ ନଖ ଉଷୁମ ପାଣି ଓ ସାମ୍ପୁରେଶେ ଧୋଇ ଦିଅନ୍ତୁ । ମହୁ ଏବଂ ଦୁଇ ଚାମଚ ଗ୍ରୀନଟି, ଓ ବ୍ଲାକ ଟି ନେଇ ତାହାକୁ ମିଶାନ୍ତୁ । ସେହି ମିଶ୍ରଣକୁ ଖପୁରୀରେ ଲଗାଇ କିଛି ଧୀରେ ଧୀରେ ଘଷନ୍ତୁ । ଏପରି ସପ୍ତାହରେ ୨ଥର କରି କେଶରେ ଫରକ ଦେଖନ୍ତୁ ।

## ଭେଣ୍ଡିଙ୍ଗ ମେସିନ୍ ସହାୟତାରେ ଗରିବଙ୍କ ସେବା

ଧନୀ ବର୍ଗର ଲୋକେ ଅଭାବ କ'ଣ ଜାଣନ୍ତିନାହିଁ, ଅନ୍ୟପାଖେ ଗରିବ ଲୋକ ଦାରିଦ୍ର୍ୟର କଷାଘାତରେ ଦିନ ଅତିବାହିତ କରନ୍ତି । ନିକଟରେ ଜାତିସଂଘ ଗରିବଲୋକଙ୍କ ସହାୟତା ନିମନ୍ତେ ଏକ ଉତ୍ତମ ତଥା ପ୍ରଶଂସନୀୟ ପଦକ୍ଷେପ ନେଇଛି । ଉନ୍ନତ ତଥା ଅତ୍ୟାଧୁନିକ କ୍ଷମତା ସମ୍ପନ୍ନ ଭେଣ୍ଡିଙ୍ଗ ମେସିନ୍ ତିଆରି କରାଯାଇଛି, ଯାହା ସହାୟତାରେ ଗରିବଙ୍କୁ ଜଣେ ଧନିକ ଲୋକ ନିଜ ଇଚ୍ଛା ଅନୁସାରେ କିଛି ମଧ୍ୟ ଦାନ କରିପାରିବ । ଏଇ ମେସିନ୍ ସହାୟତାରେ ଜଣେ




ବ୍ୟକ୍ତି ୨ଡଲାରରୁ ଆରମ୍ଭ କରି ୨୦୦ ଡଲାର ପର୍ଯ୍ୟନ୍ତ ସହାୟତା କରିପାରିବେ ବୋଲି ଜଣାପଡ଼ିଛି । ଭେଣ୍ଡିଙ୍ଗ ମେସିନରେ ନିଜ ଇଚ୍ଛା ଅନୁସାରେ ବକ୍ସ ମନୋନୀତ କରି କ୍ରେଡିଟ୍ କାର୍ଡ ସହାୟତାରେ ପେମେଣ୍ଟ କରାଯିବ । ନ୍ୟୁୟର୍କ, ଲଣ୍ଡନ, ମାନିଲା, ଆରିଜୋନା ଇତ୍ୟାଦି ଅଞ୍ଚଳରେ ଏଇ ଭେଣ୍ଡିଙ୍ଗ ମେଶିନ୍ ଲଗାଯାଇଛି । ଆମେରିକାର ଉଟାହରେ ଲାଗିଥିବା ଏହି ଯନ୍ତ୍ର ସହାୟତାରେ ଗରିବଙ୍କୁ ଦାନ କରାଯାଇଛି । ସର୍ବେକ୍ଷଣ ଅନୁସାରେ, ଜଣେ ବ୍ୟକ୍ତି ଆନୁମାନିକ ୨୫ଡଲାର ଦାନ କରିଛନ୍ତି । ଭେଣ୍ଡିଙ୍ଗ ମେସିନ୍ ପ୍ରୋଜେକ୍ଟରେ ସଫଳ ହେବା ପରେ ବିଶ୍ୱର ଅନ୍ୟ ପ୍ରମୁଖ ପ୍ରାନ୍ତରେ ମଧ୍ୟ ଏଇ ଭେଣ୍ଡିଙ୍ଗ ମେସିନ୍ କାର୍ଯ୍ୟକାରୀ ହେବ ବୋଲି ସ୍ଥିର କରାଯାଇଛି ।



## ପାଳଙ୍ଗ ଶାଗ ପତ୍ରରୁ ହାର୍ଟର ଟିସୁ

ହୃତପିଣ୍ଡ ଟିସ୍ୟୁ ପ୍ରସ୍ତୁତିର ବିକଳ୍ପ ଭାବେ ପାଳଙ୍ଗ ଶାଗ ପତ୍ରକୁ ଗ୍ରହଣ କରିହେବ ବୋଲି କେତେକ ବିଜ୍ଞାନୀ ଦାବି କରିଛନ୍ତି । ପାଳଙ୍ଗ ଶାଗ ଖାଇଲେ ଆମ ହୃଦୟ ପାଇଁ ଭଲ ବୋଲି କେତେକ କହିଥାନ୍ତି । ହୁଏତ ହୃଦରୋଗରୁ ରକ୍ଷା ପାଇବା ନିମନ୍ତେ ପାଳଙ୍ଗ ଶାଗର ଉପକାରୀ ଗୁଣ ଥିବା ଓ ଏହାର ଅବ୍ୟର୍ଥ ଔଷଧ ବୋଲି ସାଧାରଣରେ ଏକ ଧାରଣା ରହିଛି । ବିଜ୍ଞାନୀମାନେ ଏହି ଶାଗରେ ସବୁଠୁ ବଡ଼ ଉପକାରୀ ଭୂମିକା ରହିଥିବାର ଜାଣିବାକୁ ପାଇଛନ୍ତି । ଥ୍ରୀ-ଡି ପ୍ରିଣ୍ଟିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଆଗମନ ଫଳରେ ବାୟୋ ଇଞ୍ଜିନିୟରିଂର ଆଶାତୀତ ଅଗ୍ରଗତି ଘଟିଛି । କିନ୍ତୁ ମଣିଷ ଶରୀର ସୂକ୍ଷ୍ମ ଟିସ୍ୟୁ ତିଆରି କ୍ଷେତ୍ରରେ ଥ୍ରୀଡ଼ି ପ୍ରିଣ୍ଟିଂ ସଫଳତା ପାଇବା ନେଇ ଆହୁରି ସନ୍ଦେହ ରହିଛି । ହୃତପିଣ୍ଡ ଭିତରେ ଯେଉଁସବୁ ଟିସ୍ୟୁ ବିଛେଇ ହୋଇ ରହିଛି ସେଗୁଡ଼ିକ କୌଣସି କାରଣରୁ କ୍ଷତିଗ୍ରସ୍ତ ହେଲେ ତାହା ଏବେ ସୁଦ୍ଧା ପ୍ରତିରୋପଣ ଯୋଗ୍ୟ ନୁହେଁ । ତେବେ ଏହି ବିଜ୍ଞାନୀମାନେ ଟିସ୍ୟୁର ଏକ ବିକଳ୍ପ ଉପାୟ ଖୋଜି ପାଇଛନ୍ତି ।

## ସୁସ୍ଥ ମାତୃତ୍ୱ ପାଇଁ ଡାକ୍ତରଙ୍କ ନିଆରା ପ୍ରୟାସ



ତାମିଲନାଡୁର ଜଣେ ଡାକ୍ତର ଭି ସୌନ୍ଦରାଜନ ଏବେ ଗୋଟିଏ ବ୍ଲକରେ ସୁସ୍ଥ ମାତୃତ୍ୱକୁ ନିଚ୍ଚିନ୍ତ କରେଇଛନ୍ତି । ସମ୍ପୂର୍ଣ୍ଣ ନିଜସ ଉଦ୍ୟମ ଓ ନିଜ ପେଶା ପ୍ରତି ବ୍ରତୀ ହୋଇ ପୁରା ବ୍ଲକରେ ପରିବର୍ତ୍ତନ ଆଣି ଦେଖାଇଛନ୍ତି । ପେରାବୁରାଣି ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଡାକ୍ତର ଭାବେ ନିଯୁକ୍ତ ହୋଇଛନ୍ତି ସୌନ୍ଦରାଜନ । ପେରାବୁରାଣି ବ୍ଲକରେ ଅଧିକାଂଶ ମହିଳା ଗର୍ଭାବସ୍ଥାରେ ପୁଷ୍ଟିହୀନତା, ଆନାମିଆର ଶିକାର ହୋଇଥାନ୍ତି । ଆବଶ୍ୟକୀୟ ପୌଷ୍ଟିକ ଖାଦ୍ୟର ଅଭାବ ଯୋଗୁଁ ଆନାମିଆ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଗର୍ଭା ବସ୍ଥାରେ ଦେଖାଦେଇଥାଏ । ଏହି ବ୍ଲକରେ ଶତକଡ଼ା ୮୦ ପ୍ରତିଶତରୁ ଅଧିକ ମହିଳା ଆନାମିଆର ଶିକାର ହୋଇଥାନ୍ତି । ଗର୍ଭାବସ୍ଥାରେ ପୁରା ବ୍ଲକ ଏହି ଗୋଟିଏ ହିଁ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରିଥାନ୍ତି । ଡାକ୍ତରଙ୍କ ନିକଟକୁ ଆସୁଥିବା ମହିଳାମାନଙ୍କର ସମାନ ସମସ୍ୟା ଦେଖିବା ପରେ ସୌନ୍ଦରାଜନ ଚିନ୍ତିତ ହୋଇପଡ଼ିଥିଲେ । ସବୁ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା ଲାଗି ସେ ପରାମର୍ଶ ଦେଉଥିଲେ । ବ୍ଲକରେ ଗରିବୀ ସଂଖ୍ୟା ମାତ୍ରାଧିକ ଥିବାରୁ ମହିଳାମାନେ ବିଭିନ୍ନ ପ୍ରକାର ସବୁଜ ପରିବା, ଫଳ, କ୍ଷୀର, ଅଣ୍ଡା ତଥା ଆମିଷ ଗ୍ରହଣ କରିବାକୁ ସକ୍ଷମ ହେଉନଥିଲେ । ଡାକ୍ତରଖାନାକୁ ଆସୁଥିବା ମହିଳାଙ୍କ ଭିତରୁ ଅଧିକାଂଶ ଦିନ ମଜୁରିଆ ଥିଲେ । ସେମାନଙ୍କ ପକ୍ଷେ କେବଳ ଗଣ୍ଡେ ଭୋଜନ ହିଁ ସକ୍ଷମ । ପୌଷ୍ଟିକ ଖାଦ୍ୟ ଖାଇବା ଲାଗି ସେମାନଙ୍କ ପକ୍ଷେ ସମ୍ଭବ ନଥିଲା । ଏମିତି ସମସ୍ୟା ଦେଖିବା ପରେ ସୌନ୍ଦରାଜନ ଆରମ୍ଭ କରିଥିଲେ ନିଜସ୍ୱ ଉଦ୍ୟମ । ଚାଷୀ ପରିବାରରୁ ଆସିଥିବା ଡାକ୍ତର ଗର୍ଭବତୀ ମହିଳାଙ୍କ ଲାଗି ଆବଶ୍ୟକ ହେଉଥିବା ପରିବା ସବୁ ନିଜେ ଫଳେଇବା ଲାଗି ଚିନ୍ତା କରିଥିଲେ । ନିଜର ୫ଏକର ଜମିରେ ପାଳକ, ପୋଟଳ, ଧନିଆ, ପୁଦିନା , ସଜନା ଛୁଇଁ ଓ ଅନ୍ୟାନ୍ୟ ପରିବା, ପିଜୁଳି, ଆମ୍ବ ଆଦି ଫଳ ଫଳେଇବା ଆରମ୍ଭ କରିଥିଲେ । ପ୍ରତି ମଙ୍ଗଳବାର ଡାକ୍ତରଖାନାକୁ ୫୦ ଜଣ ପାଖାପାଖି ଗର୍ଭବତୀ ମହିଳା ଆସିଥାନ୍ତି । ମସ୍ତଙ୍କୁ କିଛି କିଛି ପରିବା, ଫଳ, ଦିଅନ୍ତି ସୌନ୍ଦରାଜନ । ପରିବା ଓ ଫଳ ନେବା ପରେ ମହିଳାମାନେ ଆଗ୍ରହର ସହ ଡାକ୍ତରଙ୍କ କଥା ମାନିଥିଲେ । କିଛିଦିନ ପରିବା, ଫଳ ଦେବା ପରେ ସୌନ୍ଦରାଜନ କିଛି ଦେଶୀ କୁକୁଡ଼ା ଓ ଗାଇ ରଖିବା ଆରମ୍ଭ କରିଦେଇଥିଲେ । ପରେ ପରେ ପନିପରିବା, ଫଳ ସହ କ୍ଷୀର ଓ ଅଣ୍ଡା ମଧ୍ୟ ମହିଳାମାନଙ୍କୁ ଦେବାରେ ଲାଗିଥିଲେ ଡାକ୍ତର । ଆହୁରି କିଛି ମହିଳା ଦିନ ମଜୁରିଆ ହୋଇଥିବାରୁ ସେମାନେ ନିୟମିତ ଡାକ୍ତରଖାନାକୁ ଆସିପାରୁନଥିଲେ । ସେମାନଙ୍କ ଡାକ୍ତର ଏବେ ସ୍ୱେଚ୍ଛାସେବୀ ସଂଗଠନ ଆରମ୍ଭ କରିଥିଲେ । କିଛି ସ୍ୱାସ୍ଥ୍ୟ ସାଥୀ ଓ ଡାକ୍ତର ନିଜେ ସାପ୍ତାହିକ ସେମାନଙ୍କ ଘର ପରିଦର୍ଶନରେ ଯାଇ ଚେକଅପ କରିଆସୁଥିଲେ । ପରିବା, ଫଳ, କ୍ଷୀର, ଅଣ୍ଡା ଆଦି ନିୟମିତ ସ୍ୱାସ୍ଥ୍ୟସାଥୀମାନେ ମହିଳାଙ୍କ ଘରେ ଦେଇଆସନ୍ତି । ପେଶା ପ୍ରତି ବ୍ରତୀ ହୋଇ ଉଦ୍ୟମ ଆରମ୍ଭ କରିବାର କିଛିମାସ ପରେ ଅଧିକାଂଶ ମହିଳା ଆନାମିଆରୁ ଉପଶମ ପାଇଥିଲେ । ଗତବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନର ସୌନ୍ଦରାଜନ ୩୪୦୦ ଜଣ ମହିଳାଙ୍କୁ ଏହି ସେବା ଯୋଗାଇସାରିଲେଣି । ଡାକ୍ତରଙ୍କ ଏହି ନିଆରା ଉଦ୍ୟମକୁ ପୁରା ଦେଶ ଭୂରି ପ୍ରଶଂସା କରୁଛି ।



## ସ୍ରଗ୍‌ରେ ଦିଶନ୍ତୁ ଷ୍ଟାଇଲିଶ୍



### କ୍ଲାସିକ୍ ବ୍ଲାକ୍:

ଯଦି ଆପଣ ହାଲୁକା ରଙ୍ଗର ଟପ୍ ପିନ୍ଧିଥାଆନ୍ତି ତେବେ ଏହା ସହିତ କଳା ରଙ୍ଗର କ୍ରପଡ୍ ସ୍ରଗ୍ ପେୟାର୍ ଅପ୍ କରନ୍ତୁ । ଏହା ଆପଣଙ୍କ ଟପ୍ ୱ୍ୟରକୁ ଏକ ସୁନ୍ଦର ଲେୟାରିଂ ଦେଇପାରିବ ।

### କ୍ରୋଶେ ସ୍ରଗ୍:

ସ୍ରଗ୍ କେବଳ ୱେଷ୍ଟର୍ଣ୍ଣ ଆଟାୟାର ପାଇଁ ଭଲ ଭଳି ଅନେକଙ୍କ ଧାରଣା । ମାତ୍ର ସେମିତି କିଛି ନୁହେଁ । ଆପଣ ଚାହିଁଲେ ସ୍ରଗ୍‌ରେ ବି ଆଣିପାରିବେ ପାମ୍ପରିକ୍ ଲୁକ୍ । ଏଥିପାଇଁ ଆପଣଙ୍କୁ ବାଛିନେବାକୁ ପଡ଼ିବ ଏକ ଭଲ କ୍ରୋଶେ ସ୍ରଗ୍ । ଆପଣ ଏହି ସ୍ରଗ୍‌କୁ ଉଭୟ ପାରମ୍ପାରିକ ଓ ଆଧୁନିକ ଟପ୍ ୱିୟର୍ ସହି ଟିମ୍ ଅପ୍ କରିପାରିବେ ।



### ଫ୍ଲୋରାଲ୍ କିମୋନୋ:

କିମୋନୋ ପ୍ରକୃତରେ ଜାପାନର ଏକ ପାରମ୍ପାରିକ ପୋଷାକ । କିନ୍ତୁ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଏହାକୁ ସ୍ରଗ୍ ଭାବରେ ପିନ୍ଧୁଛନ୍ତି ଅନେକ ମହିଳା । ନିଜର ଫ୍ୟାଶନିଷ୍ଟା ଇମେଜ୍ ବଜାୟ ରଖିବାକୁ ଚାହୁଁଥିଲେ ଆପଣ ବି ପିନ୍ଧିପାରିବେ ଫ୍ଲୋରାଲ୍ କିମୋନେ ।

### ରଫଲ୍ ସ୍ରଗ୍:

ଏହି ଧରଣର ସ୍ରଗ୍ କେବଳ ଦେଖିବାକୁ ସୁନ୍ଦର ନୁହେଁ, ପିନ୍ଧିବାକୁ ମଧ୍ୟ ଆରାମଦାୟକ । ଯଦି ଆପଣ ଏକ ବୋହୋ ଲୁକ୍ କ୍ୟାରି କରିବାକୁ ଚାହାନ୍ତି ତେବେ ଏହି ଧରଣର ସ୍ରଗ୍ ଆପଣଙ୍କ ଚାହିଦା ପୂରଣ କରିପାରିବ ।

# ପଶ୍ଚିମ ଭାରତ ଓ ଉତ୍ତର ଭାରତକୁ ତୀର୍ଥଯାତ୍ରୀ ବିଶେଷ ପର୍ଯ୍ୟଟକ ଟ୍ରେନ୍

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ପଶ୍ଚିମ ଭାରତରେ ଥିବା ଗୁରୁତ୍ୱପୂର୍ଣ୍ଣ ତୀର୍ଥ ସ୍ଥାନ ଗୁଡିକ ସହିତ ମାତା ବୈଷ୍ଣୋଦେବୀ ସହିତ ଉତର ଭାରତ ଭ୍ରମଣ ପାଇଁ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ "ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍" ବ୍ୟବସ୍ଥା କରାଯାଇଛି । ଜାନୁୟାରୀ ୨୦୨୨ ରେ ପଶ୍ଚିମ ଭାରତ ପାଇଁ ସ୍ପେଶାଲ୍ ଟୁର୍ ପ୍ୟାକେଜ୍ "ତୀର୍ଥଯାତ୍ରୀ ସ୍ପେଶାଲ୍ ଟୁରିଷ୍ଟ ଟ୍ରେନ୍" ଏବଂ ମାର୍ଚ୍ଚରେ ଭାରତ ଦର୍ଶନ ପର୍ଯ୍ୟଟନ ଟ୍ରେନ୍ ଉତର ଭାରତ ଅଭିମୁଖେ ଯାତ୍ରା କରିବାକୁ ସ୍ଥିର କରାଯାଇଛି । ଭାରତୀୟ ରେଳବାଇ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେସନ ଦ୍ୱାରା ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ୟାକେଜ୍ । ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ତାଳଚେର ରୋଡ୍, ଅନୁଗୁଳ, ସମ୍ବଲପୁର ଏବଂ ଝାରସୁଗୁଡା ମାର୍ଗଦେଇ ୨୦୨୨ ଜାନୁଆରୀ ୨୧ ତାରିଖରେ ପଶ୍ଚିମ ଭାରତର ଗୁଜୁରାଟକୁ ପର୍ଯ୍ୟଟନ ଟ୍ରେନ ଯାତ୍ରା କରିବ । ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ ଏବଂ ବାଲେଶ୍ୱର ମାର୍ଗଦେଇ ମାର୍ଗଦେଇ ୨୦୨୨ ମାର୍ଚ୍ଚ ୧୯ ତାରିଖରେ ମାତା ବୈଷ୍ଣୋଦେବୀ ସହିତ ଉତର ଭାରତକୁ ପର୍ଯ୍ୟଟନ ଟ୍ରେନ ଯାତ୍ରା କରିବ । ସାଧାରଣ ଲୋକ ଗୁଜୁରାଟର ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥାନଗୁଡିକ ସହିତ ମାତା ବୈଷ୍ଣୋଦେବୀ ସହିତ ଉତର ଭାରତ ର ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥାନଗୁଡିକୁ ଅତି ସୁଲଭ ମୂଲ୍ୟରେ ପରିଦର୍ଶନ କରିବା ପାଇଁ ସୁଯୋଗ ଯୋଗାଇ ଦିଆଯାଉଛି । ଏହି ପରିକଳ୍ପନା ମଧ୍ୟରେ ଟ୍ରେନଓ ସଡକ ପରିବହନ, ଆବାସ, ଭ୍ରମଣ ସ୍ଥାନ ବୁଲାଇବା, ସାକାହାରୀ ଭୋଜନ (ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ), ଆଇଆରସିଟିସି ଟୁର୍ ଏସକର୍ଟ ଏବଂ ଟ୍ରାଭେଲ୍ ଇନସୁରାନ୍ସ ଗୁଡିକ ଅନ୍ତର୍ଭୁକ୍ତ ।

ପଶ୍ଚିମ ଭାରତ ଆଡକୁ ଗୁଜୁରାଟ ଟୁରିଷ୍ଟ ପ୍ୟାକେଜରେ ଷ୍ଟାଣ୍ଡାର୍ଡ ପ୍ୟାକେଜ ପାଇଁ ୧୦,୪୦୦ /- ଟଙ୍କା ଏବଂ ଆରାମଦାୟକ ଯାତ୍ରା ପାଇଁ ୧୭,୩୦୦ /- ଟଙ୍କା (୧୦ ରାତି / ୧୧ ଦିନ) ପାଇଁ ବ୍ୟୟ ଦେବାକୁ ପଡିବ । ଏହି ପ୍ୟାକେଜ ଦ୍ୱାରା ପର୍ଯ୍ୟଟକମାନେ ସୋମନାଥ ଜ୍ୟୋତିର୍ଲିଙ୍ଗ, ଦ୍ୱାରକା ସ୍ଥିତ ଦ୍ୱାରକାଧିଶ ମନ୍ଦିର, ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ୍, ବେଟ୍ ଦ୍ୱାରକା ଠାରେ କୃଷ୍ଣଙ୍କ ମନ୍ଦିର, ଅହମ୍ମଦାବାଦରେ ଅକ୍ଷରଧାମ ମନ୍ଦିର ଏବଂ ସାବରମତୀ ଆଶ୍ରମ ଏବଂ ବିଶ୍ୱର ଉଚ୍ଚତମ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିବେ । ମାତା ବୈଷ୍ଣୋଦେବୀ ମନ୍ଦିର ସହିତ ଉତର ଭାରତର ଆଗ୍ରା ଠାରେ ତାଜ ମହଲ ଏବଂ ଆଗ୍ରା ଦୁର୍ଗ, ମଥୁରାରେ କୃଷ୍ଣ ଜନ୍ମଭୂମି, ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଏବଂ ୱାଘା ସୀମା ଏବଂ ହରିଦ୍ୱାରର ମନସା ଦେବୀ ମନ୍ଦିର ଏବଂ ଗଙ୍ଗା ଆରତୀ ଦର୍ଶନ ପାଇଁ ପ୍ୟାକେଜ ଦେୟ ୮,୫୧୦ /- ଟଙ୍କା ଷ୍ଟାଣ୍ଡାର୍ଡ ପ୍ୟାକେଜ ପାଇଁ ଏବଂ ୧୦,୪୦୦ /- ଟଙ୍କା ଆରାମଦାୟକ ଯାତ୍ରା (୦୮ ରାତି ଏବଂ ୦୯ ଦିନ) ଭ୍ରମଣ ପାଇଁ ପରିଦର୍ଶନ କରିବେ ।

ଏହି ଅଂଚଳର ଯାତ୍ରୀମାନେ ଗୁଜୁରାଟ ଏବଂ ଉତର ଭାରତର ଧାର୍ମିକ ଓ ପର୍ଯ୍ୟଟନ ସ୍ଥାନକୁ ଓଡ଼ିଶାର ବିଭିନ୍ନ ବୋର୍ଡିଙ୍ଗ ଷ୍ଟେସନ ମାନଙ୍କ ଠାରୁ ଉପରୋକ୍ତ ପର୍ଯ୍ୟଟକ ପ୍ୟାକେଜ୍ ଦ୍ୱାରା ପରିଦର୍ଶନ କରିବାର ଲାଭ ପାଇପାରିବେ ।

ଏହା ବ୍ୟତୀତ ଭୁବନେଶ୍ୱରର ଆଇଆରସିଟିସି ଆଂଚଳିକ କାର୍ଯ୍ୟାଳୟ ମଧ ଭାରତର ବିଭିନ୍ନ ସ୍ଥାନ ତଥା ବିଦେଶକୁ ସବୁଠାରୁ ଶସ୍ତା ଘରୋଇ ଏୟାର ପ୍ୟାକେଜ୍ ପ୍ରଦାନ କରୁଛି । ଦଳଗତ ପ୍ୟାକେଜ୍ ଏବଂ ଯାତ୍ରୀ ଆବଶ୍ୟକତା ଅନୁଯାୟୀ ଗତାନୁଗତିକ ଭିତିରେ ଏହି ପ୍ୟାକେଜ୍ ଉପଲବ୍ଧ କରାଯାଉଛି ।

# ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା କୋଚିଂ : ୧୫ରୁ ପଞ୍ଜିକରଣ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପଢୁଥିବା ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ପାଇଁ ମାଗଣାରେ ଦିଆଯିବ କୋଚିଂ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି । ବିଜ୍ଞପ୍ତି ଅନୁଯାୟୀ, ଏହି ଛାତ୍ରଛାତ୍ରୀଙ୍କୁ ମେଡିକାଲ (ନିଟ୍), ଆଇଆଇଟି, ଜେଇଇ (ଇଞ୍ଜିନିୟରିଂ) ଓ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ କୋଚିଂ ଦିଆଯିବ । ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀମାନେ ଏଥିପାଇଁ ନାମ ପଞ୍ଜୀକରଣ କରିପାରିବେ । ଙ୍କଭବମବୟରଙ୍କଚ.ମଂଙ୍କ/ଶ୍ୱମଷଙ୍କ୍ଷବକ୍ସଶ୍ୱଷସକ୍ତ୍ର/ଙ୍କୟସଶ୍ୱଷବ-ଶ୍ୱମଷଙ୍କ୍ଷବକ୍ସଶ୍ୱଷସକ୍ତ୍ର-ଶ୍ୱରଶ୍ୱଶ୍ୱକୁ ଲଗ୍‌ଇନ୍ କରି ଅନ୍‌ଲାଇନ୍ ରେ ନାମ ପଞ୍ଜୀକରଣ କରିପାରିବେ । ଏହି ପଞ୍ଜୀକରଣ ଜାନୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କର ପରୀକ୍ଷା କରିବା ପରେ କୋଚିଂ ପାଇଁ ମନୋନୟନ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାର ୫୦ % ଓ ହେବାକୁ ଥିବା ପ୍ରବେଶିକା ପରୀକ୍ଷାର ୫୦ % ମାର୍କକୁ ମିଶାଇ ଯୋଗ୍ୟତା ଭିତିରେ କୋଚିଂ ପାଇଁ ମେଧା ବିଦ୍ୟାର୍ଥୀଙ୍କୁ ଚୟନ କରାଯିବ । ଯେଉଁ ଛାତ୍ରଛାତ୍ରୀ ପଞ୍ଜୀକରଣ କରିବେ ସେମାନେ ଜାନୁଆରୀ ୧୫ ତାରିଖ ପୂର୍ବାହ୍ଣ ୧୧ଟାରେ ପ୍ରବେଶିକା ପରୀକ୍ଷା ଦେବେ । ସେହିଭଳି ଯେଉଁ ଛାତ୍ରଛାତ୍ରୀଙ୍କ ବାପାମା'ଙ୍କ ବାର୍ଷିକ ଆୟ ୬ ଲକ୍ଷ ଟଙ୍କାରୁ କମ୍ ସେମାନେ ଏଥିପାଇଁ ଆବେଦନ କରିପାରିବେ । +୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପଢୁଥିବା ବିଦ୍ୟାର୍ଥୀଙ୍କୁ ସୁଯୋଗ ମିଳିବ । ୩୦ ଜିଲାରେ ୨୦୨୧-୨୨ ଶିକ୍ଷାବର୍ଷରେ ମୋଟ ୧ ହଜାର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ମୋଟ ୩ ହଜାର ଛାତ୍ରଛାତ୍ରୀଙ୍କ ମେଧା ତାଲିକା ପ୍ରକାଶ ପାଇବ । ଯୋଗ୍ୟତା ଅର୍ଜନ କରିଥିବା ପ୍ରାର୍ଥୀ କୋଚିଂରେ ସାମିଲ ନ ହେଲେ ୱେଟିଂ ଲିଷ୍ଟ୍ ରେ ଥିବା ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯିବ ।

# ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ତରଫରୁ୧୭ ଦଫା ଦାବି ଉପରେ ବିଧାନସଭା ସମ୍ମୁଖରେ ବିରାଟ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଅଙ୍ଗନୱାଡ଼ି କର୍ମୀ, ସହାୟିକା ମାଷ୍ଟରକ୍ୟାଂଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଯୁକ୍ତ ମୋର୍ଚ୍ଚାର ରାଜ୍ୟ ଆବାହକ ବିଜୟ ଜେନା ଦାବି ଉପସ୍ଥାପିତ କରିଥିଲେ ।

ଅଙ୍ଗନୱାଡ଼ି କର୍ମୀଙ୍କ ବିଭିନ୍ନ ସମସ୍ୟା ଯଥା ୧୭ ମସିହାରେ ଭତାବୃଦ୍ଧି ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଭତାବୃଦ୍ଧି କରାଗଲା ନାହିଁ । ଦରଦାମ୍ ବୃଦ୍ଧି ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏସ୍.ଏନ୍.ପି. ଦର ସଂଶୋଧନ କରାଯାଇ ନାହିଁ କି ନିୟମିତ ଭାବେ ଅର୍ଥ ପଠାଯାଉ ନାହିଁ । ବିଭିନ୍ନ ପ୍ରକଳ୍ପରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ପୋଷାକ ଓ ସ୍ୱେଟର ବଂଟନ କରାଯାଉଛି । ଗତ ସେପ୍ଟେମ୍ବର ୨୦୧୯ରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗ୍ୟାସ୍ ସଂଯୋଗ ନିମନ୍ତେ ଅନୁଦାନ ଜିଲ୍ଲାକୁ ପଠାଯାଇଥିଲେ ମଧ ଏପର୍ଯ୍ୟନ୍ତ ଗ୍ୟାସ୍ ସଂଯୋଗ କରାଯାଇନାହିଁ । ନିମ୍ନମାନର ମୋବାଇଲ୍ ଯୋଗାଣ କରି ପୋଷଣ ଟ୍ରାପ୍ କରିବାକୁ ବାଧ କରୁଛନ୍ତି । ଏହାର ପ୍ରତିବାଦ କଲେ ଦୈନନ୍ଦିନ ଆକ୍ରମଣ ଓ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ସହ ଦରମା ବନ୍ଦ କରାଯାଉଛି ।

ତେଣୁ ତୁରନ୍ତ ଭତାବୃଦ୍ଧି, ଶତ ପ୍ରତିଶତ ସୁପରଭାଇଜର ପ୍ରମୋଶନ, ନିମ୍ନମାନର ଦେଢ଼ ଜିବିର ମୋବାଇଲ୍ ଫେରାଇନେବା, ଉନ୍ନତମାନର ମୋବାଇଲ୍ ଯୋଗାଣଏ ଦରମା ପ୍ରଦାନରେ ତ୍ରୁଟି ତୁରନ୍ତ ସୁଧାରିବା ସହ ଯେଉଁମାନେ ଭତ୍ତା ପାଇନାହାଁନ୍ତି ତୁରନ୍ତ ଏହାର ସମାଧାନ, ମାର୍ଚ୍ଚ ମାସର ଦରମା ପାଇନଥିବା ଦରମା ପ୍ରଦାନ, ଅବସର ବୟସ ସୀମା ୬୨ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି, ଅବସରକାଳୀନ ସହାୟତା ପାଞ୍ଚଲକ୍ଷ ଟଙ୍କା ଧାର୍ଯ୍ୟ, ସର୍ବନିମ୍ନ ଭତା ୨୧,୦୦୦ ଟଙ୍କା, ପେନ୍‌ସନ୍ ୩୦୦୦ ଟଙ୍କା, ୱାର୍କର ମାନ୍ୟତା ଆଦି ୧୭ ଦଫା ଦାବି ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ନବନିଯୁକ୍ତ ଆଇପିଓମାନଙ୍କୁ ଦିଶା ନିର୍ଦ୍ଦେଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

## ନମ୍ରତାର ସହ ଲୋକଙ୍କ ପାଇଁ କାମ କର : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ୪୭ ଜଣ ଶିଳ୍ପ ବିକାଶ ଅଧିକାରୀ (ଆଇପିଓ)ମାନଙ୍କ ନିମନ୍ତେ ସୋମବାରଠାରୁ ଦିଶାନିର୍ଦ୍ଦେଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୫ ଦିନ ଧରି ଚାଲିବାକୁ ଥିବା ଏହି ତାଲିମର ପ୍ରଥମ ଦିନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପ, ଶକ୍ତି, ଏମ୍ଏସ୍ଏମ୍ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ନବନିଯୁକ୍ତ ଅଧିକାରୀମାନଙ୍କୁ ନମ୍ରତାର ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ କହିଥିଲେ । ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏମ୍ଏସ୍ଏମ୍ଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ହେତୁ ସେ ତୃଣମୂଳ ସ୍ତରରେ ଆପଣମାନେ ଏହି ବିଭାଗର କାର୍ଯ୍ୟଧାରାକୁ ଆହୁରି ଅଧିକ ଗତିଶୀଳ କରିବାରେ ସହାୟକ ହୋଇପାରିବେ ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପ୍ରତିଟି କ୍ଷେତ୍ରରେ ଆଗୁଆ କରି ୧ ନମ୍ବର ସ୍ଥାନରେ ରଖିବାକୁ ଚାହୁଁଥିବାରୁ ନିଜ କର୍ମକ୍ଷେତ୍ରରେ କର୍ମତତ୍ପରତା ପ୍ରଦର୍ଶନ କରିବାକୁ ହେବ ବୋଲି ସେ କହିଥିଲେ । ବିଶେଷ ଭାବେ ସରକାରଙ୍କ ୫-'ଟି' ଓ 'ମୋ ସରକାର'ର ତାତ୍ପର୍ଯ୍ୟକୁ ଏହି ତାଲିମ ମାଧ୍ୟମରେ ହୃଦୟଙ୍ଗମ କରି ନିଜର କର୍ତବ୍ୟ ସଂପାଦନ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ ଦର୍ଶାଇଥିଲେ । ପାଂଚଦିନିଆ ତାଲିମରେ ଏହି ଅଧିକାରୀମାନଙ୍କୁ ଜିଲ୍ଲା ଶିଳ୍ପ କେନ୍ଦ୍ର, ଆଂଚଳିକ ଶିଳ୍ପ କେନ୍ଦ୍ର, ଗୁଡ୍ ଗଭର୍ଣ୍ଣାନ୍ସ, ଇ-ଗଭର୍ଣ୍ଣାନ୍ସ, ସର୍ଭିସ୍ କୋଡ୍, ପ୍ରଶାସନିକ ନୈତିକତା, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଦୀପା), ରପ୍ତାନୀ ପ୍ରୋତ୍ସାହନ ସମେତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍କିମ୍ ସମ୍ବନ୍ଧରେ ଅବଗତ କରାଯିବ । ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଅଭିଜ୍ଞ ଶିଳ୍ପ ଅଧିକାରୀ ତଥା ସରକାରଙ୍କ ବରିଷ୍ଠ ଅଧିକାରୀଗଣ ତାଲିମ ପ୍ରଦାନ କରିବେ । ଉଦ୍‌ଯାପନୀ ଦିବସ ଡିସେମ୍ବର ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ନବନିଯୁକ୍ତ ଅଧିକାରୀମାନଙ୍କୁ ମାର୍ଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ।

ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ୍ ସଂଚାଳନ କରିଥିବାବେଳେ ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ଏସ୍.କେ. ହୋତା, ଏକାଡେମୀର ଯୁଗ୍ମ କମିଶନର ତଥା ପାଠ୍ୟକ୍ରମ ନିର୍ଦ୍ଦେଶକ ଡ.ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କୃଷି ଇନପୁଟ୍ ସହାୟତା ଯୋଗାଇ ଦେବାକୁ କେନ୍ଦ୍ରୀୟ ଟିମ୍‌କୁ ଭେଟି ସ୍ମାରକପତ୍ର ଦେଲା କିଷାନ କଂଗ୍ରେସ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଚଳିତବର୍ଷ ଖରିଫ ଚାଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ପ୍ରଭାବିତ ହୋଇଥିବା ବେଳେ ପରବର୍ତୀ ସମୟରେ ଅତିଶୟ ବର୍ଷା ଏବଂ ଅକ୍ଟୋବର ନଭେମ୍ବର ମାସ ଅଦିନିଆ ବର୍ଷା ଓ ଅନେକ ଜିଲ୍ଲାରେ ଚକଡ଼ା ପୋକ ଦ୍ୱାରା ବହୁଳ ଭାବରେ ଫସଲ ନଷ୍ଟ ହୋଇଥିବା ବେଳେ ଗତ ଡିସେମ୍ବର ୫ ଓ ୬ ତାରିଖରେ ବାତ୍ୟା ଜୱାଦ ଅବପାତରେ ଲଗାତର ବାତ୍ୟା ଓ ପ୍ରବଳ ବର୍ଷା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମିରେ ପାଣି ବୁଡ଼ିଯିବା ଦ୍ୱାରା ଧାନ ଓ ପନିପରିବା ଫସଲ ବ୍ୟାପକ ଭାବରେ ନଷ୍ଟ ହୋଇଛି । ଚାଷୀ ଧାର କରଜ କରି ଖରିଫ୍ ଓ ରବି ଚାଷ କରିଥିବା ବେଳେ ବର୍ତମାନ ଫସଲ କ୍ଷତି ଯୋଗୁଁ ନିରାଶ୍ରୟ । କୃଷି ଉତ୍ପାଦନ ପାଇଁ ଆବଶ୍ୟକ ଇନ୍‌ପୁଟ୍ ପାଇବାରେ ମଧ ଅହେତୁକ ଅସୁବିଧାର ସମ୍ମୁଖୀନ । ସରକାରଙ୍କ ପ୍ରଚଳିତ କୃଷି ଇନପୁଟ୍ ସହାୟତା ସମୁଦ୍ରକୁ ଶଙ୍ଖେ । ତେଣୁ କେନ୍ଦ୍ର ସରକାର ଏଭଳି ପରିସ୍ଥିତିରେ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବା ଦାବୀ ନେଇ ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଫସଲ କ୍ଷୟକ୍ଷତିର ଆକଳନ ପାଇଁ ଓଡ଼ିଶାକୁ ୨ ଦିନିଆ ଗସ୍ତରେ ଆସିଥିବା ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଯୁଗ୍ମ ସଚିବ ତଥା କେନ୍ଦ୍ରୀୟ ପ୍ରତିନିଧି ଦଳର ମୁଖ୍ୟ ସୌରଭ ରାୟଙ୍କୁ ରାଜ୍ୟ ଅତିଥି ଭବନଠାରେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ ଉପାଧ୍ୟକ୍ଷ ସୁବାଷ ରାଉତ ସାକ୍ଷାତ ଆଲୋଚନା କରି ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କୃଷି ଇନପୁଟ୍ ସହାୟତା ଯୋଗାଇ ଦେବାପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ଦିଗରେ କେନ୍ଦ୍ରୀୟ ଟିମର ମୁଖ୍ୟ ଏହାର ସୁବିଚାର ପାଇଁ ଭାରତ ସରକାରଙ୍କୁ ସୁପାରିଷ କରିବେ ବୋଲି କିଷାନ କଂଗ୍ରେସ ପ୍ରତିନିଧିଙ୍କୁ କହିଥିବା ପ୍ରକାଶ । ଉକ୍ତ ସ୍ମାରକପତ୍ରରେ ମୁଖ୍ୟ ଦାବୀ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଉଥିବା ପ୍ରଚଳିତ କୃଷି ଇନପୁଟ ସହାୟତାର ୩ଗୁଣା ବୃଦ୍ଧି, ରିଲିଫ୍ କୋର୍ଡ଼ ସଂଶୋଧନ, ପ୍ରତି ଗୁଣ୍ଠ ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ୩ ହଜାର ଟଙ୍କା ଆର୍ଥିକ ସହାୟତା ଏବଂ ରବି ଚାଷ ପାଇଁ ମାଗଣାରେ ବିହନ, ସାର ଓ ସମସ୍ତ ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷିଋଣ ଛାଡ଼ କରିବାକୁ ଉଲ୍ଲେଖ କରାଯାଇଛି ।

# ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ 'ମିଶନ ଶକ୍ତି-ଲିଭିଂ ଲ୍ୟାବ୍' ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ୟୁନାଇଟେଡ୍ ନେସନ୍ସ କ୍ୟାପିଟାଲ୍ ଡେଭ୍‌ଲପ୍‌ମେଂଟ ଫଣ୍ଡ (ୟୁଏନ୍‌ସିଡ଼ିଏଫ୍) ଜାତିସଂଘ ପୁଂଜିବିକାଶ ପାଣ୍ଠି ମଧ୍ୟରେ ସୋମବାର ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସହ 'ମିଶନ ଶକ୍ତି-ଲିଭିଂ ଲ୍ୟାବ୍' ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିବା ଏବଂ ଲିଙ୍ଗଗତ ସମାନତାକୁ ଦୃଢ଼ୀଭୂତ କରିବା ଦିଗରେ ଓଡ଼ିଶା ରାଜ୍ୟ ସରକାର ଏବଂ ୟୁଏନ୍‌ସିଡ଼ିଏଫ୍ ର ଏହା ଏକ ସମ୍ମିଳିତ ପ୍ରୟାସ ।

ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ଅବସରରେ ମିଶନ ଶକ୍ତିର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର. କାର୍ତିକେୟନ୍ କହିଛନ୍ତି, ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଏକାନ୍ତ ଆବଶ୍ୟକ ଏବଂ ଏହି ଚୁକ୍ତିନାମା ଫଳରେ ମହିଳାମାନେ ନୂତନ ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ ଓ ସେମାନେ ଅଧିକ ଉପାର୍ଜନକ୍ଷମ ହୋଇପାରିବେ ବୋଲି ଆମେ ଆଶାବାଦୀ । ମହିଳାମାନଙ୍କ ଆୟବୃଦ୍ଧି ଏବଂ ଆର୍ଥିକ ସ୍ୱଚ୍ଛଳତାକୁ ସୁନିଶ୍ଚିତ କରିବା ଦିଗରେ ମିଶନ ଶକ୍ତି ଏବଂ ୟୁଏନ୍‌ସିଡିଏଫ୍ ର ଆର୍ଥିକ ସହଭାଗିତା ସମୟୋଚିତ ଏବଂ ଅତି ମହତ୍ୱପୂର୍ଣ୍ଣ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୟୁଏନ୍‌ସିଡିଏଫ୍‌ର ଇନ୍‌କ୍ଲୁସିଭ୍ ଡିଜିଟାଲ୍ ଇକୋନୋମି ପ୍ରାକ୍‌ଟିସେସ୍ ର ନିର୍ଦ୍ଦେଶକ ହେନେରୀ ଡୋମେଲ କହିଥିଲେ, 'ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ମହିଳାମାନଙ୍କ ଆର୍ଥିକ ନିରାପତା ଏବଂ ଆର୍ଥିକ ସ୍ୱାଧୀନତା ବୃଦ୍ଧି ପାଇଁ ନୂତନ ଜ୍ଞାନକୌଶଳ ଏବଂ ଭିତିଭୂମିର ବ୍ୟବହାରରେ ଏହା ସହାୟକ ହେବ । ମହିଳାମାନଙ୍କ ଉପରେ ଅଧିକ ଧ୍ୟାନ ଦିଆଗଲେ ହିଁ ମହିଳାମାନଙ୍କ ଉପରେ କୋଭିଡ୍-୧୯ର ସାମାଜିକ ଏବଂ ଆର୍ଥିକ ପ୍ରଭାବକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ । ନିଜର ଆର୍ଥିକ କେନ୍ଦ୍ର ଜରିଆରେ ୟୁଏନ୍‌ସିଡିଏଫ୍ ମିଶନ ଶକ୍ତି ସହ ଯୋଡ଼ି ହେବାରେ ଗର୍ବ ଅନୁଭବ କରୁଛି । ଏହି ସହଭାଗିତା ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକର ଆର୍ଥିକ କ୍ଷମତାକୁ ଦୃଢ଼ୀଭୂତ କରିବ । 'ମିଶନ ଶକ୍ତି-ଲିଭିଂ ଲ୍ୟାବ୍' ଅଭିନବ ଡିଜିଟାଲ୍ ମାଧ୍ୟମଗୁଡ଼ିକୁ ସଂପ୍ରସାରିତ କରିବା ସହ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପାଇଁ ଏକ ନିରନ୍ତର ବଜାର ସୃଷ୍ଟି କରିବାରେ ସହାୟକ ହେବ ।

ଆର୍ଥିକ ନିରାପତା ହାସଲ ଦିଗରେ ମହିଳାମାନଙ୍କ ନିମନ୍ତେ ଥିବା ପ୍ରତିବନ୍ଧକକୁ ଦୂରୀଭୂତ କରିବା, ଆର୍ଥିକ ସ୍ୱାଧୀନତା ହାସଲ କରିବା ସହ ଡିଜିଟାଲ୍ ଜ୍ଞାନକୌଶଳର ପ୍ରୟୋଗରେ ଇ-ବ୍ୟବସାୟ କାରବାରକୁ ଆହୁରି ବ୍ୟାପକ କରିବା ଦିଗରେ ଏହି ସହଭାଗିତା ଯଥେଷ୍ଟ ସହାୟକ ହେବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଡିଜିଟାଲ୍ ଆର୍ଥିକ ସେବା ପ୍ରଦାନ ଏବଂ ସେମାନଙ୍କ ଉନ୍ନତ ଆର୍ଥିକ ଅବସ୍ଥା ସୃଷ୍ଟି କରିବା ଦିଗରେ ଯଥେଷ୍ଟ ଫଳପ୍ରଦ ହେବ । ମହିଳାମାନଙ୍କ ପରିଚାଳିତ ପ୍ରାୟ ୧୦ ହଜାର କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ନିଜ ସାମର୍ଥ୍ୟ ଅନୁସାରେ ବଜାର ସୁଯୋଗ ପାଇବା, ବ୍ୟବସାୟ ସଂପ୍ରସାରଣ ନିମନ୍ତେ ପୁଂଜି ପାଇବା ଏବଂ ଅଧିକ ବଜାର ସଂଯୋଗୀକରଣର ସୁବିଧା ପାଇପାରିବେ । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେମାନଙ୍କ ଆର୍ଥିକ ପୁଂଜିକୁ ଉଚିତ ମାର୍ଗରେ ସଂଚୟ କରିବା ସହ ସୁବିନିଯୋଗ କରି ନିଜର ଆର୍ଥିକ ନିରାପତାକୁ ସୁଦୃଢ଼ କରିପାରିବେ ।

ସୂଚନାଯୋଗ୍ୟ ଯେ, ରାଜ୍ୟର ସହର ଏବଂ ଗ୍ରାମାଂଚଳଗୁଡ଼ିକରେ ମିଶନ ଶକ୍ତି ଅଧୀନରେ ୬.୦୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛନ୍ତି ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୭୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୦୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୦ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୫୧ହଜାର ୯୨୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ଭିତରୁ ୧୦ ଲକ୍ଷ ୪୧ ହଜାର ୫୩୬ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧ ହଜାର ୯୦୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ନିଗମରେ ନାହିଁ ସୂର୍ଯ୍ୟମୁଖୀ ବିହନ : ଚାଷୀ କରିବେ କ'ଣ ?

ଭୁବନେଶ୍ୱର ,୧୪/୧୨ (ନି.ପ୍ର): ଜାତୀୟ ବିହନ ନିଗମରେ ଗତବର୍ଷ ସୂର୍ଯ୍ୟମୁଖୀ ବିହନର ଦର ଥିଲା କ୍ୱିଣ୍ଟାଲ ପିଛା ୨୭ ହଜାର ଟଙ୍କା । ଚଳିତ ବର୍ଷ ଏହା ୫୨ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଜାତୀୟ ବିହନ ନିଗମ ବର୍ଷକରେ ପାଖାପାଖି ଦର ଦୁଇ ଗୁଣା ବୃଦ୍ଧି କରିଛି । ଏହି ଦର ବୃଦ୍ଧିକୁ ଆଳ କରି ରାଜ୍ୟ ବିହନ ନିଗମ ଚଳିତ ବର୍ଷ ଏହି ବିହନ କିଣିନାହିଁ । ଏବେ ଖୋଲା ବଜାରରେ ଏହି ବିହନ ଦର କ୍ୱିଣ୍ଟାଲ ପିଛା ୯୦ ହଜାର ଟଙ୍କା । ପୁଣି ଅଭାବ ବାହାନାରେ କଳାବଜାର ହେଉଛି ଓ କଳାବଜାର ଦର ଲକ୍ଷେ ଟଙ୍କା ଛୁଇଁଛି । ଏମିତି ସ୍ଥିତିରେ ଓଡ଼ିଶା ଚାଷୀ ଚଳିତ ବର୍ଷ ସୂର୍ଯ୍ୟମୁଖୀ ଚାଷରୁ ମୁହଁ ଫେରାଇବାକୁ ବାଧ ହୋଇଛି । ଫଳରେ ଚଳିତ ବର୍ଷ ରାଜ୍ୟରେ ସୂର୍ଯ୍ୟମୁଖୀ ଚାଷ ପ୍ରଭାବିତ ହେବ ବୋଲି ଜଳଜଳ ଦେଖାଗଲାଣି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଚାଷୀମାରଣ ନୀତି ପାଇଁ ଆଜି ଓଡ଼ିଶା ସୂର୍ଯ୍ୟମୁଖୀ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।



ସୂଚନା ଅନୁଯାୟୀ ପ୍ରତିବର୍ଷ ଓଡ଼ିଶାକୁ ୩୦୦ କ୍ୱିଣ୍ଟାଲ ସୂର୍ଯ୍ୟମୁଖୀ ବିହନ ଆବଶ୍ୟକ ହୁଏ । ଏହି ବିହନ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇନଥିବାରୁ ପ୍ରତିବର୍ଷ ରାଜ୍ୟ ବିହନ ନିଗମ ଜାତୀୟ ବିହନ ନିଗମରୁ କିଣି ଚାଷୀଙ୍କୁ ଯୋଗାଇଥାଏ । ଚଳିତ ବର୍ଷ ସେପ୍ଟେମ୍ବର ମାସରେ ନିଗମ ପକ୍ଷରୁ ଟେଣ୍ଡର କରାଯାଇଥିଲା । ଜାତୀୟ ବିହନ ନିଗମ ପକ୍ଷରୁ କ୍ୱିଣ୍ଟାଲ ପିଛା ୫୨ ହଜାର ଟଙ୍କାରେ ସୂର୍ଯ୍ୟମୁଖୀ ବିହନ ବିକ୍ରି ପାଇଁ କୁହାଯାଇଥିଲା । ଗତବର୍ଷ ୨୭ ହଜାର ଟଙ୍କା ଦରରେ ରାଜ୍ୟ ସରକାର କ୍ରୟ କରିଥିଲେ । ଅଚାନକ ଗୋଟିଏ ବର୍ଷରେ ଦର ଦୁଇ ଗୁଣ ବଢ଼ିଯିବାରୁ ରାଜ୍ୟ ସରକାର କିଣିବା ପାଇଁ ରାଜି ହେଲେନାହିଁ । ପୁନର୍ବାର ଟେଣ୍ଡର କରିବା ପାଇଁ ରାଜ୍ୟ ବିହନ ନିଗମକୁ କୁହାଗଲା । ମାତ୍ର ଦ୍ୱିତୀୟ ଥର ଟେଣ୍ଡରରେ କେହି ଅଂଶ ଗ୍ରହଣ କଲେ ନାହିଁ । ତେଣୁ ରାଜ୍ୟ କୃଷି ବିଭାଗ ସମସ୍ତ ସୂର୍ଯ୍ୟମୁଖୀ ଚାଷୀଙ୍କୁ ନିଜେ ବିହନ ଯୋଗାଡ଼ ପାଇଁ ଜଣାଇଦେଲା । ଅଧିକାଂଶ ସ୍ଥାନରେ ଖୋଲା ବଜାରରେ ଏହି ବିହନ କ୍ୱିଣ୍ଟାଲ ୯୦ ହଜାର ଟଙ୍କାରେ ବିକ୍ରି ହେଉଛି । ପୁଣି ବହୁ ସ୍ଥାନରେ ମିଳୁନାହିଁ । କେବଳ ଚାଷୀ ନୁହଁନ୍ତି, କୃଷି ବିଭାଗ ପକ୍ଷରୁ କରାଯାଉଥିବା ୩୮୦୦ ହେକ୍ଟର ସୂର୍ଯ୍ୟମୁଖୀ ଚାଷକୁ ଚଳିତ ବର୍ଷ ବନ୍ଦ କରାଯାଇ ଚିନାବାଦାମ ଚାଷ କରାଯାଉଛି ।

# ଚିତ୍ରକଳା ପ୍ରଦର୍ଶନୀ ଦ ବାର୍ଡ଼ସ୍, ଆଉ ଶୁଭୁନି କା' କା ଡ଼ାକ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ରାତି ପାହିଲେ କାଉର କା' କା' ଡ଼ାକରେ ଭାଙ୍ଗୁଥିଲା ନିଦ । କାଉକୁ ନେଇ ଚାଟଶାଳୀ ବହିରେ ଏକ ସୁନ୍ଦର ଗୀତ ବି ରଚନା କରାଯାଇଛି । ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ । କିନ୍ତୁ ଏବେ ସକାଳ ହେଲେ ଆଗ ପରି ଆଉ କାଉର ରାବ ଶୁଭୁନାହିଁ । ପରିତ୍ୟକ୍ତ ଖାଦ୍ୟ ସ୍ଥାନରେ ଅସଂଖ୍ୟ କାଉ ରୁଣ୍ଡର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ । ସେହିପରି ପରିବେଶକୁ ପରିଚ୍ଛନ୍ନ ରଖୁଥିବା ବିଶାଳ ପକ୍ଷୀ ଶାଗୁଣା ପଲ ପଲ ହୋଇ ବସୁଥିଲେ ମଶାଣୀ ଓ ତାଳଗଛ ଉପରେ । ଏବେ ପଶୁଙ୍କର ଶବ ଦିନ ଦିନ ଧରି ପଡ଼ିରହୁଛି ମଶାଣି ପଦାରେ । ଆଉ ଦେଖିବାକୁ ମିଳୁନି ଶାଗୁଣା । ସେହିଭଳି ପକ୍ଷୀ ଜଗତର ସ୍ଥପତି ବାଇଚଢେଇ ଏବେ ବସା ବାନ୍ଧିବାକୁ ପାଉନାହିଁ ବଡ଼ ବଡ଼ ତୋଳ, ବର, ନଡ଼ିଆ ଗଛ । ଗାଁ ଦାଣ୍ଡ ଓ ଅଗଣାରେ କିଚିରି ମିଚିରି କରୁଥିବା ଘର ଚଟିଆର ଶବ୍ଦ ଏବେ ଆମ ସ୍ମୃତିରେ । କେବଳ କାଉ କିମ୍ବା ଶାଗୁଣା ନୁହେଁ ଆମ ପରିବେଶରୁ ଉଭାନ ହୋଇଗଲେଣି ଘରଚଟିଆ, ଶଙ୍ଖଚିଲ, ପାରା, ମାଛରଙ୍କା ଚଢେଇ, କଜଳପାତି, ହଳଦୀ ବସନ୍ତ ପରି ଅନେକ ପକ୍ଷୀ । ଏସବୁ କେବଳ ପରିବେଶର ପ୍ରତିକୂଳ ଅବସ୍ଥାକୁ ହିଁ ଆମେ ଦାୟୀ କରୁଛେ । ଜୈବ ବିବିଧତାର ସୁରକ୍ଷା ଓ ଜୀବଜଗତର ସନ୍ତୁଳନ ପାଇଁ ଏମାନଙ୍କ ଉପସ୍ଥିତି ନିତାନ୍ତ ଜରୁରୀ । ବିଲୁପ୍ତ ହୋଇଯାଉଥିବା ପକ୍ଷୀମାନଙ୍କୁ ନେଇ ଭୁବନେଶ୍ୱର ପୋଖରୀପୁଟ ଅଂଚଳର ସାତବର୍ଷର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ ଚିନ୍ତାପ୍ରକଟ କରିବା ସହ ନିଜେ ରଙ୍ଗ ତୂଳୀରେ ଲୋପ ପାଇଯାଉଥିବା ପକ୍ଷୀମାନଙ୍କର ସୁରକ୍ଷା ଲାଗି ଜନସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ପକ୍ଷୀମାନଙ୍କ ଚିତ୍ର ଆଙ୍କିଛନ୍ତି । ଚିତ୍ରରେ ତଳେ ଇଂରାଜୀ ଭାଷାରେ ମନଛୁଆଁ ସ୍ଲୋଗାନ ବି ରହିଛି । ଯଥା-ସେଭ୍ ଦ ସ୍ୱାରୋଜ, ବାର୍ଡ଼ସ୍ ଆର୍ ଗଡ୍‌ସ ନାଚୁରାଲ୍ ଡ୍ରୋନ୍‌ସ, ମେକ୍ ଏ ରିଭୋଲ୍ୟୁସନ, ଟୁ ରିଡ୍ୟୁସ୍ ରାଡ଼ିଏସନ୍, ଲେଟସ୍ ସେଭ୍ ଦିଜ୍ ଲିଟିଲ୍ ଆଞ୍ଜେଲ୍, ଦ ବାର୍ଡ଼ସ୍ ଆର ଦି ଷ୍ଟାରସ୍ ଅଫ୍ ଆୱାର ନେଚର, ଇତ୍ୟାଦି । ଚିତ୍ରଗୁଡ଼ିକୁ ଗ୍ରୀନ୍‌ୱାଲ୍‌ରେ ଶାନ୍ତନୁ ପ୍ରଦର୍ଶିତ କରିବା ସହ ଚିତ୍ରକଳା ପ୍ରଦର୍ଶନୀର ନାମ 'ଦ ବାର୍ଡ଼ସ୍' ରଖିଛନ୍ତି । ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅରିଶଳର ଦ୍ୱିତୀୟ ଶ୍ରେଣୀର ଛାତ୍ର । ପିତା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ଚିନ୍ତାଧାରାରେ ଶାନ୍ତନୁ ପ୍ରଭାବିତ ହୋଇ ପରିବେଶଧର୍ମୀ ଚିତ୍ର ବିଭିନ୍ନ ସମୟରେ ଆଙ୍କୁଥିବାର ଜଣାପଡ଼ିଛି । କଅଁଳ ବୟସରେ ଏଭଳି ଚିନ୍ତାଧାରାରାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି ।

# ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଗଣତନ୍ତ୍ର ଦିବସ ୨୦୨୨ ରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ

ଭୁବନେଶ୍ୱର,୧୪/୧୨(ନି.ପ୍ର): ଭାରତର ସ୍ୱାଧୀନତାର ୭୫ ବର୍ଷ ପାଳନକୁ ସ୍ମରଣୀୟ କରିବା ପାଇଁ ତଥା ଏହାର ଗୌରବମୟ ଇତିହାସ, ସଂସ୍କୃତି ଓ ସଫଳତାର ସ୍ମୃତି ଚାରଣ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହା ବିକାଶଶୀଳ ଭାରତର ସାମାଜିକ-ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ପରିଚୟର ଏକ ନିଦର୍ଶନ ଅଟେ। ଅମୃତ ମହୋତ୍ସବର ପାଳନ ସ୍ୱରୂପ, ସଂସ୍କୃତି ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ମିଶି ଦେଶର ବିଭିନ୍ନ ଭୌଗୋଳିକ ସ୍ଥାନର କଳାକାରମାନଙ୍କ ଦ୍ୱାରା ତିଆରି ଫଟୋ ଚିତ୍ରର ଏକ ସିରିଜକୁ ପ୍ରଦର୍ଶିତ କରାଯିବ। ଏହି କଳାର ପ୍ରମୁଖ ବିଷୟବସ୍ତୁ ହେଉଛି ସ୍ୱାଧୀନତା ସଂଗ୍ରାମର ଅପରିଚିତ ନାୟକମାନଙ୍କୁ ସମ୍ମାନିତ କରିବା। ଏହି କଳାତ୍ମକ ଚିତ୍ରଣ ମାଧ୍ୟମରେ ଜନସାଧାରଣ ପ୍ରେରଣା ଗ୍ରହଣ କରିପାରିବେ। ଗଣତନ୍ତ୍ର ଦିବସ ୨୦୨୨ ଅବସରରେ ଦିଲ୍ଲୀର ରାଜପଥରେ ଏହି ଫଟୋ ଚିତ୍ର ଗୁଡ଼ିକୁ ପ୍ରଦର୍ଶିତ କରାଯିବ। ପଞ୍ଚସ୍ତରି ମିଟର ଲେଖାଏଁ ଦଶଟି ସ୍କ୍ରୋଲ୍ (ଏହା ୧୪-୧୫ ଫୁଟ ଉଚ୍ଚତା ବିଶିଷ୍ଟ ହେବ) କୁ ଉପସ୍ଥାପିତ କରାଯିବ। ଏଥିରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯିବ। ଫଟୋ ଚିତ୍ର



ପ୍ରଦର୍ଶନୀ ଆଜାଦି କା ଅମୃତ ମହୋତ୍ସବର ମହାନ ଉତ୍ସବ ସମ୍ବନ୍ଧୀୟ ଅନ୍ତର୍ନିହିତ କଳାତ୍ମକ ଦୃଶ୍ୟକୁ ପ୍ରତିଫଳିତ କରିବ ଏବଂ ଆମର ଜାତୀୟ ଗର୍ବକୁ ମଧ ଉପସ୍ଥାପନ କରିବ। ରାଜପଥରେ ଏହି ଚିତ୍ର ଗୁଡିକ ପ୍ରମୁଖ ସ୍ଥାନରେ ସମସ୍ତ ନାଗରିକଙ୍କ ପାଇଁ ଏକ ଖୋଲା ଗ୍ୟାଲେରୀ ଭାବରେ ଉପସ୍ଥାପନ କରାଯିବ ଏବଂ ଏହା ଭରତର ସମୃଦ୍ଧ ଜାତୀୟ ଐତିହ୍ୟ ଏବଂ ଭରତର ସଂସ୍କୃତି ବିଷୟରେ ଲୋକଙ୍କୁ ପ୍ରେରଣା ଦେବା ପାଇଁ ଉଦ୍ଦିଷ୍ଟ । ଏହି ଚିତ୍ରିତ କଳାକୃତି ଗୁଡିକ ଖୋଲା ଆକାଶ ତଳେ ଅତ୍ୟନ୍ତ ସୁନ୍ଦର ଦେଖାଯିବା ସହିତ ଜାତୀୟ ଗର୍ବ ଏବଂ ଉତ୍କର୍ଷତାକୁ ପ୍ରକାଶ କରିବାର ଏକ ମାଧ୍ୟମ ଭାବରେ କଳାର ସୌନ୍ଦର୍ଯ୍ୟକୁ ଉପସ୍ଥାପିତ କରିବ। ପାରମ୍ପରିକ କଳା ଏବଂ ସମସାମୟିକ ଅଭିବ୍ୟକ୍ତିକୁ ପ୍ରତିଫଳିତ କରିବାକୁ ଏହି ଫଟୋଚିତ୍ର ଗୁଡିକ ପ୍ରସ୍ତାବିତ, ଯାହାକି ଭାରତର ସମୃଦ୍ଧ ସାଂସ୍କୃତିକ ତଥା କଳା ଐତିହ୍ୟର ଗୁରୁତ୍ୱ ପ୍ରଦର୍ଶନ କରିବା ସହିତ ଆମ ଦେଶ ତଥା ଏହାର ଲୋକମାନଙ୍କର ଗୌରବମୟ ଇତିହାସ ଏବଂ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନକୁ ପ୍ରଦର୍ଶିତ କରିବ। ନିର୍ଦ୍ଦେଶକ ଜେନେରାଲ୍, ଏନଜିଏମଏ ଙ୍କ ସହିତ ଏନଜିଏମଏ ର ପରାମର୍ଶଦାତା ବୋର୍ଡ (ପ୍ରମୁଖ ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ସମେତ ବିଶିଷ୍ଟ କଳାକାରଙ୍କୁ ନେଇ) ଫଟୋଚିତ୍ର ପ୍ରଦର୍ଶନୀ ପାଇଁ ପରାମର୍ଶଦାତା ଭାବରେ କାର୍ଯ୍ୟ କରିବେ। ଏହାର ସ୍ଥାନ ଗୁଡ଼ିକ : କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକନୋଲୋଜି, ଭୁବନେଶ୍ୱର (ଓଡ଼ିଶା), ସିଲିକନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକନୋଲୋଜି, ଭୁବନେଶ୍ୱର (ଓଡ଼ିଶା), ଚିତକାରା ୟୁନିଭର୍ସିଟି, ଚଣ୍ଡିଗଡ଼ ୨୬ ଡିସେମ୍ବର ୨୦୨୧ ଠାରୁ ସ୍କ୍ରୋଲ ପେଣ୍ଟିଂ କାର୍ଯ୍ୟକ୍ରମର ଶୀର୍ଷକ ରହିଛି, ''କଳା କୁମ୍ଭ-ଆଜାଦି କା ଅମୃତ ମହୋତ୍ସବ''। ଭୁବନେଶ୍ୱରରେ ଥିବା ୱାର୍କସପରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶର କଳାକାରମାନେ ଭାଗ ନେବେ। ଭାରତର ୭୫ ବର୍ଷର ସ୍ୱାଧୀନତା ଅବସରରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଗୌରବମୟ ଇତିହାସକୁ ପ୍ରାୟ ୨୭୦ ଜଣ କଳାକାର ପ୍ରଦର୍ଶିତ କରିବେ। ଭୁବନେଶ୍ୱର ଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯେଉଁ ପ୍ରମୁଖ କଳାକାରମାନେ ଅଂଶଗ୍ରହଣ କରିବେ ସେମାନେ ହେଉଛନ୍ତି : ଶ୍ରୀଯୁକ୍ତ ହର୍ଷବର୍ଦ୍ଧନ ଶର୍ମା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବରିଷ୍ଠ ଓ ପ୍ରଖ୍ୟାତ କଳାକାର, ବର୍ତ୍ତମାନ ଡିନ୍, ସେଣ୍ଟ୍ରାଲ୍ ୟୁନିଭର୍ସିଟି, ହିମାଚଳ ପ୍ରଦେଶ ଓ ଏନଜିଏମଏର ଆଡଭାଇଜୋରି କମିଟିର ଚେୟାର ପର୍ସନ, ଶ୍ରୀଯୁକ୍ତ ରାମହରି ଜେନା, ସିନିୟର ଆର୍ଟିଷ୍ଟ, ପ୍ରିଣ୍ଟ ମେକିଂ ଜାତୀୟ ପୁରସ୍କାରପ୍ରାପ୍ତ ୩. ଶ୍ରୀଯୁକ୍ତ ବିଜୟ ଦାସ, ପ୍ରଫେସନର ଫାଇନ୍ ଆର୍ଟସ ବିଭା, କିଟ୍, ଭୁବନେଶ୍ୱର, ଶ୍ରୀଯୁକ୍ତ ସୁବ୍ରତ ମଲ୍ଲିକ, ପ୍ରମୁଖ କଳାକାର ଓ ଏଚଓଡି ପେଣ୍ଟିଂ ବିଭାଗ, ବିକେ କଲେଜ୍ ଅଫ୍ ଆର୍ଟସ ଆଣ୍ଡ କ୍ରାଫ୍ଟସ, ଭୁବନେଶ୍ୱର, ଶ୍ରୀଯୁକ୍ତ ମାନସ ରଞ୍ଜନ ଜେନା, ବିକେ କଲେଜ୍ ଅଫ୍ ଆର୍ଟସ ଆଣ୍ଡ କ୍ରାଫ୍ଟସ, ଭୁବନେଶ୍ୱର ର କଳାକାର ଓ ଫାକଲ୍ଟି, ଶ୍ରୀ ମନୋଜ ପଣ୍ଡିତ, ବିହାରର ମଞ୍ଜୁସା ପେଣ୍ଟିଂର ପ୍ରମୁଖ କଳାକାର, ଉପରୋକ୍ତ ବ୍ୟତୀତ, ଏଥିରେ ଆହୁରି ଅନେକ ପାରମ୍ପରିକ କଳାକାରମାନେ ଅଂଶଗ୍ରହଣ କରୁଛନ୍ତି ଯେଉଁମାନେ ତାଙ୍କର କଳାକୃତି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଛନ୍ତି। ଭୁବନେଶ୍ୱରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ କେତେକ ପାରମ୍ପରିକ ଆର୍ଟଫର୍ମ ଯାହାକୁ ପ୍ରଦର୍ଶିତ କରାଯିବ ସେଗୁଡ଼ିକ ହେଉଛି ପାରମ୍ପରିକ ପଟ୍ଟଚିତ୍ର, ଓଡ଼ିଶାର ଝୋଟି-ଚିତା କଳାକାର, ପଶ୍ଚିମବଙ୍ଗର ମେଦିନିପୁର ଓ କାଳିଘାଟ ତଥା ହୁଗୁଳି, ବୀରଭୂମ, ବାଙ୍କୁରା ଓ ବୁରଦ୍ୱାନର ପଟ୍ଟଚିତ୍ର କଳାକାର, ବିହାରର ମଞ୍ଜୁସା ଓ ମଧୁବନି କଳାକାର, ଝାଡ଼ଖଣ୍ଡର ଯଦୁପତିୟ କଳାକାର ଏବଂ ସାନ୍ଥାଳା, ମୁଣ୍ଡା, ଓରାମ୍, ଓ ପ୍ରଜାପତି କଳାକାରଙ୍କ ଦ୍ୱାରା ପାରମ୍ପରିକ ଅମଳ ସୋହରି କଳାକୃତି। ଏହା ସହିତ ଆନ୍ଧ୍ରପ୍ରଦେଶର ମଚ୍ଛଲିପଟ୍ଟନମ ପରମ୍ପରାର କଳାକାର। ଏହି ପାରମ୍ପରିକ କଳାକୃତି ବ୍ୟତୀତ ଆମର ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସଂଗ୍ରାମୀମାନଙ୍କୁ ମଧ ଏଥିରେ ପ୍ରଦର୍ଶିତ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କେମିତି ହେଲା....

ସହଯୋଗୀ, ଚିତ୍ତରଞ୍ଜନ ପଲେଇଙ୍କ ମୃତ୍ୟୁ ଯେତିକି ରହସ୍ୟ ସୃଷ୍ଟି କରିଛି, ସେତିକି ବିବାଦ ମଧ ଠିଆ କରିଛି । ଆଉ ରହସ୍ୟ ଉପରୁ ପରଦା ହଠାଇବା ପାଇଁ ମୃତ୍ୟୁର କାରଣ ଖୋଜିବାକୁ ତେଥ୍ ସ୍ଥଳରେ ତଦନ୍ତ କରିଛି ଫରେନସିକ୍ ଟିମ୍ । । ଡ୍ରୋନ୍ ମାଧ୍ୟମରେ ଭିଡିଓ ରେକର୍ଡିଂ କରିବା ସହ ଡଗ ସ୍ୱାର୍ଡ ଦ୍ୱାରା ଛାନଭିନ୍ କରିଛି ପୋଲିସ । ଚିତ୍ତରଞ୍ଜନଙ୍କ ମୃତ୍ୟୁକୁ ନେଇ ସଞ୍ଜୟ ଦାସବର୍ମାଙ୍କ ଆଡକୁ ଆଙ୍ଗୁଳି ଉଠୁଥିବାବେଳେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଚିତ୍ତରଞ୍ଜନଙ୍କ ବାପା, ବଡବାପା , ଭାଇ ଓ ଭଉଣୀଙ୍କ ସହ ଯାଇ ଏସପିଙ୍କୁ ଭେଟିଛନ୍ତି ସଞ୍ଜୟ । ଘଟଣାର ବିଧିବଦ୍ଧ ତଦନ୍ତ କରି ହତ୍ୟାକାଣ୍ଡର ସମ୍ପୃକ୍ତି ଥିବା ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ନିବେଦନ କରିଛନ୍ତି । ଟଙ୍କା ପାଇଁ ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମାମଲାରେ ବିବାଦ ଘେରକୁ ଆସିଥିବା ସଞ୍ଜୟ ଦାସବର୍ମା କାହିଁକି ନିଜଆଡୁ ଚିତ୍ତରଞ୍ଜନଙ୍କ ପରିବାର ସଦସ୍ୟଙ୍କୁ ନେଇ ଏସପିଙ୍କୁ ଭେଟିଲେ ତାହା ରହସ୍ୟ ବଢ଼ାଉଛି । ସଞ୍ଜୟଙ୍କ ସହ ବାପା ଏସପିଙ୍କୁ ଭେଟିବାବେଳେ ସଞ୍ଜୟ ଦାସବର୍ମାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଚିତ୍ତରଞ୍ଜନଙ୍କ ପତ୍ନୀଙ୍କୁ ଦେଖିବାକୁ ମିଳିନଥିଲା କିମ୍ବା ତାଙ୍କ ମା ବି ନଥିଲେ । ସେମାନେ ଚିତ୍ତରଞ୍ଜନଙ୍କ ମୃତ୍ୟୁ ପଛରେ ସଞ୍ଜୟ ଦାସବର୍ମାଙ୍କ ହାତ ଥିବା ସିଧାସଳଖ ଅଭିଯୋଗ ଆଣିଥିଲେ । ତେବେ ଚିତ୍ତରଞ୍ଜନଙ୍କ ପତ୍ନୀଙ୍କ ବୟାନ ସମ୍ପୂର୍ଣ୍ଣ ମାମଲାକୁ ଅଧିକ ରହସ୍ୟମୟ କରିଛି ।

### ବିରୋଧୀଙ୍କ ବୈଠକରେ....

ସୋନିଆ ମଧ ନିଜ ବାସଭବନରେ ଏକ ବୈଠକ ରଖିଥିଲେ । ସେଠାରେ ୫ ବିରୋଧୀ ଦଳ ଉପସ୍ଥିତ ରହିଥିଲେ । ଏନସିପି, ଡିଏମକେ, ଶିବସେନା,ସିପିଏମ ଓ ନ୍ୟାସନାଲ କନଫରେନ୍ସର ନେତା ଉପସ୍ଥିତ ଥିଲେ । କିନ୍ତୁ ଏହି ବୈଠକରେ ମମତାଙ୍କୁ ଡକାଯାଇ ନଥିଲା । ମମତା ଅନେକ ଦିନରୁ କଂଗ୍ରେସକୁ ଟାର୍ଗେଟ କରିଆସୁଛନ୍ତି । ଦେଶରେ କୌଣସି ୟୁପିଏ ନାହିଁ ବୋଲି ମମତା କହିଥିଲେ । ଏହି ବୈଠକରେ ସୋନିଆ ମମତାଙ୍କୁ ସାମିଲ ନ କରିବା । ଅନେକ ରାଜନୈତିକ ଦିଗକୁ ଇସାରା ଦେଇପାରେ । ସୋନିଆ ମମତାଙ୍କୁ ଆଉ ନିଜ ମେଣ୍ଟରେ ରଖିବାକୁ ଚାହୁଁନାହାନ୍ତି । ମମତାଙ୍କ ଏକଲା ଚଲୋ ନିତିରେ ଏହି ୫ ବିରୋଧୀଦଳ ସାମିଲ ନାହାନ୍ତି । ମମତା ମଧ ଏହା ପୂର୍ବରୁ କଂଗ୍ରେସକୁ ଚେକ୍ ଦେଇସାରିଛନ୍ତି । ଗୋଆରେ କିଛି କଂଗ୍ରେସ ନେତା ଟିଏମସିରେ ଯୋଗ ଦେଇଛନ୍ତି । ମେଘାଳୟରେ ୧୨ ବିଧାୟକ ଟିଏମସିରେ ଯୋଗ ଦେଇଥିଲେ । ମଣିପୁର, ତ୍ରିପୁରା, ଗୋଆ, ଅରୁଣାଚଳ ପ୍ରଦେଶରେ ମଧ ଟିଏମସି ନିଜ ଉପସ୍ଥିତି ଜାହିର କରିଥିଲା । କଂଗ୍ରେସରୁ ବାହାରି କଂଗ୍ରେସକୁ ଟାର୍ଗେଟ କରୁଛନ୍ତି ମମତା । ଏବେ ଜାତୀୟ ରାଜନୀତିରେ ରହିଛି ମମତାଙ୍କ ନଜର । ଧିରେ ଧିରେ ଦିଦିଙ୍କ ଟିମକୁ ନେତା ଡିଆଁ ମାରୁଛନ୍ତି । ମୋଦୀଙ୍କ ବିକଳ୍ପ ଦିଦି ବୋଲି ଚର୍ଚ୍ଚା କରୁଛନ୍ତି ଅନେକ ବିଶେଷଜ୍ଞ । ସୋନିଆ କିନ୍ତୁ ମମତାଙ୍କୁ ସାମିଲ ନ କରି ନିଜ ପଟକୁ ସ୍ପଷ୍ଟ କରିଛନ୍ତ । ତେବେ ଆଗକୁ ବିରୋଧୀ ବନାମ ବିରୋଧୀଙ୍କ କଣ ନିଷ୍କର୍ସ ବାହାରିବ ସମୟ କହିବ ।

### କଂଗ୍ରେସ ଭବନରେ ପଶି ....

ଶେଷ ହୋଇଥିଲା। ପରେ ଜିଲ୍ଲା କଂଗ୍ରେସର ଏକ ୧୧ ଜଣିଆ ପ୍ରତିନିଧି ଦଳ ଡିସିପିଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ହାଇକୋର୍ଟରେ କାର୍ଯ୍ୟରତ ଜଜ୍‌ଙ୍କ ତତ୍ତ୍ୱାବଧାନରେ ମମିତା ମେହେର ହତ୍ୟାକାଣ୍ଡର ଏସ୍.ଆଇ.ଟି. ତଦନ୍ତ , ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ, କଂଗ୍ରେସ ଭବନରେ ପୋଲିସ୍‌ର ଅନୈତିକ ପ୍ରବେଶ, ଭଙ୍ଗାରୁଜା, ଛାତ୍ର କଂଗ୍ରେସ କର୍ମୀଙ୍କୁ ନିର୍ମମ ଆକ୍ରମଣର ବିଚାର ବିଭାଗୀୟ ତଦନ୍ତ ଏବଂ ଆନ୍ଦୋଳନ ସମୟରେ କାର୍ଯ୍ୟରତ ପୋଲିସ୍ ଅଫିସରମାନଙ୍କର ଇଚ୍ଛାକୃତ ଅବହେଳା ପାଇଁ ସେମାନଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଦାବି କରିଛି। ଉଲ୍ଲେଖନୀୟ ଯେ ଗତ ଦଶ ତାରିଖ ଦିନ ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ ବେଳେ କଂଗ୍ରେସ ଭବନ ଭିତରେ ପଶି ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ପୁଲିସ ଗୋଡ଼ାଇ ପିଟିଥିଲା ।

### ଚାଷୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା....

ଭିଡିଓ ସାମ୍ନାକୁ ଆସିବା ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଚାଷୀଙ୍କ ଉପରେ ମାଡ଼ି ଯାଇଥିବା ମହିନ୍ଦ୍ରା ଥରଟି କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କର ଥିଲା। ଘଟଣା ବେଳେ ତାଙ୍କ ପୁଅ ଆଶିଷ ମିଶ୍ରା ମଧ ଗାଡ଼ିରେ ଥିଲେ। ଏନେଇ ଅଭିଯୋଗ ମିଳିବା ପରେ ପୁଲିସ୍ ତାଙ୍କୁ ଗିରଫ କରିଛି। ଆଶିଷଙ୍କ ବ୍ୟତୀତ ଏହି ଲୋମହର୍ଷଣକାରୀ ଘଟଣାରେ ଲବକୁଶ, ଆଶିଷ ପାଣ୍ଡେ, ଶେଖର ଭାରତୀ, ଅଙ୍କିତ ଦାସ, ଲତିଫ, ଶିଶୁପାଲ, ନନ୍ଦନ ସିଂହ, ସତ୍ୟମ ତ୍ରିପାଠୀ, ସୁମିତ ଜୈସୱାଲ, ଧର୍ମେନ୍ଦ୍ର, ରିଙ୍କୁ ରାଣା ଓ ଉଲ୍ଲାସ ତ୍ରିବେଦୀଙ୍କୁ ମଧ ଏସଆଇଟି ଗିରଫ କରିଛି। ସମସ୍ତେ ଏବେ ଲଖିମପୁର ଖେରିର ଜିଲ୍ଲା କାରାଗାରରେ ରହିଛନ୍ତି।

## ପ୍ରବାସୀ ଓଡିଆ ବୁଦ୍ଧିଜୀବିଙ୍କ ଦ୍ୱାରା ପଠାଣି ସାମନ୍ତ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ପଠାଣି ସାମନ୍ତ ଜୟନ୍ତୀ ଅବସରରେ ପ୍ରବାସୀ ଓଡିଆଙ୍କ ଦ୍ୱାରା ଗଠିତ 'ଓଡିଆ ଇଂଟେଲେକଚୁଆଲ ଫୋରମ୍' ତରଫରୁ 'ଆଷ୍ଟ୍ରୋମେଟ୍ରି: ଫ୍ରମ୍ ପଠାଣି ସାମନ୍ତସ୍ ସିଦ୍ଧାନ୍ତ ଦର୍ପଣ ଟୁ ନାସାସ୍ ହବଲ୍ ସ୍ପେସ୍ ଟେଲିସ୍କୋପ' ଶୀର୍ଷକ ଏକ ଆଭାସି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆମେରିକାର ୱାଲ୍ଟିମୋର ସ୍ଥିତ 'ସ୍ପେସ୍ ଟେଲିସ୍କୋପ୍ ସାଇନସ୍ ଇନଷ୍ଟିଚ୍ୟୁଟ୍'ର ପ୍ରଖ୍ୟାତ ମହାକାଶ ବିଜ୍ଞାନୀ ପ୍ରଫେସର କୈଳାସ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ।ସେ ତାଙ୍କ ବକ୍ତବ୍ୟରେ ପଠାଣି ସାମନ୍ତ ସ୍ୱନିର୍ମିତ ବାଉଁଶନଳୀ ମହାଯନ୍ତ୍ରରେ ଗ୍ରହ ନକ୍ଷତ୍ରଙ୍କ କୌଣିକ ଅବସ୍ଥାନ ଠିକ୍ ଭାବରେ ମାପି ପାରିଥିଲେ ବୋଲି ଦର୍ଶାଇ ଥିଲେ। ପଠାଣି ସାମନ୍ତ ଜଣେ ମହାନ ଗଣିତଜ୍ଞ ଥିଲେ ଓ ନିଜର ବୌଦ୍ଧିକ ଜ୍ଞାନର ଉପଯୋଗ କରି ଦୁଇ ଗ୍ରହ ମଧ୍ୟରେ ଦୂରତା ମାପି ପାରୁଥିଲେ। ତା ସହିତ ଗ୍ରହ ନକ୍ଷତ୍ରମାନଙ୍କର କକ୍ଷ ପଥର ବିସ୍ତାର ଏବଂ ବ୍ୟାସାର୍ଦ୍ଧ ମଧ୍ୟ ସଠିକ ଭାବରେ ନିରୂପଣ କରି ପାରୁଥିଲେ ପ୍ରଫେସର ସାହୁ ସରଳ ଭାବରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତରେ ଥିବା ବିଭିନ୍ନ ଆଇ.ଆଇ.ଟି. , ନାଇଜର, ଆଇଜର୍ , କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ , ଗବେଷଣା ସଂସ୍ଥା, ତଥା ଆମେରିକା, ଇଂଲଣ୍ଡ, ଫ୍ରାନ୍ସ,ଜାପାନ, ଇସ୍ରାଏଲ୍ ଆଦି ଦେଶରେ ଥିବା ପ୍ରବାସୀ ଓଡିଆ ବୈଜ୍ଞାନିକଏବଂ ଗବେଷକ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦାକିନୀ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ଦିପାଳୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ଗଣଧାରଣା




ବାଲେଶ୍ୱର,୧୪/୧୨(ନି.ପ୍ର): ସୈନିକ ମାନଙ୍କ ପାଇଁ ୦୧.୦୧.୧୯୪୮ରେ ଜିନିଷପତ୍ର ପାଇଁ କେଂଟିନର ସୁବିଧାର ଶୁଭାରମ୍ଭ ହୋଇଥିଲା । କ୍ରମଶଃ ଏହା ଏନ୍‌ସିସି, ବିଏସ୍ଏଫ୍ ଇତ୍ୟାଦି ଅର୍ଦ୍ଧ ସାମରିକ ସୈନିକ ମାନଙ୍କ ପାଇଁ ମଧ ଆରମ୍ଭ ହେଲା । ଚାନ୍ଦିପୁର ଠାରେ ତିନୋଟି କେଂଟିନ ଅଛି ତାହା ହେଲା (୧) ଆଇଟିଆର କେଂଟିନ, (୨) ପିଏକ୍ସଇ କେଂଟିନ ଏବଂ (୩) ଏସ୍‌ଟିଏନ୍ ଏଚ୍‌କ୍ୟୁ କେଂଟିନ ଏମିତିକି ପିଏକ୍ସଇ କେଂଟିନ୍‌ରେ ଷ୍ଟାଫ ମାନଙ୍କ ପାଇଁ ଏକ ସବ୍‌କେଂଟିନ୍ ଅଛି ଯାହାକି ଆମ୍ଭମାନଙ୍କ ପାଇଁ ବର୍ଜିତ ଅଟେ । ଏପରିକି ଆଇଟିଆର କେଂଟିନରେ ମଧ ଆମ୍ଭମାନଙ୍କ ପାଇଁ ମୁଖ୍ୟ ଦ୍ୱାର ବନ୍ଦ ଥାଏ ଏବଂ ଭିତର ପଟ ଦେଇ ଯିବା ପାଇଁ ଆମ୍ଭେମାନେ ସଂକୋଚ କରୁ । ପୂର୍ବରୁ ଆମ୍ଭମାନଙ୍କ ପାଇଁ ବାଲେଶ୍ୱର ଟାଉନ (ଷ୍ଟେସନ ସ୍କୋୟାର)ରେ ଏକ ଏକ୍ସଟେନ୍‌ସନ୍ କାଉଣ୍ଟର ଥିଲା କିନ୍ତୁ ବହୁତ ପୂର୍ବରୁ ଏହା ବନ୍ଦ ହୋଇଯାଇଛି । ଆଉ ଦୁଃଖର କଥା ଏହିକି ଯେ ଯେତେବେଳେ ନୂଆ ଜିନିଷ ଷ୍ଟକ୍ ଆସେ ଆମ୍ଭମାନଙ୍କ ପାଇଁ କେଂଟିନ୍ ବନ୍ଦ ରହେ ଏବଂ ଜିନିଷ ସରିଗଲେ ଆମ୍ଭମାନଙ୍କୁ ଅନୁମତି ଦିଆଯାଏ । କେଂଟିନ କେବଳ ସୈନିକ, ଭୂତପୂର୍ବ ସୈନିକ ଏବଂ ସୈନିକ ପରିବାରଙ୍କ ହୋଇଥାଏ କିନ୍ତୁ ତିନୋଟି ଜିଲ୍ଲା (୧) ବାଲେଶ୍ୱର (୨) ଭଦ୍ରକ ଏବଂ (୩) ମୟୂରଭଞ୍ଜ ପାଇଁ ହେଲେ ମଧ ଏହା ଆମ୍ଭ ପାଇଁ ଭଲ ଫଳପ୍ରଦ ହେଉନାହିଁ । ଯେହେତୁ ନିୟମ ଅନୁସାରେ ଯାହାର କାର୍ଡ ଅଛି ସେ ଭାରତରେ ଯେକୌଣସି କେଂଟିନରୁ ଜିନିଷ ନେଇପାରିବ, କିନ୍ତୁ ଦୁଃଖର କଥା ଏହିକି ଯେ ଜିନିଷ ଥିଲେ ମଧ ଡିସ୍‌ପ୍ଲେ ବୋର୍ଡରେ ରଖା ଯାଇନଥାଏ । ଆଉ ଆମ୍ଭମାନଙ୍କ ପ୍ରତି ସେମାନଙ୍କ ବ୍ୟବହାର ମଧ ଠିକ୍ ନଥାଏ; ଯେହେତୁ ଆମ୍ଭେ ଅବସରପ୍ରାପ୍ତ । ଆମ୍ଭେ ଅନେକ ଥର ଲିଖିତ ଆକାରରେ ତାଙ୍କୁ ଦେଇଛୁ ଏବଂ ଭେଟିଛୁ ମଧ କିନ୍ତୁ ଦୁଃଖର କଥା ସେମାନେ ନା ଶୁଣନ୍ତି ନା ଆମ୍ଭେ କୌଣସି ଚିଠିର ଉତ୍ତର ପାଇଛୁ । ଏଣୁ ବାଧ୍ୟ ହୋଇ ଆମ୍ଭର ଦାବି ପୂରଣ ପାଇଁ ଆମ୍ଭେ ରାଜରାସ୍ତାରେ ଓହ୍ଲେଇବା ପାଇଁ ବାଧ ହେଲୁ । ଏଣୁ ଆପଣଙ୍କୁ ଅନୁରୋଧ ଆମ୍ଭର ଦୁଃଖ ଆପଣମାନଙ୍କ ଜରିଆରେ ତାଙ୍କ ପାଖରେ ପହଞ୍ଚିଲେ ଆମ୍ଭେମାନେ ଆମ୍ଭର ଅଧିକାର ପାଇବାକୁ ଆଶା କରିବୁ ନହେଲେ ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବୁ ।

## ସର୍ଟ ସର୍କିଟରେ ପୋଡ଼ିଗଲା ତିନି ବଖରା ଘର

ନୀଳଗିରି, ୧୪/୧୨ (ନି.ପ୍ର): ସର୍ଟ ସର୍କିଟ ଯୋଗୁଁ ତିନି ବଖରା ଘରପୋଡ଼ି ପାଉଁଶ ହୋଇ ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସଂପତି ନଷ୍ଟ ହୋଇଯାଇଛି । ସୂଚନାଥାଉକି ନୀଳଗିରି ଥାନା ଅଧିନସ୍ଥ କାଣ୍ଡଗରଡ଼ି ଗ୍ରା.ପ.ର ମୁକୁନ୍ଦପୁର ଗ୍ରାମର ବାମଦେବ ଦାସଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି । ଘଟଣାସ୍ଥଳରେ ନୀଳଗିରି ଦମକଳ ବାହିନୀ ଓ ବାହନଗା ଦମକଳ ବାହିନୀ ପହଂଚିଲା ବେଳକୁ ସଂପୂର୍ଣ୍ଣ ପୋଡ଼ି ଯାଇଥିଲା । ଘରେ ଥିବା ସମସ୍ତ ଆସବାବପତ୍ର , ୩୦ହଜାର ଟଙ୍କା, ସୁନା ଅଳଙ୍କାର ମାନ ପୋଡ଼ି ଯାଇଥିଲା। ଖବର ପାଇ ନୀଳଗିରିର ଶିଶିର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ଘଟଣାସ୍ଥଳରେ ପହଂଚି ବାସଶୂନ୍ୟ ପରିବାରକୁ ଆର୍ଥିକ ସହାୟତା ଦେବା ସହ କମ୍ବଳ, ଲୁଗା ପ୍ରଦାନ କରିଛନ୍ତି । ତୁରନ୍ତ ସରକାରୀ ସହାୟତା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୩୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଡିଭାଇନରେ ସହୀଦଙ୍କ ନିମନ୍ତେ ଶୋକସଭା




ବାରିପଦା, ୧୪/୧୨ (ନି.ପ୍ର): ବାରିପଦାସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜି ରେ ଆଜି ତାମିଲନାଡୁର କୁନ୍ନୁର ଠାରେ ହୋଇଥିବା ହେଲିକ୍ୟାପଟର ଦୁର୍ଘଟଣାର ପ୍ରାଣ ହରାଇ ଥିବା ସହିଦମାନଙ୍କ ଉଦେଶ୍ୟରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ଉକ୍ତ ସଭାରେ ଡିଭାଇନର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଟ୍ରଷ୍ଟି ପୂର୍ଣଚନ୍ଦ୍ର ବୁଗୁଡେଇ ତାମିଲନାଡୁର କୁନ୍ନୁର ଠାରେ ହୋଇଥିବା ଆକସ୍ମିକ ଚୋପର ଦୁର୍ଘଟଣାର ସହିଦ ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସେମାନଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ । ନିଜ ପରିବାର-ପରିଜନଙ୍କୁ ଛାଡି ଦେଶ ମାତୃକା ସେବା ପାଇଁ ଉତ୍ସର୍ଗୀକୃତ ସେବା ନିମନ୍ତେ ସେମାନେ ସବୁଦିନ ମନେ ପଡିବେ ଏବଂ ଇତିହାସ ତାଙ୍କୁ ମନେ ରଖିବ ବୋଲି କହିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଏହି ଦୁଖଦ ଘଟଣାକୁ ଭାରତୀୟ ରକ୍ଷାକ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଭିହିତ କରିବା ସହ ଇଶ୍ୱର ଏହି ଦୁଃଖଦ ସମୟରେ ସେମାନଙ୍କ ପରିବାରକୁ ଯଥେଷ୍ଟ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ବୀର ସହିଦ ଯବାନ ମାନଙ୍କ ଉଦେଶ୍ୟରେ ଡିଭାଇନର ଅଧାପକ-ଅଧାପିକା, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ନୀରବ ପ୍ରାର୍ଥନା ସହ ସମୂହ ଦୀପ ତଥା ମହମବତୀ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ସଜନାଗଡ଼ ବଡ଼ ପୋଲ ନିର୍ମାଣ ପ୍ରସଙ୍ଗ, ବିଛିନ୍ନ ହୋଇପାରେ ଶେରଗଡ଼-ଉଦଳା ରାସ୍ତା

ନୀଳଗିରି, ୧୪/୧୨ (ନି.ପ୍ର): ନୀଳଗିରି ପୂର୍ତ ବିଭାଗ ଏବେ ଠିକାଦାରଙ୍କ ମର୍ଜି ଉପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ବେଶ ଚର୍ଚ୍ଚା ଚାଲିଛି । ଏଥିପାଇଁ ଶେରଗଡ଼-ଉଦଳା ୧୯ନଂ. ରାଜ୍ୟ ରାଜପଥ ବିଛିନ୍ନ ହୋଇପାରେ ବୋଲି ଆଶା ଆଶଙ୍କା ପ୍ରକାଶ ପାଇଛି । ସୂଚନା ଥାଉକି ୩କୋଟି ବ୍ୟୟ ଅଟକଳରେ ସଜନାଗଡ଼ ବଡ଼ ପୋଲ (ଘାଗରା ସେତୁ) ଉପରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସଂପୃକ୍ତ ଠିକାଦାର ଜଣକ ପୋଲ ପାଇଁ ବେସ୍ ଖୋଳୁଥିବା ବେଳେ ମୁଖ୍ୟ ରାସ୍ତାର ପିଚୁ ସାଇଡରୁ ଜେସିବି ଦ୍ୱାରା ମାଟି ବାହାର କରିଦେବାରୁ ମୁଖ୍ୟ ପିଚୁ ରାସ୍ତାଟି ଗଳିପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି । ଉକ୍ତ ରାସ୍ତାଟି ପ୍ରତିଟି ସମୟରେ ଭାରିଯାନ ଯାତାୟତ ହେଉଥିବାରୁ ପୋଲକୁ ସଂଯୋଗ କରୁଥିବା ରାସ୍ତା ଅତଡ଼ା ଖସିବା ଆରମ୍ଭ କରିଛି । ବର୍ଷା ହେଲେ ଏହା ଅଧିକ ବିପଦ ସଂକୁଳ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନୀଳଗିରି ପୂର୍ତବିଭାଗ ଧ୍ୟାନ ନ ଦେଲେ ୧୯ନଂ. ରାଜ୍ୟ ରାଜପଥଟି ବିଛିନ୍ନ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଉକ୍ତ ପ୍ରକଳ୍ପଟି ତିନି ବର୍ଷ ପୂର୍ବରୁ ଟେଣ୍ଡର ହୋଇଥିବା ବେଳେ ଠିକାଦାର ଜଣକ ଏବେ ପୋଲ କାର୍ଯ୍ୟ ଆରମ୍ଭ କରିଥିବା ନେଇ ଠିକାଦାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାରିପଦା,୧୪/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଆନ୍ତ ମହାବିଦ୍ୟାଳୟ ସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ମୟୂରଭଞ୍ଜ କଲେଜ ଅଫ ଏକାଉନଟେନସି ଏଣ୍ଡ ମେନେଜମେଂଟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରିଥିଲେ । ମହିଳା ବିଭାଗରେ ମହାରାଜ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ନାତକୋତୋର ବିଭାଗ ଚମ୍ପିୟାନ ହୋଇଥିବା ବେଳେ ପୁରୁଷ ବିଭାଗର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚମ୍ପିୟାନ ହୋଇଥିଲେ । ମହିଳା ବିଭାଗରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପି.ଜି. ଛାତ୍ରୀ ଏସ.ଡି. ଅନୁପ୍ରିୟା ମାଝୀ ସବୁଠାରୁ ଭଲ ଚେସ ଖେଳାଳି ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଅସୀତ କୁମାର ମହାନ୍ତିଙ୍କୁ ପୁରୁଷ ବିଭାଗରେ ସବୁଠାରୁ ଭଲ ଚେସ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ଖେଳ ପରିଚାଳନା କରିଥିବା ବେଳେ ରାଗଧାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମହାବିଦ୍ୟାଳୟ ଖେଳ ଶିକ୍ଷକ ଧନଞ୍ଜୟ ତ୍ରିପାଠୀ, ବସନ୍ତ କୁମାର ସାହୁ, ଅଭିଷେକ ଆଚାର୍ଯ୍ୟ, ଅବିନାଶ ସାହୁ ଆରବିଟର ଭାବେ କାର୍ଯ୍ୟ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତୋର ବିଭାଗର ଚେୟାରମେନ ପ୍ରଫେସର ଅନୀଲ କୁମାର ବିଶ୍ୱାଳ ଆନ୍ତ ମହାବିଦ୍ୟାଳୟ ସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ବିଶ୍ୱ-ବିଦ୍ୟା ବ୍ୟାଖ୍ୟାନ' ଆଲୋଚନା ଚକ୍ର ଅନୁଷ୍ଠିତ



ବାଲେଶ୍ୱର,୧୪/୧୨ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସଭା ପ୍ରକୋଷ୍ଠରେ 'ଏକ୍ସଟ୍ରା ମୁରାଲ ଲେକଚର' ବା 'ବିଶ୍ୱ-ବିଦ୍ୟା ମୂଳକ ବ୍ୟାଖ୍ୟାନ' ଆୟୋଜିତ ହୋଇଯାଇଛି । ଏହି ସଭାରେ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ଡ. ସୂର୍ଯ୍ୟେନ୍ଦୁ କୁମାର ଦେ । ମୁଖ୍ୟ ଅତିଥି ସାହିତ୍ୟର ବିଶ୍ୱସ୍ତରୀୟ ଆବୃତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀଙ୍କ ଶୁଭେଚ୍ଛା ବାର୍ତ୍ତା ଜ୍ଞାପନ କରାଯାଇଥିଲା । ଏଥିରେ ମୁଖ୍ୟବକ୍ତା ତଥା ସଭାର ମୁଖ୍ୟ ଆକର୍ଷଣ ଭାବେ ଯୋଗଦେଇ ମାଡ୍ରାସ ବିଶ୍ୱବିଦ୍ୟାଳୟର ଗବେଷକ, ସାହିତ୍ୟିକ ପ୍ରଫେସର ଅନନ୍ତ କୁମାର ଗିରି ବିଶ୍ୱ ସାହିତ୍ୟ ଓ ମାନବ-ବିଦ୍ୟାର ବିଭିନ୍ନ ଦିଗ ସଂପର୍କରେ ବର୍ଣ୍ଣନା କରିଥିଲେ । 'ସାହିତ୍ୟ, ଦର୍ଶନ ଓ ମାନବ-ବିଜ୍ଞାନ' ଶୀର୍ଷକ ଏହି ବ୍ୟାଖ୍ୟାନ କାର୍ଯ୍ୟକ୍ରମ ସଫଳତାର ସହିତ ସଂପନ୍ନ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ଏହି ସଭାରେ ଭାଷା ସାହିତ୍ୟ ବିଭାଗର ଆସୋସିଏଟ ପ୍ରଫେସର ଡ. ଦେବାଶିଷ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.ରାମକୃଷ୍ଣ ପ୍ରଧାନ ସଭା ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗର ବିଦ୍ୱାନ ପ୍ରଫେସର ମଣ୍ଡଳୀ ଡ. ସଦାବ ଆଲାମ, ଡ. ସୌମ୍ୟା ସଂଗୀତା ସାହୁ, ଡ. ପ୍ରହଲ୍ଲାଦ ଥିଲ, ରେଶମୀ ଖାତୁନ, ଓ. ସିପ୍ରା ସଂଗୀତା, ଡ. ପବିତ୍ର ମୋହନ ନାୟକ, ଡ. ସୁଶାନ୍ତ ବାରିକ୍ ଡ. ମହମ୍ମଦ ସାରିବ୍ ପ୍ରମୁଖ ଯୋଗଦାନ କରିଥିଲେ । ସଭାଶେଷରେ ଡ. ମିନତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ

ବାଲେଶ୍ୱର,୧୪/୧୨ (ନି.ପ୍ର): ବିଧାନସଭା ଘେରାଉ ବେଳେ ଛାତ୍ର କଂଗ୍ରେସ କର୍ମୀଙ୍କୁ ମାଡ଼ ଓ କଂଗ୍ରେସ ଭବନରେ ପଶି ପୁଲିସର ଆକ୍ରମଣକୁ ବିରୋଧ କରି ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଓ ଓ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସର ବିଭିନ୍ନ ବର୍ଗର ବହୁ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଜିଲା କଂଗ୍ରେସ କମିଟି ସମ୍ପାଦିକ ସୁଧାଂଶୁ ଶେଖର ଜେନା ଓ ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିସିସି ପ୍ରବକ୍ତା ସୁଦର୍ଶନ ଦାସ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ୨୨ ବର୍ଷର ଶାସନ କାଳରେ ବିଜେଡି ଦୁର୍ନୀତିର ଚରମ ସୀମାରେ ପହଞ୍ଚିଥିବା ବେଳେ ପୁଲିସ ଏବେ ସରକାରଙ୍କ ହାତବାରିସ ହୋଇଥିବା କହିଥିଲେ। ପୁଲିସ ରକ୍ଷକ ହେବା ବଦଳରେ ଭକ୍ଷକ ସାଜିଥିବା ସେ ଆରୋପ କରିଥିଲେ। ପୁଲିସର ଏହି ବର୍ବରୋଚିତ ଦମନ ଲୀଳା ବିରୋଧରେ କେବଳ କଂଗ୍ରେସ ନୁହେଁ ଆଗାମୀ ଦିନରେ ସମଗ୍ର ରାଜ୍ୟବାସୀ ଉଚିତ ଜବାବ ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକ, ବସ୍ତା କଂଗ୍ରେସ ନେତା ବିଜନ ନାୟକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଅଣ ସଂଗଠିତ ଶ୍ରମିକ ସଂଘ ଜିଲା ସଭାପତି ବିକାଶ ଦାସ ପ୍ରମୁଖ ଏଥିରେ ଯୋଗଦେଇ ବିଜେଡି ସରକାର ଓ ଓଡ଼ିଶା ପୁଲିସ ବିରୋଧରେ ବର୍ଷି ଥିଲେ। ଏହି ଅବସରରେ ବ୍ୟାରିକେଟ ଭାଙ୍ଗି ଏସପିଙ୍କ ଅଫିସ ପରିସରକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବା ବହୁ କଂଗ୍ରେସ କର୍ମୀଙ୍କୁ ପୁଲିସ ଗିରଫ ସହ ଗାଡ଼ିରେ ଅନ୍ୟତ୍ର ନେଇ ଛାଡ଼ିଥିଲା। ପରେ ଏକ ୭ଜଣିଆ ପ୍ରତିନିଧି ଦଳ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ଆଗରେ ଭୂତପୂର୍ବ ସୈନିକ ଅଧିକାର ମଞ୍ଚର ଧାରଣା



ବାଲେଶ୍ୱର,୧୪/୧୨ (ନି.ପ୍ର): ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ(ଡିଆରଡିଓ) ପରିସରରେ ଥିବା କ୍ୟାଣ୍ଟିନରୁ ଜିନିଷପତ୍ର କିଣାକିଣିରେ ଅବସରପ୍ରାପ୍ତ ସେନାନୀଙ୍କ ପ୍ରତି ବିଭାଗୀୟ ଉଦାସୀନତାକୁ ନେଇ ଭୂତପୂର୍ବ ସୈନିକ ଅଧିକାର ମଞ୍ଚ ପକ୍ଷରୁ ଗଣଧାରଣା ଓ ବିକ୍ଷୋଭ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ମନୋଜ ଦାସ, ଆବାହକ ମହେଶ୍ୱର ବେହେରା ଓ ସମ୍ପାଦକ ଦୁର୍ଗାପଦ ଭୂୟାଁ ପ୍ରମୁଖଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ସୈନିକମାନେ ଏହି ଗଣଧାରଣାରେ ଯୋଗଦେଇ ଚାନ୍ଦିପୁର ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କ ଉଦାସୀନତାର ପ୍ରତିବାଦ କରିଥିଲେ। ସରକାରୀ ନିୟମ ଅନୁସାରେ ଜଣେ ଅବସରପ୍ରାପ୍ତ ସୈନିକ ଭାରତର ଯେ କୌଣସି ସ୍ଥାନରେ ଥିବା କ୍ୟାଣ୍ଟିନରୁ ନିଜର ଆବଶ୍ୟକ ସାମଗ୍ରୀ କିଣିପାରିବା କଥା। ଏହି କ୍ରମରେ ଚାନ୍ଦିପୁରରେ ଆଇଟିଆର, ପିଏକ୍ସଇ, ମୁଖ୍ୟ ଶାଖା କ୍ୟାଣ୍ଟିନ ସାଙ୍ଗକୁ ଆଉଏକ ଉପ-କ୍ୟାଣ୍ଟିନ ଶାଖା ବି ରହିଛି। ଏଥି ସହିତ ପୂର୍ବରୁ ବାଲେଶ୍ୱର ସହରରେ ଥିବା ଅନ୍ୟଏକ ଶାଖା କ୍ୟାଣ୍ଟିନକୁ ଏବେ ବନ୍ଦ କରି ଦିଆଯାଇଛି। ତେବେ ଚାନ୍ଦିପୁରରେ ଥିବା ୩ କ୍ୟାଣ୍ଟିନରେ ଅବସରପ୍ରାପ୍ତ ସେନାନୀଙ୍କ ନିମନ୍ତେ କୌଣସି ସୁବିଧା ନଥିବା ଧାରଣାକାରୀମାନେ କହିଛନ୍ତି। ପ୍ରତିମାସ ସାମଗ୍ରୀ ଉପଲବ୍ଧ ଥିବା ବେଳେ ଏହି କ୍ୟାଣ୍ଟିନ ଅବସରପ୍ରାପ୍ତ ସେନାନୀଙ୍କ ପାଇଁ ବନ୍ଦ କରି ଦିଆଯାଉଛି। ଆବଶ୍ୟକ ସାମଗ୍ରୀ ଶେଷ ହୋଇ ଆସିବା ପରେ ଏହାକୁ ଖୋଲା ଯାଉଥିବାରୁ ଅବସରପ୍ରାପ୍ତ ସେନାନୀ ନିଜର ଆବଶ୍ୟକ ଜିନିଷପତ୍ର କିଣିବାରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏମିତିକି ସାମଗ୍ରୀ ଉପଲବ୍ଧ ସମ୍ପର୍କରେ କୌଣସି ଦିନ ଡିସପ୍ଲେ ବୋର୍ଡ଼ରେ କାର୍ଡ଼ଧାରୀଙ୍କୁ ଜଣାଯାଏ ନାହିଁ। ଅନ୍ୟପକ୍ଷରେ ଅବସରପ୍ରାପ୍ତ ସେନାନୀଙ୍କ ପ୍ରତି କ୍ୟାଣ୍ଟିନ ମ୍ୟାନେଜରଙ୍କ ଅଭଦ୍ରୋଚିତ ବ୍ୟବହାର ଦିନକୁ ଦିନ ଅସହ୍ୟ ହୋଇ ପଡୁଥିଲେ ବି ଶୁଣିବାକୁ କେହି ନାହିଁ। ଏ ବାବଦରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ପରେ ବି କୌଣସି ଫଳ ନ ମିଳିବାରୁ ଶେଷରେ ଗଣଧାରଣା ପାଇଁ ମଞ୍ଚ ନିଷ୍ପତ୍ତି ନେଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ତୁରନ୍ତ ଉଚିତ ପଦକ୍ଷେ ନିଆ ନ ଗଲେ ଆଗାମୀ ଦିନେର ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି।

# ତମାଖୁ ସେବନ ନିଷେଧ ନିମନ୍ତେ 'ଆଇନ ପ୍ରବର୍ତ୍ତନ' ସଂପର୍କୀତ କର୍ମଶାଳା

ବାରିପଦା, ୧୪/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତା୧୩-୧୨-୨୦୨୧ରିଖ ସୋମବାର ପୂର୍ବାହ୍ନରେ ତମାଖୁ ନିଷେଧ ଆଇନ ପ୍ରବର୍ତ୍ତନ ସଂପର୍କୀତ ଏକ କର୍ମଶାଳା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରିଷିକେଶ ଦ୍ୟାନଦେଓ୍ୱ ଖିଲାରୀ, ଭା.ପୋ.ସେ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ଜିଲ୍ଲା କୁଷ୍ଠନିରାକରଣ ଅଧିକାରୀ ଡା. ସାନ୍ତନୁ କୁମାର ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା ଅଧିକାରୀ ଶ୍ରୀ ପି.ପି. ପତି, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଣି ସଂଯୁକ୍ତା ହେମ୍ବ୍ରମ, ଜିଲ୍ଲା ଔଷଧ ନିରୀକ୍ଷକ ଶ୍ରୀ ରୁଦ୍ର ନାରାୟଣ ସାହୁ, ଏପିଡେମିଓଲଜିଷ୍ଟ ଶ୍ରୀ ବିଭୁଦତ୍ତ ଦାସ ପ୍ରମୁଖ ସମେତ ଜିଲ୍ଲାର ସମସ୍ତ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ । କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଖିଲାରୀ ଦୃଷ୍ଟି ଆକର୍ଷଣ କରି କହିଲେ ଯେ ସିଗାରେଟ ତଥା ଅନ୍ୟାନ ତମାଖୁ ଜାତ ଦ୍ରବ୍ୟ ଅଧିନିୟମ-୨୦୦୩ ଅନୁଯାଇ କୌଣସି ଶିକ୍ଷା ଅନୁଷ୍ଠାନର ୧୦୦ମିଟର ଦୂରତା ଭିତରେ କୌଣସି ନିଶା ଦ୍ରବ୍ୟ ବିକ୍ରି ହୋଇ ପାରିବ ନାହିଁ । ଯଦି କୌଣସି ଶିକ୍ଷା ଅନୁଷ୍ଠାନ ନିକଟରେ ବିକ୍ରି କରାଯାଉଥିବାର ପରିଲକ୍ଷିତ ହୁଏ ବା କୌଣସି ସୂତ୍ରରୁ ଖବର ମିଳେ ତା ହେଲେ ଜିଲ୍ଲାର ଆଇନ ପ୍ରବର୍ତ୍ତନ ଦଳ ଉକ୍ତ ସ୍ଥାନରେ ପହ୍ ଦୋକାନ ଉପରେ ଚଢାଉ କରି ବିକ୍ରେତାଙ୍କଠାରୁ ନିର୍ଦ୍ଧାରିତ ଜରିମନା ଆଦାୟ କରିବା ସଙ୍ଗେ ସଙ୍ଗେ ନିୟମ ଅନୁଯାୟୀ ଦଣ୍ଡ ବିଧାନ କରାଯିବାର ଥାନା ଅଧିକାରୀ ମାନଙ୍କ କ୍ଷମତା ଓ କାର୍ଯ୍ୟ ପରିସର ଦିଗ ଉପରେ ଆରକ୍ଷୀ ଅଧୀକ୍ଷକ ସୂଚାଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର ବ୍ୟକ୍ତବ୍ୟରେ କହିଥିଲେ ଯେ, ତମାଖୁ ବା ଅନ୍ୟାନ ନିଶାଦ୍ରବ୍ୟ ସେବନରୁ ଜିଲ୍ଲାକୁ ମୁକ୍ତ କରିବାକୁ ହେଲେ ଆମ ସମସ୍ତଙ୍କର ମିଳିତ ଉଦ୍ୟମ ଏକାନ୍ତ ଅପରିହାର୍ଯ୍ୟ ବୋଲି ପ୍ରକାଶ କରିବା ସହିତ ସୁସ୍ଥ ସମାଜ ଗଠନର ଆଗାମି ଯୁବପିଢୀ ଉପରେ ଗୁରୁତ୍ୱ ଆରୋପ କରି ନିଶାମୁକ୍ତ ଜୀବନ ଜାପନ କରିବା ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟ ଟବାକୋ କନସଲଟା ଡା. ଗିରିଜା ଶଙ୍କର ମିଶ୍ର ସିଗାରେଟ ଏବଂ ଅନ୍ୟାନ୍ୟ ନିଶା ଜାତ ଦ୍ରବ୍ୟ ଉତ୍ପାଦନ ୨୦୦୩ ଅଧିନିୟମର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋନା କରି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଥିଲେ ।

# ନଛିପୁର ହାଇସ୍କୁଲ ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ



ଖଇରା, ୧୪/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ଗ୍ରାମ ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଜୟନ୍ତୀ କମିଟିର ଅଧ୍ୟକ୍ଷ ତଥା ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏଥିରେ ଯୋଗ ଦେଇ ବିଦ୍ୟାଳୟର ଭିତ୍ତିଭୂମି ସଜାଡିବାକୁ ସରକାର ପ୍ରାଥମିକତା ଦେଉଛନ୍ତି । ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଦାୟିତ୍ୱ ଶିକ୍ଷୟତ୍ରୀ ଶିକ୍ଷକଙ୍କର । ଏଣୁ ପିଲାମାନେ ଜ୍ଞାନ ଆହରଣ ପାଇଁ ହାତରେ ବହି ଏବଂ ଶରୀର ସୁସ୍ଥ ପାଇଁ ଗୋଡରେ ବଲ ଅର୍ଥାତ ଖେଳା ଖେଳି କରିବା ଦରକାର। ଏହା ଦ୍ୱାରା ପିଲା ମାନଙ୍କ ଭବିଷ୍ୟତ ଗଠନ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ କ୍ରୀଡା, ସୂଚନାପ୍ରଯୁକ୍ତି ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇ ବର୍ତ୍ତମାନ ମୋବାଇଲ ପିଲାମାନଙ୍କୁ କୁପଥଗାମୀ କରୁଛି । ଏଣୁ ଅଭିଭାବକ ମାନେ ଏଥିପ୍ରତି ଯଥେଷ୍ଟ ଯତ୍ନବାନ ହେବା ଦରକାର ବୋଲି କହିଥିଲେ । ଆଇନଜିବୀ ନାଗାର୍ଜୁନ ସେଠୀ,ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ,ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ,ସରପଞ୍ଚ ପଙ୍କଜିନୀ ଦାସମହାପାତ୍ର, ପରିଚାଳନା କମିଟି ସଭାପତି ଭରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । କିଶୋର ରାଉତଙ୍କ ଦ୍ୱରା ସ୍ୱାଗତ ସଙ୍ଗୀତ,ଜୟନ୍ତୀ କମିଟିର ସମ୍ପାଦକ ସଂଗ୍ରାମ କେଶରୀ ପଣ୍ଡା ବିବରଣୀ ପାଠ,ନରସିଂହ ପାଣି ବେଦପାଠ,ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ବିଡିଓ ପର୍ଶୁରାମ ପଣ୍ଡା ପତାକା ଉତ୍ତୋଳନ ପୁର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବେନ୍ଦ୍ର କୁମାର ରାଉତ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଶିକ୍ଷକ ଭୀଷ୍ମଚରଣ ନାୟକ ଓ କ୍ଷେତ୍ରମୋହନ ସେନାପତି ବକ୍ତାଭାବେ ଯୋଗ ଦେଇଥିଲେ । ଅପରାହ୍ନରେ ଅନୁଷ୍ଠାନର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଶିତ ହୋଇଥିଲା ।

## ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ସହ ଜଡିତ ବିଧେୟକକୁ ସଂସଦର ମଞ୍ଜୁରି

ନୂଆଦିଲ୍ଲୀ,୧୪/୧୨: କେନ୍ଦ୍ରୀୟ ଯାଂଚ ବ୍ୟୁରୋ(ସିବିଆଇ)ର ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ସୀମିତ କରାଯିବାର ପ୍ରାବଧାନ ସହିତ ଜଡିତ ବିଧେୟକକୁ ମଙ୍ଗଳବାର ଦିନ ସଂସଦରୁ ମଞ୍ଜୁରୀ ମିଳିଛି। ରାଜ୍ୟସଭା ଆଜି ବିଶେଷ ପୋଲିସ୍ ସ୍ଥାପନା(ସଂଶୋଧନ) ବିଧେୟକ, ୨୦୨୧କୁ ପାରିତ କରିଛି। ଏହି ବିଧେୟକ ଏହାସହ ଯୋଡ଼ିଥିବା ୧୯୪୬ର ଅଧିନିୟମରେ ସଂଶୋଧନ କରିବ। ବିଧେୟକକୁ ଲୋକସଭା ପୂର୍ବରୁ ୧୦ ଡିସେମ୍ବରରେ ପାରିତ କରିଛି। ବିଧେୟକର ଉଦ୍ଦେଶ୍ୟ ସିବିଆଇ ମୁଖ୍ୟ କାର୍ଯ୍ୟାଳୟକୁ ୫ ବର୍ଷ ପର୍ଯ୍ୟନ୍ତ ରଖିବାର ବ୍ୟବସ୍ଥା କରିବା। ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ସିବିଆଇ ପ୍ରମୁଖଙ୍କୁ କାର୍ଯ୍ୟକାଳକୁ ଦୁଇବର୍ଷ ପରେ ଗୋଟିଏ ଗୋଟିଏ ବର୍ଷ ପର୍ଯ୍ୟନ୍ତ ବଢ଼ାଇ ପାଂଚବର୍ଷ ପର୍ଯ୍ୟନ୍ତ କରାଯାଇପାରିବ।

# ପୋଲିସ ହାଇସ୍କୁଲର ୨୦୦୧ ମସିହା ମ୍ୟାଟ୍ରିକ ବ୍ୟାଚ ବନ୍ଧୁ ମିଳନ



ବାରିପଦା, ୧୪/୧୨ (ନି.ପ୍ର): ବାରିପଦା ପୋଲିସ ହାଇସ୍କୁଲ ର ୨୦୦୧ ମସିହା ରେ ମାଟ୍ରିକ ପାସ କରିଥିବା ଛାତ୍ର ମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ବିଶ୍ୱପ୍ରସିଦ୍ଧ ଶିମିଳିପାଳ ପାଦ ଦେଶରେ ଥିବା ଲୁଲୁଙ୍ଗ ଠାରେ ଅନୁଷ୍ଠିତ ହୋଇ ଯାଇଛି । ମାଟ୍ରିକ ପାଶ ପରେ ସମସ୍ତ ବନ୍ଧୁ ମାନେ ନିଜ ନିଜ କର୍ମରେ ବିଭିନ୍ନ ସ୍ଥାନରେ ନିଯୁକ୍ତ ହୋଇଛନ୍ତି । ତେବେ ବର୍ଷର ଗୋଟିଏ ଦିନ ସମସ୍ତ ବନ୍ଧୁ ଏକାଠି ହୋଇ ନିଜ ନିଜର ସ୍ମୃତି ସାଉଁଟିଥିବା ଏହି କାର୍ଯ୍ୟକ୍ରମରେ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମରେ ଦୂରଦୂରାନ୍ତରୁ ସମସ୍ତ ବନ୍ଧୁମାନେ ଏଥିରେ ଯୋଗ ଦେଇ ବିଦ୍ୟାଳୟର ସମସ୍ତ ସ୍ମୃତିକୁ ମନେ ପକାଇଥିଲେ । ଏହା ଭିତରେ ବନ୍ଧୁ ମାନଙ୍କ ଭିତରୁ କିଛୁ ବନ୍ଧୁଙ୍କର ଅକାଳ ବିୟୋଗ ଘଟିଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ସମସ୍ତେ ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ବନ୍ଧୁ ମାନଙ୍କ ଭିତରେ ସତ୍ୟବ୍ରତ ରାଉତ, ଦେବେନ୍ଦ୍ର ଦାଶ, ଜଗତପତି ହାଁସଦାଃ, ରାଜେଶ ଦାଶ, ସନ୍ଦୀପ ମିଶ୍ର, ନବ କିଶୋର ଦାସ, ସୁମନ ମଣ୍ଡଳ, ଗୋପାଳ ଯାଦବ, ଶ୍ରୀଧର ହାଁସଦାଃ, ଅର୍ଜୁନ ମହାନ୍ତ, ଶରତ ଚନ୍ଦ୍ର ମୁର୍ମୁ, ଚତୁର୍ଭୁଜ ମାରାଣ୍ଡି, ରାଜୀବ କୁମାର ଥମ୍ବ, ରାଜେଶ ମହାରଣା, ମଳୟ କୁମାର ବଳ, ଅନିଲ ଗିରି ପ୍ରମୁଖ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ ।

## ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବାକୁ କେନ୍ଦ୍ର ସରକାର ମନା କରିଦେବା ପରେ ରାଜ୍ୟର ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ରାଜ୍ୟର କୌଣସିସ୍ତରରେ ଏହାକୁ ଗ୍ରହଣ କରାଯାଉ ନଥିବାରୁ ଓଡ଼ିଶା ନାଗରିକ ସମାଜ ଏହି ଘଟଣାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଛି। ଆବଶ୍ୟକ ହେଲେ ଦିଲ୍ଲୀ ଯାଇ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ବହୁସଂଖ୍ୟକ ପାଇକ ଧାରଣା ଦେବେ। ଏଭଳି ଏକ ସମ୍ବେଦନଶୀଳ ବିଷୟକୁ ଆଲୋଚନା କରିବା ପାଇଁ ଓଡ଼ିଶା ନାଗରିକ ସମାଜ ତାର ପ୍ରତିଷ୍ଠା ଦିବସରେ ଏକ ଆଲୋଚନାଚକ୍ରର ଆୟୋଜନ କରିଛି। ଏହି ଆଲୋଚନାଚକ୍ର ଡ଼ିସେମ୍ବର ୧୮ ତାରିଖ ୧୦.୩୦ମିନିଟ୍ ସମୟରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେପିର ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପ୍ରସାଦ ରହିଚନ୍ଦନ, ପ୍ରଫେସର ନାରାୟଣ ରାଓ ଅତିଥି ଭାବେ ଯୋଗ ଦେବେ। ଏହି ଉତ୍ସବରେ କଟକର ବଦାନ୍ୟ ମହିୟସୀ ମହିଳା ମୀନତି ପଟ୍ଟନାୟକ, ଇଞ୍ଜିନିୟର ଶଶୀଭୂଷଣ ନାଏକ ଐତିହାସିକ ପ୍ରଫେସର ନାରାୟଣ ରାଓଙ୍କୁ ସମ୍ମାନିତ କରାଯିବ ବୋଲି ସଭାପତି ଲଳିତ ମୋହନ ପଟ୍ଟନାୟକ, ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ପ୍ରତିଷ୍ଠାତା ସମ୍ପାଦକ ମନୋଜ ଜେନା ଜଣାଇଛନ୍ତି।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବାଲେଶ୍ୱର,୧୪/୧୨ (ନି.ପ୍ର): ବିଜୁ ଛାତ୍ର ଜନତା ଦଳ ବାଲେଶ୍ୱର ଶାଖା, ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଅଭିଯାନର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଉଦଘାଟନ କରିବା ସହିତ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତା ଏବଂ ଓଡ଼ିଶା ମୋ ପରିବାର ପ୍ରତିନିଧିଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ରକ୍ତର ଅଭାବ ପୂରଣ ପାଇଁ ଏହିଭଳି ଶିବିର ନିୟମିତ ବ୍ୟବଧାନରେ ଆୟୋଜନ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ସାହିରୁଲ ହକ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସିମନ ଦାସମହାପାତ୍ରଙ୍କ ନେତୃତ୍ୱରେ ତଥା ଛାତ୍ରନେତା ହ୍ରିତୀକ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବହୁ ଛାତ୍ର ଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଛାତ୍ରନେତା ରଶ୍ମିରଞ୍ଜନ ପ୍ରଧାନ, ଜୀବନ ସଂଗ୍ରାମ ମିଶ୍ର, ସୁମିତ ରଞ୍ଜନ କର, ରଜତ ଘଡ଼େଇ, ଅରୂପ କୁମାର ସାହୁ, ସୁଧାଂଶୁ ବାରିକ, ସୋନାଲି କରଣ, ଜ୍ୟୋତି ମଣ୍ଡଳ ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଭାରତୀୟ ଡାକ ବିଭାଗର ବିଚିତ୍ରତା

ନୀଳଗିରି, ୧୪/୧୨ (ନି.ପ୍ର): ଭାରତୀୟ ଡାକ ବିଭାଗର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ଏବେ ଉଙ୍କି ମାରୁଛି। ଗାଁ ଗହଳିରେ ହଜିଗଲାଣି ଡାକବାଲାର ଡାକ ଶବ୍ଦ । ଚିଠି ପାଇବାକୁ ଡାହୁକଭଳି ଅନାଇ ବସିଥାନ୍ତି ପରିବାର ଲୋକେ । ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଡାକବାକ୍ସ ବସିଥିବା ବେଳେ ଚିଠି ପ୍ରେରକମାନେ ଚିଠି ପକାଇଥାନ୍ତି । ମାତ୍ର ଡାକବାକ୍ସ ଗୁଡ଼ିକ ଏବେ ଅକର୍ମଣ୍ୟ ଅବସ୍ଥାରେ ଛିଡ଼ା ହୋଇଥିବା ବେଳେ ବାକ୍ସରେ ଗଦାଗଦା ଗୁରୁତ୍ୱପୂର୍ଣ୍ଣ ଚିଠି ମାସ ମାସ ଧରି ପଡ଼ି ରହୁଥିବା ବେଳେ ଚିଠି ବାକ୍ସ ର ଉପରେ ତାଲା ଝୁଲୁ ଥିବା ବେଳେ ତଳେ ଖୋଲା ପଡ଼ିଥିବାରୁ ଗୋରୁଗାଇ ମାନେ ଚିଠି ଗୁଡ଼ିକୁ ଖାଇବାକୁ ପଛାଉ ନାହାଁନ୍ତି । ଏପରି ଏକ ଘଟଣା ଖୋଦ୍ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବସିଥିବା ଡାକବାକ୍ସରେ ଦେଖିବାକୁ ମିଳିଛି । ଡାକବାକ୍ସର ତଳ ପାର୍ଶ୍ୱଟି ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଉପର ପାର୍ଶ୍ୱରେ ତାଲା ଝୁଲୁଅଛି । ବାକ୍ସରେ ପଡ଼ିଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିଠି ଗୁଡ଼ିକ ତଳ ଫାଙ୍କାରେ ଗଦା ହୋଇ ପଡ଼ି ରହିଥିବା ବେଳେ ଡାକ ବିଭାଗ ମାସ ମାସ ଧରି ଚିଠି ଗୁଡ଼ିକ ନେଉ ନ ଥିବା ବେଳେ ଖୋଲମଖୋଲା ତଳେ ପଡ଼ିଥିବାର ଦେଖିବାକୁ ମିଳିଛି । ଭାରତୀୟ ଡାକ ବିଭାଗର ଏଭଳି କାର୍ଯ୍ୟପ୍ରତି ଗ୍ରାହକମାନେ ଚିନ୍ତାର ରହୁଥିବା ବେଳେ ବାଲେଶ୍ୱର ଡାକ ଅଧିକାରୀ ଏଥିପ୍ରତି କେବେ ଦୃଷ୍ଟି ଦେବେ ତାହା ସାଧାରଣ ଜନତା ଚହିଁ ବସିଛନ୍ତି ।

## ମଥାନୀ ମାଗୁଣି ଚରଣ ବାଳାଶ୍ରମରେ ପିଲାଚୋରୀ ଉଦ୍ୟମ : ଥାନାରେ ଅଭିଯୋଗ

ବସ୍ତା, ୧୪।୧୨(ନିପ୍ର)ବସ୍ତା ଅଞ୍ଚଳରେ ଦିନ ଦି ପ୍ରହରରେ ଚୋରି, ଛିନ୍ତାଇ, ରାହାଜାନୀ ବଢିବାରେ ଲାଗିଛି। ଏବେ ପୁଣି ବସ୍ତା ଥାନା ଅଧିନସ୍ଥ ମଥାନୀ ମାଗୁଣି ଚରଣ ବାଳାଶ୍ରମରେ ଅନ୍ତେବାସୀ ପିଲା ରହୁଥିବା ବେଳେ ଛୋଟ ଛୋଟ ପିଲା ଚୋରି ବା ବାହାନାକରି କେତେଜଣ ଯୁବକ ଆଶ୍ରମ ସାମନାରେ ସମୋବାର ଗୋଟାଏ ସମୟରେ ଚକର କାଟୁଥିବା ବେଳେ ଆଶ୍ରମର ସୁପରିଟେଣ୍ଡେଣ୍ଟ ହରିହର ମହାପାତ୍ର ଓ କେତେଜଣ ଅଶ୍ରମ କର୍ମଚାରୀ ଉକ୍ତ ଯୁବକକୁ ଅଟକାଇବାପାଇଁ ଚେଷ୍ଟା କରିଥିଲେ ହେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେବାଇକର ନଂ ଓ ଡି ୦୧ ଏ ଏଲ ୫୪୩୦ । ପୁଣି ରାତ୍ରି ୯ଟା ସମୟରେ ଶ୍ରୀ ମହାପାତ୍ରଙ୍କୁ ଫୋନ ଯୋଗେ ଟଙ୍କା ମାଗୁଥିବା ବିଷୟ ବସ୍ତା ଥାନାରେ ଆଜି ଲିଖିତ ଅଭିଯୋଗ କରିଛନ୍ତି । ତେବେ ପୁଲିସର ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ୫ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟରେ ଟେଣ୍ଡର କରିବା ଦାବି

## ବାରିପଦା ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଭେଟିଲା ଭଂଜସେନା



ବାରିପଦା, ୧୪/୧୨ (ନି.ପ୍ର): ଶିଳ୍ପ ବିହୀନ ମୟୁରଭଞ୍ଜ ଜିଲ୍ଲାରେ ବେରୋଜଗାର ଯୁବ ସମାଜ ମାନେ ରୋଜଗାରକ୍ଷମ ହେବା ପାଇଁ ସେମିତି କୌଣସି ଯୋଜନା ନ ଥିବା ହେତୁ ଜିଲ୍ଲାର ଚାରଟି ସଦର ମହକୁମା ଓ ବ୍ଲକ ଗୁଡିକରେ ଯୁବକ ମାନେ ଏବେ ବହୁ ଯୁବଗୋଷ୍ଠୀ ଠିକାଦାରୀ କାର୍ଯ୍ୟକୁ ଅପଣାଉଥିବାର ଦେଖିବାକୁ ମିଳୁଛି । ଦୀର୍ଘ ଦିନ ଧରି ଜିଲ୍ଲାର ବିଭିନ୍ନ ଅଫିସରେ ୫ଲକ୍ଷରୁ କମ ବ୍ୟୟ ବରାଦ ହୋଇ ଥିବା କାର୍ଯ୍ୟକୁ ବିନା ଟେଣ୍ଡରରେ ଦେଉଥିଲେ, ଯଦ୍ୱାରା ବହୁ ଯୁବବର୍ଗ ସେହି କାର୍ଯ୍ୟକୁ କରି ନିଜ ପରିବାର ବର୍ଗଙ୍କ ଗୁଜୁରାଣ ମେଣ୍ଟାଇ ପାରୁଥିଲେ । ଏସବୁ କାର୍ଯ୍ୟ କରନା ମହାମାରୀ ପରଠାରୁ ପ୍ରାୟ ବନ୍ଦ ହେବାକୁ ବସିଲାଣି । ଏପରିକି ଏବେ କିଛି କିଛି ଅଫିସ ରେ ୧ଲକ୍ଷ ଟଙ୍କାର କାର୍ଯ୍ୟକୁ ମଧ ଟେଣ୍ଡର ଡାକି କରୁଛନ୍ତି । ଆଉ ବାଧ ହୋଇ ବେରୋଜଗାର ଯୁବକ ମାନେ ଅର୍ଥ ଉପାର୍ଜନ ଆଶାରେ ଟେଣ୍ଡର ମଧ ପକାଇ କାର୍ଯ୍ୟ କରୁଛନ୍ତି । ମାତ୍ର ସରକାରୀ ଯୋଜନା ୫ଟି ମାଧମରେ ଆସୁଥିବା ସରକାରୀ ସ୍କୁଲର ପୁନରୁଦ୍ଧାର କାର୍ଯ୍ୟ ଗୁଡିକରେ ବହୁ ଅର୍ଥ ଲାଗୁଥିଲେ ସୁଦ୍ଧା କୌଣସି ଟେଣ୍ଡର ନକରି କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଅଫିସ ଗୁଡିକ ବିନା ଟେଣ୍ଡରରେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ କାର୍ଯ୍ୟାଦେଶ ଦେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଅଭିଯୋଗ ହେଉଛି । ସେହି ପରିପ୍ରେକ୍ଷୀରେ ଶ୍ୟାମାଖୁଂଟା ବ୍ଲକ ମାଧମରେ ଆସିଥିବା ୫ଟି କାର୍ଯ୍ୟ ଗୁଡିକୁ ଟେଣ୍ଡର କରିବା ପରିବର୍ତେ କିଛି ଲୋକଙ୍କୁ ବିନା ଟେଣ୍ଡର ମାଧମରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦେଉଥିବା ଖବର ପାଇ ଆଜି ଭଞ୍ଜସେନା ଯୁବ ଶାଖା ସଭାପତି ମାନସ ବେହେରାଙ୍କ ସହ ବ୍ଲକ ଯୁବଶାଖା ସଦସ୍ୟ ଭୁବନ ମୋହନ ସିଂ, ରାକେଶ ସାମଲ, ରାକେଶ ବାରିକ , ହରିଶ ବାରିକ, ରଞ୍ଜିତ ସିଂ, ନବିନା ବିନ୍ଧାଣି, ଟୁକୁନା ବାରିକ ପ୍ରମୁଖ ଏକ ପ୍ରତିନିଧି ଦଳ ଯାଇ ଶ୍ୟାମାଖୁଂଟା ବ୍ଲକ ସହକାରୀ ଯନ୍ତ୍ରୀ ମଦନ ମୋହନ ନାୟକଙ୍କୁ ଦେଖାକରି ଉକ୍ତ କାର୍ଯ୍ୟ ଗୁଡିକୁ ଟେଣ୍ଡର ଦ୍ୱାରା କରାଯିବା ପାଇଁ ଦୃଢ ଦାବୀ ଜଣେଇଛନ୍ତି । ଯଦି ଉକ୍ତ କାର୍ଯ୍ୟ ଗୁଡିକୁ ବିନା ଟେଣ୍ଡରରେ ଦିଆଯାଏ ତେବେ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ଲୋକଙ୍କୁ ନଦେଇ ଶ୍ୟାମାଖୁଂଟା ବ୍ଲକର କାର୍ଯ୍ୟ ଅଭିଜ୍ଞତା ଥିବା ବେରୋଜଗାର ଯୁବକ ମାନଙ୍କୁ ସମାନ ଭାବେ ବାଂଟି କରି ଦେବାକୁ ଦୃଢ ଦାବୀ କରାଯାଇଛି । ଯଦି ଏହି ଦାବୀ ଗୁଡିକ ବାବଦରେ ଉକ୍ତ ଅଫିସ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ବ୍ଲକରେ ତାଲା ପକାଇବାକୁ ମଧ ସଂଗଠନ ପଛଘୁଞ୍ଚା ଦେବନାହିଁ ବୋଲି ଭଞ୍ଜସେନା ଶ୍ୟାମାଖୁଂଟା ବ୍ଲକ ଶାଖା ପକ୍ଷରୁ କୁହାଯାଇଛି ।

## ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ



ବସ୍ତା,୧୪।୧୨(ନିପ୍ର):ଆଜି ବସ୍ତା ବ୍ଲକ ସଭାଗୃହରେ ବ୍ଲକସ୍ତରିୟ ପରାର୍ମଶ୍ୱ ଶିବିର ଓଡିଶା ଜିବୀକ ମିଶନ ଓ ଡିଡି ୟୁ ଜି କେ ଓ୍ୱାଇ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରକୁ ବିଡିଓ ଜ୍ଞାନରଞ୍ଜନ ସାହୁ ଉଦଘାଟନକରିଥିଲେ । ବ୍ଲକର ଏ ବିଡିଓଅଜୟକୁମାରଦେହୁରୀ. ସିଡିପିଓ ଚମ୍ପାରାଣୀ ମୁର୍ମୁ. ବ୍ଲକ ଚେୟାରମେନ ଲକ୍ଷ୍ମୀଧରଦାସ, ଜିଲ୍ଲା କୋଡିନେଟର ଅନିଲ ରାଉତରାୟ, ବିପିଓ ଗଜେନ୍ଦ୍ର ମଲ୍ଲୀକ ଉପସ୍ଥିତ ଥିଲେ । ପ୍ରଭାତ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଏହିପରାମଶ୍ୱ ଶିବିରରେ ୧୮ରୁ୩୫ବର୍ଷର ଯୁବକ ଯୁବତୀ ୩୧୮ଜଣଙ୍କ ନାମ ପଞ୍ଜିକୃତ ହୋଇଥିଲା ।ସେଥିରୁ ୧୮୪ଜଣ ବିଭିନ୍ନ ବିଭାଗ ରୁ ଟ୍ରେନିଙ୍ଗ ଦିଆଯାଇଥିଲା । ପୁଣି ଆଗାମି ଦିନରେ ସମସ୍ତ ଯୁବତୀ ଙ୍କୁ ତାଲିମ ପରେ ଆମ୍ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା । ବି ପି ଓ ଶ୍ରୀଦାସ ଧନ୍ୟବାଦ ଯଣାଇ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo